

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୨ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 02 September 2026
Vol.No. 36 ■ No.230 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଏସସିଓ ମଞ୍ଚରେ ହାତ ମିଳାଇଲେ ବିଶ୍ୱର ତିନି ଶୀର୍ଷ ନେତୃତ୍ୱ: ସୁପରପାୱାର ଦେଖି ଆମେରିକା ଛାନିଆ

ନୂଆଦିଲ୍ଲୀ,୧/୯ : ଗୋଟିଏ ମଞ୍ଚରେ ଏକାଠି ନଜର ଆସିଲେ ତିନି ମହାଶକ୍ତି । ଏସସିଓ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକାଠି ନଜର ଆସିଲେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ । ଆନୁଷ୍ଠାନିକ ବୈଠକ ପୂର୍ବରୁ ପରସ୍ପର ସହ ମିଶାଇଲେ ହାତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି, ଚୀନ୍ ରାଷ୍ଟ୍ରପତି ସି ଜିନପିଂଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ଏସସିଓ ସମିଟ୍ ଅବସରରେ କୌଣସି ଆନୁଷ୍ଠାନିକ ବୈଠକ ପୂର୍ବରୁ ନିର୍ଦ୍ଧାରିତ ନଥିଲେ ମଧ୍ୟ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଂଙ୍କ



ମଧ୍ୟରେ ହାତମିଳାହେବା ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ଏହି ଅନୁଚିନ୍ତିତ ଭେଟଘାଟ ସମୟରେ ଉଭୟ ନେତା ପରସ୍ପରକୁ କୁଶଳବାର୍ତ୍ତା ପଚାରି ବୁଝିଥିଲେ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗରେ କିଛି ସମୟ କଥା ହୋଇଥିଲେ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ବିଶ୍ୱରୁ ଆତଙ୍କବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଏବଂ ଏହାର ପୂରା ତନ୍ତ୍ରର ଧ୍ୱଂସ କରାଯିବା ନିହାତି ଜରୁରୀ । ସୀମାପାର ଆତଙ୍କବାଦ କେବଳ ଗୋଟିଏ ଦେଶ ପାଇଁ ନୁହେଁ, ବରଂ ସମଗ୍ର ମାନବଜାତି ପାଇଁ ଏକ ବଡ଼ ବିପଦ ବୋଲି ସେ ମତ ଦେଇଛନ୍ତି । ଉଭୟ ନେତାଙ୍କ ଏହି କ୍ଷଣସ୍ଥାୟୀ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଭେଟଘାଟକୁ ଆନ୍ତର୍ଜାତୀୟ ରାଜନୀତିରେ ବେଶ୍ ଗୁରୁତ୍ୱ ଦିଆଯାଉଛି । ଏହା ଦ୍ୱାରା ଦୁଇ ଏସୀୟ ମହାଶକ୍ତିଙ୍କ ମଧ୍ୟରେ କୂଟନୈତିକ ସମ୍ପର୍କରେ ଧୀରେ ଧୀରେ ସୁଧାର ଆସୁଥିବାର ସୂଚନା ମିଳୁଛି। ସମିଟ୍‌ରେ ଆତଙ୍କବାଦ ମୁକାବିଲା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ମଧ୍ୟ ସହମତି ପ୍ରକାଶ ପାଇଛି ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା: ଜେଲରୁ ବାହାରିଲେ ବିକ୍ରମ ପଣ୍ଡା

ଭୁବନେଶ୍ୱର, ୧/୯ (ନି.ପ୍ର): ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା, ଜେଲ୍‌ରୁ ବାହାରିଲେ ବିକ୍ରମ ପଣ୍ଡା । ଗତକାଲି ତାଙ୍କ ଜାମିନ ଆବେଦନ ଉପରେ ମୋହର ଲାଗିଥିବା ବେଳେ ଆଜି ସେ ଜେଲରୁ ବାହାରିଛନ୍ତି । ସେ ଜେଲରୁ ବାହାରିବା ବେଳେ ତାଙ୍କୁ ତାଙ୍କର ସମର୍ଥକ ଓ ଶୁଭେଚ୍ଛୁମାନେ ପାଛୋଟି ନେଇଥିଲେ । ଏହାସହ ଜେଲରୁ ବାହାରି ବିକ୍ରମ ପଣ୍ଡା କହିଛନ୍ତି କି, ସେ ରାଜନୈତିକ ଷଡଯନ୍ତ୍ରରେ ଫସି ଯାଇଥିଲେ । ବିନା କାରଣରେ ତାଙ୍କୁ ୧୦ ମାସ ଜେଲରେ ରହିବାକୁ ପଡ଼ିଲା । ପୁଣି ଏବେ ଆଗକୁ ମାମଲା ଚାଲିବାକୁ ଥିବା ବେଳେ ଏହା ବିନା ଦୋଷରେ ଦଣ୍ଡ ବୋଲି ସେ କହିଛନ୍ତି । ସେପଟେ ପୁଲିସ୍ ଉପରେ ବିରକ୍ତ ହେଲେ ହାଇକୋର୍ଟ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ଦେଇଛନ୍ତି । ୧୦ ମାସ ଜେଲ୍ ?ରେ ରହିବା ପରେ ସେ ମୁକୁଳିଛନ୍ତି । ଗିରଫ ବେଳେ ପୁଲିସ୍ ବହୁତ ବାହାବାଃ ନେଇଥିଲା । ବିକ୍ରମଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପୁଲିସ କହିଥିଲା । କିନ୍ତୁ ଏବେ ହାଇକୋର୍ଟଙ୍କ ରାୟ ପରେ ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନ ଉଠିଲାଣି । ଶୁଣାଣି ବେଳେ ପୁଲିସର ବଡ଼ ଭୁଲ୍ ସାମ୍ନାକୁ ଆସିଥିଲା । ଗିରଫ ସମୟରେ ବିକ୍ରମଙ୍କୁ କୌଣସି କାରଣ ଜଣାଯାଇ ନଥିଲା ।

## ୧୫ ଜଣଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୧/୯ (ନି.ପ୍ର): ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ୧୫ ଅତିରିକ୍ତ ଏସ୍‌ପି। ମଙ୍ଗଳବାର ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ପଦୋନ୍ନତି ପାଇଥିବା ଏହି ପୁଲିସ୍ ଅଫିସରମାନେ ହେଉଛନ୍ତି ଗଞ୍ଜାମର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ, କଟକ ୟୁପିଡି ଅତିରିକ୍ତ ଡିଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ପୁରୀ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, କଟକ ୟୁପିଡି ଅତିରିକ୍ତ ଡିଏସ୍‌ପି ଅମରେନ୍ଦ୍ର ପଣ୍ଡା, ରାଜ୍ୟ ପୁଲିସ ମୁଖ୍ୟାଳୟ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ସମ୍ବଲପୁର ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର, କଟକ ସିଆଇଡି ସିବିର ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ବେହୁରା, ଭିଜିଲାନ୍ସ ବିଭାଗରେ ଅତିରିକ୍ତ ଏସ୍‌ପି ଥିବା ଅରୁଣ କୁମାର ନାୟକ, କଟକରେ ସିବି ସିଆଇଡିରେ ଅତିରିକ୍ତ ଏସ୍‌ପି ଥିବା ଶିଶିର କୁମାର ମିଶ୍ର, ଢେଙ୍କାନାଳର ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କଟକ ସିବି ସିଆଇଡିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ଏସ୍‌ଟିଏଫ ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥୀ, ଭୁବନେଶ୍ୱର ଓଏଚ୍‌ଆରସିରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସତ୍ୟ ନାରାୟଣ ପ୍ରଧାନ, ଜୟପୁରରେ କାର୍ଯ୍ୟରତ ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଓ ଆଇୟୁସିଏଡବ୍ଲ୍ୟୁ ନୟାଗଡ଼ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା (ବି)।

## ପୁଣି ଉବୁଟୁବୁ ଉତ୍ତର ଓଡ଼ିଶା: ଫୁଲୁଛି ୩ ନଦୀ, ଘରେ ପଶିଲାଣି ବନ୍ୟାପାଣି

ବାଲେଶ୍ୱର, ୧/୯ (ନି.ପ୍ର): ପୁଣି ଉବୁଟୁବୁ ହେଲାଣି ଉତ୍ତର ଓଡ଼ିଶା । ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ଜଳକା ଫୁଲିବା ପରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ୍‌କୁ ବନ୍ୟା ଡର । ପୂର୍ବ ବନ୍ୟା ପରେ ବହୁ ତଳିଆ ଅଞ୍ଚଳରୁ ଏବେ ବି ପାଣି ଛାଡ଼ି ନାହିଁ । ଏଭଳି ସ୍ଥିତିରେ ପୁଣି ଘରେ ପଶିଲାଣି ପାଣି । ରାସ୍ତା ଓ ପୋଲ ଉପରେ ପ୍ରଖର ସୁଅ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ କରିଛି । ସେପଟେ ଯାଜପୁର ଦଶରଥପୁରରେ ମୁକୁଳା ଘାଇ ସମ୍ପୂର୍ଣ୍ଣ ରାସ୍ତା ଧୋଇନେଇଛି । ବୁଢ଼ାବଳଙ୍ଗରେ ବର୍ଷର ତୃତୀୟ ବନ୍ୟା । ମାତ୍ର ୧୫ ଦିନ ପରେ ବୁଢ଼ାବଳଙ୍ଗରେ ବନ୍ୟା ଆସିବା ପରେ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରେ ଛନକା । ଶିମିଳିପାଳରେ ଅବିଶ୍ରାନ୍ତ ବର୍ଷା ଯୋଗୁ ବୁଢ଼ାବଳଙ୍ଗ ସହ କତରା ଓ ◆◆ପୃଷ୍ଠା ୭

## ଡିଜି ଚୟନ ମାମଲାରେ ନୂଆ ଟ୍ୱିଷ୍ଟ: ଆଜି ସୁପ୍ରିମକୋର୍ଟରେ ଶୁଣାଣି, ସିବିଆଇ ସ୍କାନରରେ ସୁଶାନ୍ତ ନାଥ

ଭୁବନେଶ୍ୱର, ୧/୯ (ନି.ପ୍ର): ଆସନ୍ତାକାଲି ସୁପ୍ରିମକୋର୍ଟରେ ଓଡ଼ିଶା ପୋଲିସ ଡିଜି ଚୟନ ପ୍ରସଙ୍ଗରେ ଶୁଣାଣି ହେବ । ଏହି ମାମଲାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ତଥ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ରଖାଯିବ । ତେବେ ଏହାରି ମଧ୍ୟରେ ଓପିଆରବି ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ଆସିଛି ନୂଆ ଟ୍ୱିଷ୍ଟ । ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡର ତତ୍କାଳୀନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି । ଏହି ମାମଲାରେ ତାଙ୍କୁ ପଚରାଉଚରା କରିବା ପାଇଁ ସିବିଆଇ ଗୃହ ବିଭାଗର ଅନୁମତି ମାଗିଥିବା ସୂଚନା ମିଳିଛି । ଗତ ଅଗଷ୍ଟ ୪ ତାରିଖରେ ସିବିଆଇ ଭିଜିଲାନ୍ସ ସେଲ୍‌ର ଆସିଷ୍ଟାଣ୍ଟ ଆଇଜି ଆଲୋକ କୁମାର ଓଡ଼ିଶା ସରକାରଙ୍କୁ ଏ ନେଇ ଚିଠି ଲେଖିଥିବା କୁହାଯାଉଛି । ୨୦୨୫ ଅକ୍ଟୋବର ୫ ଓ ୬ ତାରିଖରେ ହେବାକୁ ଥିବା ଏସ୍‌ଆଇ ପରୀକ୍ଷା ପରିଚାଳନାରେ ଡଟଜଇର ଭୂମିକା କ'ଣ ଥିଲା ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣା ସମ୍ପର୍କରେ କେଉଁ ତଥ୍ୟ ରହିଛି, ସେନେଇ



ତଦନ୍ତକାରୀ ସଂସ୍ଥା ତଥ୍ୟ ଖୋଜୁଥିବା ଜଣାପଡ଼ିଛି । ଏହା ପୂର୍ବରୁ ଗତ ୩ ତାରିଖରେ ଗୃହ ବିଭାଗର ଅତିରିକ୍ତ ସଚିବ ତ୍ରିଲୋଚନ ମାଝୀ ନୂଆଦିଲ୍ଲୀସ୍ଥିତ ସିବିଆଇ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ସ୍ଥିତି ସମ୍ପର୍କରେ ତଥ୍ୟ ମାଗିଥିବା କୁହାଯାଉଛି । ବିଶେଷକରି ସୁଶାନ୍ତ ନାଥଙ୍କ ଭୂମିକା ଓ ପ୍ରଶ୍ନପତ୍ର ଲିକ୍ ଘଟଣା ସହ ତାଙ୍କର କୌଣସି ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ତଥ୍ୟ ଲୋଡ଼ାଯାଇଥିଲା । ଏହାର ଦିନକ ପରେ ସିବିଆଇ ପକ୍ଷରୁ ଜବାବ ଦିଆଯାଇଥିବା ସୂଚନା ରହିଛି । ଓଡ଼ିଶାରେ ଏସ୍‌ଆଇ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ବେଶ୍ ହଇଚଇ ସୃଷ୍ଟି ହୋଇଥିଲା । ପ୍ରଥମେ କ୍ରାଇମ୍‌ବ୍ରାଞ୍ଚ ମାମଲାର ତଦନ୍ତ କରିଥିବା ବେଳେ ପରେ ସରକାର ଏହାର ତଦନ୍ତଭାର ସିବିଆଇକୁ ହସ୍ତାନ୍ତର କରିଥିଲେ । ମାମଲାରେ ଶଙ୍କର ପୃଷ୍ଟି ଓ ମୁନ୍ନା ମହାନ୍ତିଙ୍କ ଭଳି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। କିଛି ମାସ ପୂର୍ବରୁ ସିବିଆଇ ଚାର୍ଜସିଟ୍ ମଧ୍ୟ ଦାଖଲ କରିଥିଲା । ତେବେ ମାମଲାର ମୁଖ୍ୟ କାର୍ପଟଦାର କିଏ ଥିଲେ, ତାହା ନେଇ ଏବେ ବି ଚର୍ଚ୍ଚା ଜାରି ରହିଛି । ଏହି ସମୟରେ ଓଡ଼ିଶା ପୋଲିସ ଡିଜି ଚୟନ ପ୍ରକ୍ରିୟା ଚାଲିଥିବା ବେଳେ ସୁଶାନ୍ତ ନାଥଙ୍କ ନାଁ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ତାଙ୍କ ନାଁକୁ ନେଇ ୟୁପିଏସ୍‌ସି ପ୍ୟାନେଲରେ ପ୍ରଶ୍ନ ଉଠିଥିବା ମଧ୍ୟ ଦାବି କରାଯାଉଛି । ତେବେ ଏସ୍‌ଆଇ ପ୍ରଶ୍ନପତ୍ର ଲିକ୍ ମାମଲାରେ ସୁଶାନ୍ତ ନାଥଙ୍କ ପ୍ରକୃତ ଭୂମିକା କ'ଣ, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

## ଜିଲ୍ଲା ଗସ୍ତରେ ୩୦ ସଚିବ ଓ ବରିଷ୍ଠ ଅଧିକାରୀ: ଯୋଜନାର ରୂପାୟନଠୁ ହସ୍ପିଟାଲ, ସ୍କୁଲ ଯାଏଁ କରିବେ ତଦାରଖ

ଭୁବନେଶ୍ୱର, ୧/୯ (ନି.ପ୍ର): ରାଜ୍ୟରେ ସରକାରୀ ଯୋଜନାର ବାସ୍ତବ ରୂପାୟନ ଓ ଲୋକଙ୍କୁ ମିଳୁଥିବା ସେବାର ସ୍ଥିତି ଯାଞ୍ଚ ପାଇଁ ଜିଲ୍ଲା ଗସ୍ତ କରିବେ ୩୦ ଜଣ ସଚିବ ଓ ବରିଷ୍ଠ ଅଧିକାରୀ । ଅଗଷ୍ଟରୁ ଅକ୍ଟୋବର ୨୦୨୬ ମଧ୍ୟରେ ଅଧିକାରୀମାନେ ନିଜ ନିଜକୁ ଆବଣ୍ଟିତ ଜିଲ୍ଲା ଗସ୍ତ କରିବେ । ଏ ନେଇ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ସରକାରଙ୍କ ତାଲିକା ଅନୁଯାୟୀ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ୩୦ ଜଣ ସଚିବ ଓ ବରିଷ୍ଠ ଅଧିକାରୀଙ୍କୁ ଦିଆଯାଇଛି । ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ମିଶ୍ରଙ୍କୁ ଖୋର୍ଦ୍ଧା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ସଚିବ




ପ୍ରଣବ କୁମାର ଜେନାଙ୍କୁ ଗଜପତି, ଏସ୍‌ଏସ୍‌ଇପିଡି ଓ ଜିଏପିଜି ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ କେନ୍ଦ୍ରାପଡ଼ା ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମାଙ୍କୁ ପୁରୀ ଜିଲ୍ଲାର ଦାୟିତ୍ୱ ମିଳିଛି । ଜିଲ୍ଲା ଗସ୍ତ ସମୟରେ ଅଧିକାରୀମାନେ ସରକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ବାସ୍ତବ ସ୍ଥିତି ଯାଞ୍ଚ କରିବେ । ଜିଲ୍ଲା ହସ୍ପିଟାଲ, ପିଏଚ୍‌ସି, ସିଏଚ୍‌ସି, ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ ଛାତ୍ରାବାସକୁ ଅଚାନକ ପରିଦର୍ଶନ କରିବେ। ଏଥିସହ ଦୁର୍ଗମ ଅଞ୍ଚଳକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସମସ୍ୟା ବୁଝିବେ । ପାନୀୟଜଳ ପ୍ରକଳ୍ପରେ ବିଳମ୍ବ ହେଉଥିଲେ ଏହାର କାରଣ ଚିହ୍ନଟ କରି ସମ୍ପୃକ୍ତ ବିଭାଗକୁ ଅବଗତ କରାଯିବ । ଏହାସହ ଲୋକଙ୍କ ଅଭିଯୋଗ, ସରକାରୀ ସେବାର ଉପଲବ୍ଧତା ଓ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ମଧ୍ୟ ଅନୁଧ୍ୟାନ କରାଯିବ । ଜିଲ୍ଲା ଗସ୍ତ ସମୟରେ ୨୯ଟି ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ ଏବଂ ଫଳାଫଳ ସମୀକ୍ଷା କରାଯିବ ।

◆◆ପୃଷ୍ଠା ୭

## ରତ୍ନଭଣ୍ଡାର ଗଣତିମଣତିର ପରବର୍ତ୍ତୀ ପର୍ଯ୍ୟାୟ କେବେ ଆରମ୍ଭ ହେବ ଜଣାଇ ଦିଆଯିବ: ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ, ୧/୯ (ନି.ପ୍ର): ଗତକାଲି ଭଳି ଆଜି ୧୭ତମ ଦିନରେ ମଧ୍ୟ ଲମ୍ବା ସମୟ ଧରି ଭିତର ଭଣ୍ଡାରରେ ରତ୍ନ ଗଣତି ହୋଇଛି । ଦୀର୍ଘ ୮ଘଣ୍ଟା ୨୩ ମିନିଟ୍ ଧରି ଚାଲିଥିବା ଏହି ଗଣତିରେ ହୀରା, ନୀଳା, ମୋତି, ମାଣିକ୍ୟ ପ୍ରଭୃତି ମୂଲ୍ୟବାନ ରତ୍ନ ୧୯୭୮ ତାଲିକା ଅନୁଯାୟୀ ସମ୍ପୂର୍ଣ୍ଣ ମେଳକ ହୋଇଛି। ମହାପ୍ରଭୂଙ୍କୁ କୃପାରୁ ଏହା ଅତ୍ୟନ୍ତ ସ୍ୱଚ୍ଛତାସହ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟ କେବେ ଆରମ୍ଭ ହେବ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଆଜି ସକାଳ ଧୂପ ପରେ ୧୧ଟା ୩୦ ମିନିଟ୍‌ରେ ସ୍ୱତନ୍ତ୍ର ଦଳ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ। ଠିକ୍ ୭ଟା ୫୩ ମିନିଟ୍‌ରେ ଗଣତି ଶେଷ ହୋଇଥିଲା।

## ତୀବ୍ର ହେଉଛି ମଣିପୁର ହିଂସା: ୩ ଗାଁରେ ୧୦ ଘର ଜାଳିଦେଲେ, ଜଣେ ଆହତ

ନୂଆଦିଲ୍ଲୀ,୧/୯ : ମଣିପୁରରେ ହିଂସା ଦିନକୁ ଦିନ ବଢ଼ିବାରେ ଲାଗିଛି। ତିଖାଙ୍ଗ କୁକି ଗ୍ରାମରେ ଗୁଳିମାଡ଼ ଯୋଗୁ ୩ ଜଣଙ୍କର ମୃତ୍ୟୁ ହେବାପରେ ଆଜି ଇମ୍ଫାଲ-ତାମେଙ୍ଗଲଙ୍ଗ ରୋଡ୍ ସଂଲଗ୍ନ ମଣିପୁର କାଙ୍ଗପୋକ୍‌ପି ଜିଲ୍ଲାର ୩ଟି ଲିଆଙ୍ଗମାଇ ନାଗା ଗ୍ରାମରେ କିଛି ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଛନ୍ତି। ୩ଟି ଗ୍ରାମରେ ପ୍ରାୟ ୧୦ଟି ଘରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ଏଥିରେ ଜଣେ ଗ୍ରାମବାସୀ ଆହତ ହୋଇଛନ୍ତି। କାଙ୍ଗପୋକପି ପୁଲିସ ଅନୁଯାୟୀ,



ମଙ୍ଗଳବାର ବଡ଼ି ଭୋର ସମୟରେ ଏହି ଘଟଣା ଘଟିଛି। କିଛି ଅସ୍ତ୍ରଧାରୀ ଦୁର୍ବୃତ୍ତ କାଙ୍ଗପୋକ୍‌ପି ଜିଲ୍ଲାର ୩ଟି ଗ୍ରାମ ତପୋନ ଖୁଲ୍ଲେନ, ତପୋନ ଖୁନୋଉ ଓ ମକୁଇ ପିପୁରମରେ ଆକ୍ରମଣ କରିଛନ୍ତି। ସୋମବାର ତିଖାଙ୍ଗ କୁକି ଗ୍ରାମରେ କିଛି ସଶସ୍ତ୍ର ଗୋଷ୍ଠୀଙ୍କ ଗୁଳିମାଡ଼ରେ ୨ ମହିଳାଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୪ ଜଣ ଆହତ ହୋଇଥିଲେ। ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ସିଆରପିଏଫ୍, ମଣିପୁର ପୁଲିସ ସହଯୋଗରେ କୋବ୍ରା ୟୁନିଟ୍ ସମେତ ଅତିରିକ୍ତ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ପୁଲିସ ଅନୁଯାୟୀ, ଦୁର୍ବୃତ୍ତମାନେ ୧୦ଟି ଘରେ ନିଆଁ ଲଗାଇ ଦେଇଛନ୍ତି। ମେ ୧୩ ତାରିଖରୁ କୁକି-ଜୋ ଓ ନାଗା ସମ୍ପ୍ରଦାୟରୁ ୧୭ ଜଣଙ୍କର ପୃଥକ୍ ହିଂସା ଘଟଣାରେ ମୃତ୍ୟୁ ହୋଇଛି। ଅଗଷ୍ଟ ୨୭ ତାରିଖରେ ଗୁଳିମାଡ଼ରେ ୪ ଜଣ ନାଗା ନାଗରିକଙ୍କ ମୃତ୍ୟୁ ହୋଇଥିଲା ଏବଂ ଅଗଷ୍ଟ ୩୧ ତାରିଖରେ ୩ ଜଣ କୁକି ନାଗରିକଙ୍କ ମୃତ୍ୟୁ ହୋଇଛି। ତେବେ ଲଗାତାର ଆକ୍ରମଣ ସତ୍ତ୍ୱେ କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ଉଲ୍ଲେଖଯୋଗ୍ୟ, ମଣିପୁରରେ ପ୍ରଥମେ ମେ?ତେୟୀ ଓ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଉପୁଜିଥିଲା। ୨୦୨୩ ମେ'ରୁ ଏହି ସଂଘର୍ଷ ଆରମ୍ଭ ହୋଇଥିଲା। ଏଥିରେ ୨୬୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬୦ ହଜାର ଲୋକ ବିସ୍ଥାପିତ ହୋଇଛନ୍ତି।

## ନିଟ୍ ବିବାଦ: ସରକାରଙ୍କ ସୂଚନା ପରେ ଆନ୍ଦୋଳନ ନିଷ୍ପତ୍ତିରୁ ଓହରିଲା ସିଜେପି

ନୂଆଦିଲ୍ଲୀ,୧/୯ : ନିଟ୍ ବିବାଦକୁ ନେଇ ଆସନ୍ତା ସେପ୍ଟେମ୍ବର ୫ରେ ହେବାକୁ ଥିବା ଆନ୍ଦୋଳନରୁ ଓହରିଯାଇଛି ସିଜେପି । ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ସହ ନିଟ୍ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବା ନେଇ କେନ୍ଦ୍ର ସରକାର ପଦକ୍ଷେପ ନେଇଥିବା ସୂଚନା ଦେବା ପରେ ସିଜେପି ଏହି ନିଷ୍ପତ୍ତି ନେଇଛି । ପେପର ଲିକ୍ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ କରିଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ



ମାମଲାକୁ ନେଇ ମଧ୍ୟ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ସମାନ ଘଟଣାକୁ ନେଇ ବିଭିନ୍ନ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ରୁଜୁ ହୋଇଥିବା ଅନ୍ୟ ଏତଲା ଉପରେ ଆଉ ତଦନ୍ତ କିମ୍ବା ଆଇନଗତ ପ୍ରକ୍ରିୟା ଆଗକୁ ନବଢ଼ାଇବାକୁ କୁହାଯାଇଛି।

◆◆ପୃଷ୍ଠା ୭

# କୁଳତା ସମାଜ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୧/୦୯ (ନି.ପ୍ର): ସମାଜ ପ୍ରତି ଅବଦାନ ଦେଇଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଆଜି କୁଳତା ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଦାନିପାଲିସ୍ଥିତ ରାମଚଣ୍ଡୀ ସେବା ସଦନ ପରିସରରେ କୁଳତା ସମାଜର ଉପସଭାପତି ଦେବୋତମ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦେବୀ ପ୍ରସାଦ ଭୋଇ ସଂଯୋଜନା କରିଥିବା ବେଳେ ଶ୍ରଦ୍ଧାଞ୍ଜଳି କର୍ଯ୍ୟକ୍ରମରେ ପ୍ରଫେସର ପ୍ରହଲ୍ଲାଦ ପ୍ରଧାନ, ଗୁରୁ ଶ୍ରୀଧର ପ୍ରଧାନ, ପୁର୍ବତନ ସମ୍ବଲପୁର ସାଂସଦ ଡାକ୍ତର କୃପାସିନ୍ଧୁ ଭୋଇ, ବରଗଡର ପୁର୍ବତନ ବିଧାୟକ ଯଦୁମଣି ପ୍ରଧାନ ଏବଂ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବିପିନ ବିହାରୀ ପ୍ରଧାନଙ୍କୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କର ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ କୁଳତା ସମାଜର ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର ପୁର୍ବତନ ସମ୍ବଲପୁର ସାଂସଦ ଡାକ୍ତର କୃପାସିନ୍ଧୁ ଭୋଇଙ୍କ ସ୍ମୃତିଚାରଣ କରିବା ସହ ସେ ଅଂଚଳ ପାଇଁ ନେତୃତ୍ୱ ନେଇ ଗରୀବ ଜନସାଧାରଣଙ୍କ ସୁଖ ଦୁଖରେ ସବୁବେଳେ ଛିଡା ହୋଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ ବୋଲି କହିଥିଲେ । ଦିଲ୍ଲୀରେ ଚିକିତ୍ସା କାର୍ଯ୍ୟରେ ଲୋକଙ୍କୁ ସେବା ଦେବା ସହ କରିଥିବା ବିଭିନ୍ନ ସାହାଯ୍ୟ ସହଯୋଗ କରି ସମସ୍ତଙ୍କ୍ ପ୍ରୀୟଭାଜନ ହୋଇପାରିଥିଲେ ବୋଲି ଶ୍ରୀ ପାତ୍ର କହିଥିଲେ । କୁଳତା ସମାଜର ଉପସଭାପତି ଦେବୋତମ ପ୍ରଧାନ ସ୍ୱର୍ଗୀୟ ବିପିନ ବିହାରୀ ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଅତାବିରାରେ ଶିକ୍ଷକତା ପରେ କୃଷି ଓ କୃଷକ ମାନଙ୍କର ଉନ୍ନତି ପାଇଁ ବିଷୟରେ ସୁଚନା ଦେଇଥିଲେ । ଏହାସହ କୁଳତା ଜାତିର ବିଭିନ୍ନ ସଂଗଠନ ସହ କୁଳତା ଜାତି ମହା ସଭାର ମଧ୍ୟ ପରି ଚାଳନା କରିଥିବା ବିଷୟରେ ସୁଚନା ଦେଇଥିଲେ । ବୁର୍ଲାରେ ଧର୍ମଶାଳା ସ୍ଥାପନ, ସମ୍ବଲପୁର ସେବା ସଦନ ଏବଂ ଅତାବିରା ରାମଚଣ୍ଡୀ ମନ୍ଦିର ନିର୍ମାଣ ରେ ତାଙ୍କର ଅବଦାନ ବିଷୟରେ ସୁଚନା ଦେଇ ତାଙ୍କୁ ଶ୍ରଦ୍ଧାସୁମନ ଉପସ୍ଥପନ କରିଥିଲେ । ବରଗଡର ପୁର୍ବତନ ବିଧାୟକ ସ୍ୱର୍ଗୀୟ ଯଦୁମଣି ପ୍ରଧାନଙ୍କ ସମ୍ପର୍କରେ ଜଟା ଭୂଷଣ ସାହୁ ଅବତାରଣା କରି କରିବା ପରେ ବିଶିଷ୍ଟ ବ୍ୟକ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ବିଧାୟକ ଏବଂ ବରଗଡ ନଗରପାଳ ଭାବେ କରିଥିବା କାର୍ଯ୍ୟକ୍ରମ ବିଷୟରେ ସୁଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭକ୍ତବନ୍ଧୁ ପ୍ରଧାନ ପ୍ରଫେସର ପ୍ରହଲ୍ଲାଦ ପ୍ରଧାନଙ୍କ ସଂସ୍କୃତ , ପାଲି ଆଦି ୧୪ ଟି ଭାଷା ଉପରେ ଜ୍ଞାନ ସହ ତାଙ୍କର ଗବେଷଣା ସାରା ଭାରତରେ ସ୍ୱତନ୍ତ୍ର ଥିଲା ବୋଲି କହିଥିଲେ। ଏହାସହ ପୁର୍ବତନ ସମ୍ବଲପୁର ସାଂସଦ ଡାକ୍ତର କୃପାସିନ୍ଧୁ ଭୋଇଙ୍କ ସ୍ମୃତିଚାରଣ କରିବା ସହ ସେ ଅଂଚଳ ପାଇଁ ନେତୃତ୍ୱ ନେଇ ଗରୀବ ଜନସାଧାରଣଙ୍କ ସୁଖ ଦୁଖରେ ସବୁବେଳେ ଛିଡା ହୋଇ ସମାଜ ପାଇଁ ଉଦାହରଣ ସୃଷ୍ଟୀ କରିଥିଲେ ବୋଲି ଶ୍ରୀ ପ୍ରଧାନ କହିଥିଲେ । ଦିଲ୍ଲୀରେ ଚିକିତ୍ସା କାର୍ଯ୍ୟରେ ଅଂଚଳର ଲୋକଙ୍କୁ ବିଭିନ୍ନ ହିସାବରେ ସହଯୋଗ କରି ସମସ୍ତଙ୍କ ପ୍ରୀୟଭାଜନ ହୋଇପାରିଥିଲେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁଳତା ସମାଜ ର ସଦସ୍ୟ ମାନେ ପୁଷ୍ପାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅଭିରାମ ଖମାରୀ, ସରୋଜ ପ୍ରଧାନ, ଅକ୍ଷୟ ପ୍ରଧାନ, ଦେବଦତ ସାହୁ, ଆନନ୍ଦ ପ୍ରଧାନ, ମୂରଲୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଇନ ସଚେତନତା ଶିବିର

ପୁରୀ,୧/୦୯ (ନି.ପ୍ର): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାଇ ଆଜି ଅପରାହ୍ନ ୩ଟା ୩୦ ସମୟରେ ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ ଠାରେ ପୋଶ ଆକ୍ଟ ଏବଂ ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି ଓ ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମୁଖ କାର୍ଯ୍ୟ ।ଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ ଏବଂ ହିତାଧିକାରି ସେ ବିଷୟରେ ଆଲୋଚନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ ବିଭିନ୍ନ ସରକାରୀ ଆଇନ ବିଷୟରେ ଆଲୋଚନା କରିଥିଲେ ।

# ପ୍ରଭାବିତ ଗ୍ରାମବାସୀଙ୍କୁ ଆରପିଡ଼ିଏସିରେ ପ୍ରତିନିଧିତ୍ୱ ଦାବି: ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଝାରସୁଗୁଡ଼ା,୧/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକର କାଡିକେଲା, ଭୁର୍କାମୁଣ୍ଡା ଓ ଭାଗିପାଲି ଗ୍ରାମର ବାସିନ୍ଦାମାନେ ଆରପିଡ଼ିଏସି ସଦସ୍ୟ ଚୟନ ପ୍ରକ୍ରିୟାରେ ପ୍ରଭାବିତ ଗ୍ରାମଗୁଡ଼ିକୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ସୋମବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏକ ଘରୋଇ କମ୍ପାନୀର କାର୍ଯ୍ୟକଳାପ ଯୋଗୁଁ ଦୀର୍ଘଦିନ ଧରି ପ୍ରଭାବିତ ହୋଇଆସୁଥିବା ଗ୍ରାମଗୁଡ଼ିକର ପ୍ରତିନିଧିଙ୍କୁ ଆରପିଡ଼ିଏସି ସଦସ୍ୟ ଚୟନରେ ସୁଯୋଗ ଦିଆଯାଇନଥିବା ବେଳେ ଚୟନ ହୋଇଥିବା ଦୁଇ ଜଣ ସଦସ୍ୟ ପ୍ରଭାବିତ ଅଂଚଳର ନୁହନ୍ତି ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଏହାସହ ସ୍ଥାନୀୟ ବିଧାୟକ ନିଜ ପସନ୍ଦର ବ୍ୟକ୍ତିଙ୍କୁ ଆରପିଡ଼ିଏସିରେ ସାମିଲ କରି ରାଜନୈତିକ ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ମଧ୍ୟ ସ୍ମାରକପତ୍ରରେ କରାଯାଇଛି । ତେବେ ଗ୍ରାମବାସୀମାନେ କୌଣସି ରାଜନୈତିକ ବ୍ୟକ୍ତିଙ୍କୁ ବିରୋଧ କରୁନଥିବା ବେଳେ ଅଂଚଳର ବାସ୍ତବ ସମସ୍ୟା ସମ୍ପର୍କରେ ଅବଗତ ଏବଂ ଗ୍ରାମବାସୀଙ୍କ ବିଶ୍ୱାସଭାଜନ ବ୍ୟକ୍ତିଙ୍କୁ ଆରପିଡ଼ିଏସିରେ ପ୍ରତିନିଧିତ୍ୱ ଦେବାକୁ ଦାବି କରିଛନ୍ତି। ସ୍ମାରକପତ୍ରରେ ଘୋଷିତ ସଦସ୍ୟ ତାଲିକାର ପୁନର୍ବିଚାର, ଭୁର୍କାମୁଣ୍ଡା, କାଡିକେଲା, ଭାଗିପାଲି ସମେତ ଅନ୍ୟ ପ୍ରଭାବିତ ଗ୍ରାମର ସରପଂଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ସହ ଖୋଲା ଆଲୋଚନା ପରେ ସଦସ୍ୟ ଚୟନ ଏବଂ ଆରପିଡ଼ିଏସି ଭଳି ଗୁରୁତ୍ୱପୂର୍ଣ୍ଣ ମଂଚରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବାକୁ ଦାବି କରାଯାଇଛି। ଦାବିଗୁଡ଼ିକ ଉପରେ ୭୨ ଘଂଟା ମଧ୍ୟରେ ପଦକ୍ଷେପ ନିଆଯାଇନଥିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବାକୁ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅନୁପସ୍ଥିତ ଥିବାରୁ ଗ୍ରାମବାସୀମାନେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗରେ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ଯେ, ସ୍ମାରକପତ୍ର ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ଏବଂ ଅଭିଯୋଗ ଆଧାରରେ ଆବଶ୍ୟକ ତଦନ୍ତ କରାଯିବ।

# ମ୍ୟାଲେରିଆ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୧/୦୯ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଚିର ନିରୋଗ ପାଇଁ ବିଷମ ଜ୍ୱର ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ମ୍ୟାଲେରିଆର କାରଣ ଓ ନିରାକରଣ ସମ୍ବନ୍ଧରେ ସଚେତନ କରାଇଥିଲେ । ଭାରତୀୟ ଚିକିତ୍ସା ବିଜ୍ଞାନରେ ପାଂଚ ହଜାର ବର୍ଷ ପୂର୍ବରୁ ବିଷମଜ୍ୱର ସମ୍ବନ୍ଧରେ ଲେଖା ଯାଇଛି। ମଶା କାମୁଡ଼ିଲେ ଏହି ରୋଗ ହୁଏ। ଜ୍ୱର ଲାଗିରହିଲେ ସନ୍ତତ, ଚବିଶ ଘଣ୍ଟାରେ ଦୁଇ ଥରେ ଆସିଲେ ସତତ, ପ୍ରତିଦିନ ଥରେ ହେଲେ ଅନ୍ୟେଦ୍ୟୁଷ୍କ, ତିନି ଦିନରେ ଥରେ ହେଲେ ତୃତୀୟକ, ଚାରିଦିନରେ ଥରେ ହେଲେ ଚତୁର୍ଥକ କୁହଯାଏ । ଜ୍ୱର ଆସିଲେ ମୁଣ୍ଡବ୍ୟଥା, ପ୍ରବଳ କମ୍ପ ପରେ ଝାଳ ବାହାରି ଜ୍ୱର ଛାଡି ଯାଏ ପୁଣି ହୁଏ । ମଶା କାମୁଡା, ମଶା ଠାରୁ ନିଜକୁ ରକ୍ଷାକରିବା ପାଇଁ ଘର ଚାରିପାଖ ସଫା ରଖନ୍ତୁ, ପାଣି ଜମିବାକୁ ଦିଅନ୍ତୁ ନାହିଁ, ନିମ୍ବ ତେଲ ଦେହରେ ଲଗାନ୍ତୁ । ଗଙ୍ଗଶିଉଳି ପତ୍ର ରସ, କଂଟା ମାରିଶ ମୂଳ, ଶଙ୍ଖପୁଷ୍ପୀ ଯେକୌଣସି ଗୋଟିଏ ଚିକିତ୍ସକଙ୍କ ପରାମର୍ଶରେ କିଛିଦିନ ଖାଇଲେ ଜ୍ୱର ଭଲ ହୋଇଯାଏ । ଏହି ପାରାସଇଟ ଯକୃତରେ ଲୁଚନ୍ତି ଏଣୁ ଜ୍ୱର ଭଲହେବା ପରେ ମଧ୍ୟ କିଛିଦିନ ଔଷଧ ଖାଇବାକୁ ପଡେ। ମଶା ଘଉଡାଇବା ପାଇଁ ନିମ୍ବ ପତ୍ର, ବେଗୁନିଆ ପତ୍ର, ଝୁଣା ଧୂପ ଓ ନିମ୍ବ ତେଲ ଦୀପ ଦେଲେ କିଛି ଦିନ ମଶା ଆସନ୍ତି ନାହିଁ । ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ଡି. ଶ୍ରୀନିବାସ ରାଓ ସହଯୋଗ କରିଥିଲେ।

# ମାଲକାନଗିରି ଭାଜପା କାର୍ଯ୍ୟାଳୟରେ ୨୫ ବର୍ଷର ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ

ମାଲକାନଗିରି,୧/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସେବା ସମର୍ପଣର ୨୫ ବର୍ଷ ପୂର୍ତି ଅବସରରେ ଆଜି ଜିଲ୍ଲା ଭାଜପା କାର୍ଯ୍ୟାଳୟ ଠାରେ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଅଶୋକ ପରିଡ଼ାଙ୍କ ନେତୃତ୍ୱରେ ମୋଦୀ ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ ଜିଲ୍ଲା ପ୍ରଭାରୀ ରମେଶ ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଏହି ଦୀର୍ଘ ଯାତ୍ରାକୁ ଦଳ ପକ୍ଷରୁ ସଫଳ କରିବା ପାଇଁ ପ୍ରତ୍ୟେକ ବୁଥ ସ୍ତରରୁ ଲାଭାର୍ଥିଙ୍କ ଘରେ ଗୋଟିଏ ଗୋଟିଏ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିବା ସହ ଭାଜପା ଶାସନ କାଳରୁ ହୋଇଥିବା ବିଭିନ୍ନ ବିକାଶମୁଖୀ କାର୍ଯ୍ୟ ଗୁଡ଼ିକ ବିଭିନ୍ନ ସ୍କୁଲ, ହାଇସ୍କୁଲ ଓ କଲେଜ ଗୁଡିକରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ସ୍ୱପ୍ନର ଭାରତର ବିବରଣୀକୁ ବର୍ଣ୍ଣନା କରିବାକୁ ଆହ୍ୱାନ କରାଯାଇଛି । ଏହା ଛଡା ପଥପ୍ରାନ୍ତ ନାଟକ ମାଧ୍ୟମରେ ମହିଳାଙ୍କ ସମ୍ମାନ ପାଇଁ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦିଆଯାଇଥିବା ମାଗଣା ଗ୍ୟାସ, ଶୌଚାଳୟ ଓ ମାଗଣା ରାସନ, ଆୟୁଷ୍ମାନ ଯୋଜନା କିଭଳି ଜୀବନ ଚର୍ଯ୍ୟାରେ ପରିବର୍ତନ କରିଛି ତାହା ଇତିହାସରେ ଲିପିବଦ୍ଧ ହୋଇ ରହିବ । ସେହିପରି ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକରେ ମା ଓ ଶିଶୁ ପାଇଁ ହେଉଥିବା ଉତମ ଯୋଜନା ଗୁଡ଼ିକ ଦ୍ୱାରା ଶିଶୁ ଓ ମାଆଙ୍କ ଶାରୀରିକ ଅଭିବୃଦ୍ଧି ଓ ଶିଶୁଙ୍କ ମାନସିକ ଅଭିବୃଦ୍ଧି ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇ ରହିଛି । ଉକ୍ତ କାର୍ଯ୍ୟକ୍ରମ ଗୁଡିକ ସଚେତନତା ରିଲ୍ସ ମାଧ୍ୟମରେ ସୋସିଆଲ ମିଡିଆରେ ପୋଷ୍ଟ କରିବାକୁ ଆହ୍ୱାନ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଭାଜପାର ବରିଷ୍ଠ କର୍ମକର୍ତା ନିଜ ନିଜର ମତାମତ ପ୍ରଦାନ ସହ ଆଗାମୀ ଦିନରେ କାର୍ଯ୍ୟକ୍ରମ ପରିଚାଳନା ନେଇ ମତ ପ୍ରଦାନ କରିଥିଲେ । ପିପିଟି ମାଧ୍ୟମରେ ଜିଲ୍ଲାର ସମସ୍ତ ମଣ୍ଡଳରୁ ଆସିଥିବା ସକ୍ରିୟ କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କୁ ଅବଗତ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ସେବା ସଂକଳ୍ପ ଟିମ୍ ସଦସ୍ୟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡକାମି, କୁଶ ତାତି, ଶାନ୍ତିଲତା ମାଝୀ, ସ୍ୱତନ୍ତ୍ର ଉନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗା ସୋଡ଼ି, ପୂର୍ବତନ ଜିଲ୍ଲା ପରିଷଦ ଦଶରଥ ପଡ଼ିଆମି, ପୂର୍ବତନ ବିଧାୟକ ଡମ୍ବରୁ ସୀସା, ଜିଲ୍ଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ନବଘନ ଲୋକେଇ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ନିହାର ରାୟ ସମେତ ଜିଲ୍ଲା ପଦାଧିକାରୀ, ନେତୃବୃନ୍ଦ, ମହିଳା ନେତ୍ରୀ ଓ କାର୍ଯ୍ୟକର୍ତାମାନେ ବିପୁଳ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ।

# ଜାମୁଦଳକ ଗ୍ରାମପଂଚାୟତରେ ନିୟମକୁ ଦଳି ମନରେଗା ଅର୍ଥ ହରିଲୁଟ୍ ଅଭିଯୋଗ

ଚମ୍ପୁଆ,୧/୦୯ (ନି.ପ୍ର): ଶ୍ରାବଣର ପ୍ରବଳ ବର୍ଷା ସତ୍ୱେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାମୁଦଲକ ଗ୍ରାମପଞ୍ଚାୟତରେ ଚାଲିଛି ସରକାରୀ ନିୟମାବଳୀର ଖୋଲାଖୋଲି ଉଲ୍ଲଂଘନ। ସରକାରୀ ଗାଇଡ୍ ଲାଇନ୍ ଅନୁଯାୟୀ, ଜୁନ୍ ରୁ ଅକ୍ଟୋବର ମାସ ମଧ୍ୟରେ କୌଣସି ନୂଆ କେନାଲ ଖୋଳିବା କିମ୍ବା ମାଟି କାମ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ। କେବଳ ବୃକ୍ଷରୋପଣ କିମ୍ବା କଂକ୍ରିଟ୍ କାମ ପାଇଁ ଅନୁମତି ଥିବାବେଳେ, ପ୍ରଶାସନିକ ସେଟିଂ ଓ ମୋଟା ଅଙ୍କର ପିସି କାରବାର ବଳରେ ବର୍ଷା ପାଣିରେ ଓଦା ମାଟି ପକାଇ ନିମ୍ନମାନର କେନାଲ ନିର୍ମାଣ ଚାଲିଛି। ଜନସାଧାରଣଙ୍କ କଷ୍ଟ ଉପାର୍ଜିତ ଟିକସ ଟଙ୍କାକୁ ପାଣିରେ ଭସାଇ ଦେବା ପାଇଁ ଏହି ବେଆଇନ କାର୍ଯ୍ୟ ଚାଲିଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିକଶିତ ଭାରତ ଗ୍ୟାରେଂଟି ରୋଜଗାର ଏବଂ ଆଜୀବିକା ମିଶନ (ଆର୍ଥିକ ବର୍ଷ ୨୦୨୬-୨୭) ଅଧୀନରେ ମଙ୍ଗଳପୁର ଗ୍ରାମରୁ କାନପୁର କେନାଲ ପର୍ଯ୍ୟନ୍ତ କାମ ପାଇଁ ୮ ଲକ୍ଷ ଟଙ୍କାର ଅଟକଳ ରାଶି ମଞ୍ଜୁର ହୋଇଛି। ଗତ ୨୧-୦୮-୨୦୨୬ ରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲଗାଯାଇ ନଥିଲା। ୨୬ ତାରିଖରେ ଗ୍ରାମପଞ୍ଚାୟତ ତାଗିଦ୍ କରିବା ପରେ ସୂଚନା ଫଳକ ଲଗାଗଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, କୌଣସି ବାସ୍ତବ କାମ ନକରି କେବଳ କିଛି ଜବକାର୍ଡଧାରୀଙ୍କୁ କାର୍ଯ୍ୟସ୍ଥଳୀରେ ଛିଡ଼ା କରାଇ ସେମାନଙ୍କର ମିଥ୍ୟା ଉପସ୍ଥାନ ପକାଯାଉଛି। ଏହି ମହାଦୁର୍ନୀତି ସମ୍ପର୍କରେ ଗ୍ରାମ ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତେ ସମ୍ପୂର୍ଣ୍ଣ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଅଧିକାରୀ ମାନେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଆଖିବୁଜି ଦେବା ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି । ପ୍ରଶ୍ନ ଉଠୁଛି, ଶ୍ରାବଣର ପ୍ରବଳ ବର୍ଷାରେ ଓଦା ମାଟି ପକାଇ କେନାଲ କାମ କରିବାକୁ ଅନୁମତି ଦେଲା କିଏ ? ବର୍ଷାରେ ଧୋଇଯିବା ନିଶ୍ଚିତ ଜାଣି ମଧ୍ୟ ୮ ଲକ୍ଷ ଟଙ୍କା କାହା ସ୍ୱାର୍ଥରେ ପାଣିରେ ପକାଯାଉଛି ? ବିନା କାର୍ଯ୍ୟରେ କେବଳ ଫଟୋ ଉଠାଇ ଶ୍ରମିକଙ୍କ ହାଜିରା ପକାଇବା ପଛରେ କେଉଁ ଅଫିସରଙ୍କ ହାତ ଅଛି ? ଗ୍ରାମସେବକଙ୍କ ଠାରୁ ଆରମ୍ଭ କରି ପିଓ ଏବଂ ବିଡିଓଙ୍କ ନୀରବତା ପଛରେ କେତେ ପିସି କାରବାର ଲୁଚି ରହିଛି ? ସାଧାରଣ ନିରୀହ ଲୋକଙ୍କ ରୋଜଗାର ଓ ଭିତ୍ତିଭୂମି ବିକାଶ ନାମରେ ଏହିଭଳି ଖୋଲା ପ୍ରହସନକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି ଅଞ୍ଚଳବାସୀ। ଜାମୁଦଲକ ଗ୍ରାମପଞ୍ଚାୟତରେ ଚାଲିଥିବା ସମସ୍ତ ମନରେଗା ପ୍ରକଳ୍ପର ସତ୍ୟାସତ୍ୟ ପରଖିବା ପାଇଁ ଜିଲ୍ଲା ଲୋକପାଳ ନିଜେ ଘଟଣାସ୍ଥଳ ପରିଦର୍ଶନ କରନ୍ତୁ।

# ମାଟି କାନ୍ଥ ପଡ଼ି ମହିଳା ମୃତ

ଚମ୍ପୁଆ,୧/୦୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ପଂଚାୟତର ରାଇଗୁଡି ଗାଁରେ ଏକ ଦୁଃଖଦ ଓ ଅଭାବନୀୟ ଘଟଣା ଘଟିଯାଇଛି। ରାତିରେ ଶୋଇଥିବା ଅବସ୍ଥାରେ ମାଟି କାନ୍ଥ ଭାଙ୍ଗି ପଡ଼ିବାରୁ ଚାପି ହୋଇ ଜଣେ ମହିଳାଙ୍କର ଅକାଳ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଉଛନ୍ତି ଗ୍ରାମର ଘାସିରାମ ମହାନ୍ତଙ୍କ ସ୍ତ୍ରୀ ପୂର୍ଣ୍ଣମୀ ମହାନ୍ତ।ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଅଂଚଳରେ ଲଗାତାର ବର୍ଷା ଜାରି ରହିଥିବା ଯୋଗୁଁ ମାଟି ଘରଗୁଡ଼ିକର କାନ୍ଥ ଓଦା ହୋଇ କଂଚା ପଡ଼ିଯାଇଥିଲା। ରାତିରେ ପୂର୍ଣ୍ଣମୀ ନିଜ ଘରେ ଶୋଇଥିବା ବେଳେ ଅଚାନକ ମାଟି କାନ୍ଥଟି ତାଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଫଳରେ ସେ ମାଟି ତଳେ ଚାପି ହୋଇଯାଇଥିଲେ। ପାଖ ଘରେ ଶୋଇଥିବା ତାଙ୍କ ଶାଶୁ ଏହି ଶବ୍ଦ ଶୁଣି ତୁରନ୍ତ ସ୍ଥାନୀୟ ପଡ଼ୋଶୀମାନଙ୍କୁ ଡାକିଥିଲେ। ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଂଚି ଅତି ସତର୍କତାର ସହ ମାଟି ତଳୁ ପୂର୍ଣ୍ଣମୀଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ରାଇଗୁଡି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଗରିବ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ମାର୍ଶାଘାଇ ପଂଚାୟତ ସମିତି ବୈଠକ

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): ମାର୍ଶାଘାଇ ପଂଚାୟତ ସମିତିର ସପ୍ତମ ବୈଠକ ସୋମବାର ଦୀର୍ଘ ୧୦ ମାସ ପରେ ଅନୁଷ୍ଠିତ ହୋଇଥିଲା। ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନମୂଳକ ଯୋଜନା ବିଜିବିଓ, କୃଷି ଏବଂ ପରିମଳ ପାନୀୟ ଜଳଯୋଗାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନଳକୂଅ ମରାମତି ଏବଂ ପାଣି ପମ୍ପ ମରାମତି ନେଇ ସଦସ୍ୟମାନେ ଅଭିଯୋଗ କରିବାପରେ ଗାଡ଼ିକୁ ଇନ୍ଧନ ଯୋଗାଣରେ ଅସୁବିଧା ଯୋଗୁଁ ପାନୀୟ ଜଳଯୋଗାଣ ପାଇଁ ନଳକୂଅ, ପମ୍ପ ମରାମତି ପାଇଁ ବଡ଼ ସମସ୍ୟା ହେଉଛି ବୋଲି ଉତର ମିଳିଥିଲା ବୋଲି ସମିତି ସଭ୍ୟ କହିଛନ୍ତି। ଗହଗା ପାଟ ଅଂଚଳରେ ବର୍ଷା ଏବଂ ନଦୀବନ୍ୟା ପାଣି ଯୋଗୁଁ ସମସ୍ତ ଫସଲ ନଷ୍ଟ ହୋଇଯାଇଛି। ମାର୍ଶାଘାଇ ବ୍ଲକକୁ ବନ୍ୟା ପ୍ରଭାବିତ ଅଂଚଳ ଭାବେ ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇବା ଏବଂ କୃଷି ଋଣ ଛାଡ଼ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ପରକୁଳା, ରାଘବପୁର, ବଚ୍ଛରାଇ, ମେହେନ୍ଦିନଗର, ଆଖୁଆ ଦକ୍ଷିଣୀ, ବନ୍ଧକଟା ପଂଚାୟତର ସରପଂଚ ଦାବି କରିଥିଲେ। ପଂଚାୟତିରାଜ ପ୍ରତିନିଧିମାନଙ୍କର କାର୍ଯ୍ୟକାଳର ଏଇ ବୈଠକ ପ୍ରାୟତଃ ଶେଷ ବୈଠକ ହୋଇଥିବାରୁ ସମସ୍ତ ସଦସ୍ୟ ସଦସ୍ୟା ନିଜ ନିଜର ଦାବୀ ରଖିବା ସହିତ ପ୍ରକଳ୍ପ ତାଲିକା ପ୍ରଦାନ କରିଥିଲେ। ଶାନ୍ତି ଶୃଙ୍ଖଳାର ସହିତ ଏହି ବୈଠକ ଶେଷ ହୋଇଥିବା ବିଡ଼ିଓ ତୃପ୍ତି ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ ସାହୁ, ବେରୁହାଁ ସମିତି ସଭ୍ୟ ରଂଜିତ ପ୍ରଧାନ, ପରକୁଳା ସମିତିସଭ୍ୟ ସଞ୍ଜୟ ପାତ୍ର, ବଟିରୋ ସମିତି ସଭ୍ୟା ସୁନତି ସାହୁ, ଯମପଡ଼ା ସଭ୍ୟା ସୁପ୍ରଭା ଜେନା, ଗରଜଙ୍ଗା ସଭ୍ୟ ଶରତ ପ୍ରଧାନ, ଦଶିପୁର ସରପଂଚ ବିକ୍ରମ କେଶରୀ ଦାଶ, ହିନ୍ଦୁଳିଆ ସରପଂଚ ମନୋଜ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରାପଡ଼ା ସବୁ ସାଂସଦଙ୍କ ପ୍ରତିନିଧି ପ୍ରଜେଶ ନାୟକ, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ଭାବେ ପ୍ରତିମା ନାୟକ, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ଶେଖର ରାୟ, ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ ରଥ, ପ୍ରତାପ ମଲ୍ଲିକ, ଦୁର୍ଗାବତୀ ପ୍ରଧାନ ପ୍ରମୁଖ ଉପସ୍ଥିତି ଥିଲେ।

# ସୋନପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନାରେ ଭାବବିହ୍ୱଳ ସୁବର୍ଣ୍ଣପୁର

ସୁବର୍ଣ୍ଣପୁର,୧/୦୯ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହଠାରେ ଏକଜୁଟ ହେଲେ ସହରର ସମସ୍ତ କ୍ଲବ, ସାମାଜିକ, ଶିକ୍ଷା , ଅଧ୍ୟାତ୍ମିକ, କ୍ରିଡ଼ା ଓ ନାରୀ ଅନୁଷ୍ଠାନ। ସୁବର୍ଣ୍ଣପୁର ଜିଲ୍ଲାର ଆବାଳ ବୃଦ୍ଧ ବନିତା ସ୍ନେହ ଓ ମମତାର ଆଞ୍ଜୁଳାଏ କୁସୁମରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କଲେ ଜିଲ୍ଲାପାଳଙ୍କୁ। ଏ ଭାବ ପ୍ରବଣ ବିଦାୟ ସମ୍ବର୍ଦ୍ଧନା ଦେବାରୁ ଟିକେ ଆଶୀର୍ବାଦ ନେବାରୁ ବାଦ ପଡ଼ିନି ଗୋଟେ ସାତ ବର୍ଷର କୁନି ପିଲା। କାନ୍ଦି ପକାଉଛି ଆଜି ଦୁର୍ଘଟଣା ଗ୍ରସ୍ତ ନିମ୍ବା ଗାଁର ବିଶ୍ୱଜିତ୍ ଯିଏ କି ଜିଲ୍ଲାପାଳଙ୍କ ଦ୍ୱାରା ରେଡ଼କ୍ରସରୁ ୩୦ ହଜାର ଟଙ୍କା ଚିକିତ୍ସା ସହାୟତା ପାଇଥିଲା। କୃତଜ୍ଞତା ଦେବା ସୁଯୋଗର ହାତଛଡ଼ା କରିନି ହାର୍ଟ ଅପରେସନରେ ଜିଲ୍ଲାପାଳଙ୍କ ସମ୍ପୂର୍ଣ୍ଣ ସହଯୋଗରେ ପୁର୍ନଜୀବନ ପାଇଥିବା ହର୍ଷବର୍ଦ୍ଧନ। ଫୋନ୍‌ରେ ଶୁଭେଚ୍ଛା ଜଣାଇବା ଭୁଲିନି ଜିଲ୍ଲାପାଳଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିବା ନନ୍ଦନ ମାଳ ଗାଁର ଗରିବ ଛାତ୍ରୀ ତଥା ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଗୋଲ୍ଡ ମେଡାଲ ଛାତ୍ରୀ ମହେନ୍ଦ୍ରୀ ନାଗ। ଫୋନ୍‌ରେ ଆଶୀର୍ବାଦ ଦେବା ଭୁଲିନି ଆଜି ଜିଲ୍ଲାର ଅନେକ ବିଧବା ତଥା ଅସହାୟ ବୃଦ୍ଧ ବୃଦ୍ଧା। ଏମିତି ହଜାର ଦୁଃଖୀ ରଙ୍କି ସଧାରଣ ଲୋକ ଗାଁ ଗାଁରେ ମେଳିହୋଇ ଚିନ୍ତା କରୁଛନ୍ତି ଚର୍ଚ୍ଚା କରୁଛନ୍ତି ଆମ ପ୍ରିୟ ଜିଲ୍ଲାପାଳ ଡ଼ ନୃପରାଜ ସାର୍‌ଙ୍କ ଚାକିରୀ ଶେଷ ହୋଇଯିବ। ସ୍କୁଲ୍ କଲେଜ ବସ୍‌ରେ କ୍ଲାସରେ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଚର୍ଚ୍ଚା ଆମ ଲୋକପ୍ରିୟ ଜିଲ୍ଲାପାଳ ସୋନପୁରରୁ ବିଦାୟ ନେବେ। ଆଜି ଆୟୋଜିତ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ କହିଲା ନୂଆଁ ବସଷ୍ଟାଣ୍ଡ ନିର୍ମାଣ କଥା, ଷ୍ଟାଡିଅମ୍ ପାଇଁ ୨୫ କୋଟି ଟଙ୍କା ଅନୁଦାନ କଥା ସବୁ ଅବଦାନ ଆପଣଙ୍କ, କିଏ କହିଲା ଯିଏ ବି ଯେତେବେଳେ ଯାହା ଗୁହାରୀ କରି ଆସିଛି ଆପଣଙ୍କ ଦ୍ୱାରରୁ କେବେ ଫେରିନି। କିଏ କହିଲା ଏଇ ତେର ମାସ ଶାସନ ଆମ ଜିଲ୍ଲା ପାଇଁ ଏକ ସ୍ୱର୍ଣ୍ଣିମ ଯୁଗ ଏମିତି ଅନେକ ପ୍ରଶଂସା କରିଥିଲେ ଉପସ୍ଥିତ ସହରର ବୁଦ୍ଧିଜୀବି, ସମସ୍ତ ଅନୁଷ୍ଠାନର ପ୍ରମୁଖ କର୍ମକର୍ତା। ସଦସ୍ୟ। ସୁବର୍ଣ୍ଣପୁର ଏସ୍‌ପି ଶ୍ରୀ ନାରାୟଣ ନାୟକ, ଉପ ଜିଲ୍ଲାପାଳ ଡ଼ ସୌମ୍ୟରୂପା ରଥଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଡ଼ ସାହୁଙ୍କୁ ଉପଢ଼ୌକନ, ମାନପତ୍ର, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜ୍ଞାପନ କଲେ ସହରର ବରିଷ୍ଠ ନାଗରିକ ସଂଘ, ଶ୍ରୀ ଗୋପାଳ ଜି ଓ ଦିବ୍ୟ ଉର୍ଯ୍ୟା ଯୋଗାଳୟ ଅନୁଷ୍ଠାନ, ଓଡ଼ିଶା ସାମ୍ବାଦିକ ସଂଘ, ନାରୀ ଜାଗରଣ କେନ୍ଦ୍ର, ବ୍ୟବସାୟୀ ସଂଘ, ପର୍ଏଁରୀ, ସ୍ୱଚ୍ଛ ଭାରତ ସଙ୍ଗଠନ, ଭାରତ ବିକାଶ ପରିଷଦ, ବିଭିନ୍ନ ସାଂସ୍କୃତିକ ଆଧ୍ୟତ୍ମିକ ଅନୁଷ୍ଠାନ, କ୍ରୀଡ଼ା ସଂଘ, ପୋଲିସ ସଂଘ, ରାମ ଧୂନ୍ କ୍ଲବ, ସୋନପୁର କଲେଜ୍ ଏନ୍‌ସିସି, ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ସାହାରା ଓ ବିଶ୍ୱ ଭାରତୀ ଶିକ୍ଷା ନିକେତନ ଓ ମହାନଦୀ ଧାରା ସମେତ ସହରର ୫୦ରୁ ଉର୍ଦ୍ଧ୍ୱ ପ୍ରମୁଖ ଅନୁଷ୍ଠାନ କର୍ମକର୍ତା। ଶେଷରେ ନିଜ ଅନୁଭୂତି ପ୍ରକାଶରେ କହିଛନ୍ତି ଜିଲ୍ଲାପାଳ ଡ଼ ସାହୁ ଯେ ମୋ ଚାକିରୀ କାର୍ଯ୍ୟକାଳ ଭିତରେ ସବୁଠୁ ଅଧିକ ଲୋକଙ୍କ ସହ ସମ୍ପର୍କ ଯୋଡ଼ିଛି, ଅଧିକ ଲୋକଙ୍କୁ ଭଲପାଇଛି, ଅଧିକ କାମ କରିବାରେ ଉତ୍ସାହ ସହଯୋଗ ପ୍ରେରଣା ଓ ଆତ୍ମବିଶ୍ୱାସ ପାଇଛି, ଏଠାକାର ଲୋକଙ୍କୁ ଏ ମାଟି ପାଣି ପବନ ମନ୍ଦିର ମାଳିନୀ ସହରକୁ ଖୁବ୍ ଭଲପାଇଛି। ଯାହାକି ମୋ ଜୀବନରେ ଏ ସବୁ ସ୍ମୃତି ହୋଇ ରହିବ ମନେ ପଡିବ ସବୁଦିନ। ସଭା ଆରମ୍ଭରୁ ମା ସୁରେଶ୍ୱରୀଙ୍କ ଫଟୋ ଚିତ୍ରରେ ପୂଜା ଅର୍ଚ୍ଚନା କରାଯାଇଥିଲା କ୍ଷ ସଭାକୁ ସାମ୍ବାଦିକ ତଥା ସମାଜ ସେବୀ ମନୋରଞ୍ଜନ ତ୍ରିପାଠୀ ଓ ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ସଂଯୋଜନା କରିଥିବାବେଳେ ଆଇନଜୀବୀ ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜ ସେବୀ ଶ୍ରୀବତ୍ସ ମଲ୍ଲିକ, ସୋନପୁର କଲେଜ୍ ଏନ୍‌ସିସି ଲେଫ୍ଟ ନେଂଟ ଆଶିଷ କୁମାର ଅଗ୍ରୱାଲ, ଡ଼ ଆର୍ତ ତ୍ରାଣ ବାବୁ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସୁନନ୍ଦା ସାହୁ, ମନୋଜ୍ ପଣ୍ଡା, ଇନ୍ଦୁ ମତି ପୁରୋହିତ, ଚୌଧୁରୀ ବିଭାର, ସାମ୍ବାଦିକ ରାଜ କିଶୋର ତ୍ରିପାଠୀ, ମହାଦେବ ମଲ୍ଲିକ, ସୁଭାଷ ପଣ୍ଡା, ସୋନପୁର କଲେଜ୍ ଏନ୍‌ସିସି ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

# ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ଅଳିଆ ଆବର୍ଜନା

କେନ୍ଦ୍ରାପଡ଼ା,୧/୦୯ (ନି.ପ୍ର): ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନକୁ ଗୁରୁତ୍ୱ ଦିଆଯାଉଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିସରର ଅସ୍ୱଚ୍ଛ ପରିବେଶ ଏବେ ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକ କାର୍ଯ୍ୟାଳୟ ଭିତରେ ଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଓ ସମ୍ମିଳନୀ କକ୍ଷ ପରିସରରେ ଦୀର୍ଘଦିନ ଧରି ଲଟା, କଂଟା ଓ ଅଳିଆ ଆବର୍ଜନା ପଡ଼ି ରହିଥିବା ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ପ୍ରତିଦିନ ଲୋକମାନେ ଆସୁଥିବାବେଳେ ବସିବା ପାଇଁ ଆବଶ୍ୟକ ସ୍ଥାନର ମଧ୍ୟ ଅଭାବ ଦେଖାଦେଇଛି। ଏପରିକି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଚେୟାରମ୍ୟାନ କାର୍ଯ୍ୟକ୍ରମ ସ୍ଥଳରେ ମଧ୍ୟ ଅଳିଆ ଆବର୍ଜନା ପଡ଼ି ରହିଥିବା ଅଭିଯୋଗ ରହିଛି। ଅଳିଆ ଆବର୍ଜନା ଯୋଗୁଁ ବିଭିନ୍ନ ପ୍ରକାର ବିଷଧର ସାପ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଭୟ ମଧ୍ୟ ରହୁଛି। ଦୀର୍ଘଦିନ ଧରି ସଫେଇ ହେଉନଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ସ୍ୱଚ୍ଛତା ଅଭିଯାନର ବାର୍ତା ଦେଉଥିବା ପ୍ରଶାସନିକ କାର୍ଯ୍ୟାଳୟ ନିଜେ ଯଦି ଅସ୍ୱଚ୍ଛ ରହେ, ତେବେ ସ୍ୱଚ୍ଛ ଭାରତ ଅଭିଯାନର ବାସ୍ତବ ଚିତ୍ର ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତୁରନ୍ତ ଅଳିଆ ଆବର୍ଜନା ସଫେଇ କରି ପରିସରକୁ ସ୍ୱଚ୍ଛ ରଖିବାକୁ ସାଧାରଣରେ ଦାବି ହୋଇଛି।

# ସାରସ୍ୱତ ସାଧକ ନନ୍ଦ କିଶୋର ସାମଲ



ଦିଲ୍ଲୀପ କୁମାର ସାହୁ



ଏଇ ଘରଟିରେ ଜନମ ମୋର
ଝାଟିମାଟିର ଏ ନଡ଼ା ଛପର।
ଏଇ ଘରେ ଆମେ ଏକାଠି ଥାଉ
ଏକାଠି ବସୁ ଏକାଠି ହସୁ
ବୁଢିମା ଆସେ ପାଖରେ ବସେ
ଗପ ଶୁଣୁଶୁଣୁ ନିଦଟି ଆସେ ।

ସରଳ ତରଳ ଏହି ମନଜିଣା କବିତାକୁ ପିଲାଦିନେ ଯିଏ ପଢ଼ିଛି ସିଏ କେବେ ତାକୁ ମନରୁ ପାଶୋରି ପାରିନି । ଯିଏ ଯେଉଁଠି ଥାଉ ପଛେ, ନିଜ ଘରେ ପାଦ ଦେଉଦେଉ ମନେପଡିଯାଏ,ମନଛୁଆଁ, ପ୍ରାଣସ୍ପର୍ଶୀ ଏହି କବିତାର ଧାଡି ସବୁ। ଏହି କାଳଜୟୀ କବିତାର ସ୍ରଷ୍ଟା ହେଉଛନ୍ତି ଦରଦୀ କବି ନନ୍ଦକିଶୋର ସାମଲ, ଯିଏ କି କେବଳ ମାହାଙ୍ଗା ଅବା କୁସୁପୁରର ନୁହଁନ୍ତି ସାରା ଓଡ଼ିଶାର ଗର୍ବ ଓ ଓଡ଼ିଆ ଜାତିର ଗୌରବ।

ଓଡିଆ ସାହିତ୍ୟକୁ ତାଙ୍କ ଦାନ ଓ ତାଙ୍କ ସାରସ୍ୱତ ସାଧନାକୁ ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ହୋଇଥିବା 'ସାରସ୍ୱତ ସାଧକ ନନ୍ଦ କିଶୋର ସାମଲ' ପୁସ୍ତକରେ ନନ୍ଦ କିଶୋରଙ୍କ ସାହିତ୍ୟିକ ଜୀବନର ଉଜ୍ଜ୍ୱଳ ଚିତ୍ର ପ୍ରତିଫଳିତ ହୁଏ।

ଭାରତ ବର୍ଷ ସ୍ୱାଧୀନତା ଲାଭ କରିବାର ବହୁ ପୂର୍ବରୁ କବିଙ୍କର ଜନ୍ମ। ଜନ୍ମ ତାଙ୍କର ୧୯୨୫ ମସିହା ଜୁନ୍ ୧୨ ତାରିଖରେ ।

କଟକ ଜିଲ୍ଲାର ଏକ ଐତିହ୍ୟ ସମ୍ପନ୍ନ ଅଞ୍ଚଳ ମାହାଙ୍ଗା । ଆଦି ନାଟ୍ୟକାର ଜଗମୋହନ ଲାଲା, ପଲ୍ଲୀ କବି ନନ୍ଦକିଶୋର ବଳ, ଗଣ କବି ବୈଷ୍ଣବ ପାଣି, ବାଗ୍ମୀ ବିଶ୍ୱନାଥ କରଙ୍କ ପରି ପ୍ରତୀଥଯଥାଙ୍କ ପାଇଁ ଧନ୍ୟ ଏ ମାଟି । ସେହି ପବିତ୍ର ମାଟିର କୁସୁପୁର ଗାଁରେ ଜନ୍ମ ନନ୍ଦ କିଶୋର ସାମଲଙ୍କର ।

ପିତା ହରେକୃଷ୍ଣ ସାମଲ ଓ ମାଆ ପଦ୍ମା ଦେଇଙ୍କର ସେଥିଲେ ସୁଯୋଗ୍ୟ ସନ୍ତାନ। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା କୁସୁପୁର ଗାଁ। ଗାଁଆ ପାଖ ଦେଇ ବହି ଯାଉଛି ଅପରୂପା ବିରୁପା ନଈ। ଅଦୂରରେ ଦଣ୍ଡାୟମାନ ବୌଦ୍ଧ ଯୁଗୀୟ କିର୍ତ୍ତୀରାଜିରେ ଭରା ରତ୍ନଗିରି ଓ ଲଳିତ ଗିରି ପାହାଡ଼। ତାଳ ତମାଳ ତୋଟା ମାଳରେ ଭରା ତାଙ୍କ ଗ୍ରାମ୍ୟ ପରିବେଶ । ଏସବୁ ନନ୍ଦ କିଶୋରଙ୍କ କବି ପ୍ରତିଭାକୁ ବିକଶିତ କରିବାପାଇଁ ବେଶ୍ ଖୋରାକ ଯୋଗାଇଥିଲା । ଯାହା ଫଳରେ ଅଳ୍ପ ବୟସରୁ ଆରମ୍ଭ ହୋଇଥିଲା ତାଙ୍କର ସାରସ୍ୱତ ସାଧନା ।

ସାତବର୍ଷ ବୟସରେ ନନ୍ଦକିଶୋରଙ୍କର ବିଦ୍ୟାରମ୍ଭ ହୋଇଥିଲା। ସେତେବେଳର ପରମ୍ପରା ଅନୁଯାୟୀ ଗାଁ ଅବଧାନଙ୍କ ପାଖରେ ଖଡି ଛୁଆଁ କରାଯାଇ ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା। ଗାଁ ଚାଟଶାଳୀରେ ସେ କ ଠାରୁ କ୍ଷ ଯାଏ ଲେଖିବା ଓ ପଣିକିଆ ଶିଖି ଯାଇଥିଲେ। ଚାଟଶାଳୀ ପାଠ ସରିବା ପରେ ଗାଆଁ ମାଇନର ସ୍କୁଲରେ ସେ ନାମ ଲେଖାଇଲେ। ୧୯୪୦ ମସିହାରେ ନନ୍ଦ କିଶୋର ସେଠାରୁ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ହେଲେ ଘରର ଆର୍ଥିକ ଦୂରବସ୍ଥା ଯୋଗୁ ସେ ଆଉ ଅଧିକ ପଢ଼ି ପାରିଲେନି। କିନ୍ତୁ ଘରର ବଡ ପୁଅ ହିସାବରେ ଘର ଚଳାଇବା ପାଇଁ ତାଙ୍କୁ ଟିଉସନ୍ କରି କିଛି ଅର୍ଥ ଉପାର୍ଜନ କରିବାକୁ ପଡୁଥିଲା।

ଦାରିଦ୍ର୍ୟତା ଯୋଗୁ ନନ୍ଦ କିଶୋର ସିନା ପାଠ ପଢା ଛାଡ଼ିଦେଲେ, ହେଲେ ଅଧିକ ପଢ଼ିବାପାଇଁ ତାଙ୍କର ଖୁବ୍ ଆଗ୍ରହ ଥାଏ। ତାଙ୍କର ପାଠ ପଢିବା ପ୍ରତି ଆଗ୍ରହକୁ ଦେଖି ନନ୍ଦ କିଶୋରଙ୍କ ଗାଆଁର ବୈରାଗୀ ସାହୁ ଅଧିକ ପଢିବା ପାଇଁ ତାଙ୍କୁ ପ୍ରେରଣା ଯୋଗାଇବା ସହିତ ସାହାଯ୍ୟ ମଧ କରିଥିଲେ। ବୈରାଗୀବାବୁ କୁସୁପୁରଠାରୁ ଅଳ୍ପ ଦୂରରେ ଥିବା ସାଲେପୁର ହାଇସ୍କୁଲରେ ଶିକ୍ଷକତା କରୁଥାନ୍ତି । ସାଲେପୁର ରେ ତାଙ୍କରି ଭଡ଼ା ଘରେ ରହି ନନ୍ଦ କିଶୋର ୧୯୪୭ ମସିହାରେ ଘରୋଇ ଭାବରେ ମାଟ୍ରିକ ପାସ୍ କଲେ, ପୁଣି ସେକେଣ୍ଡ ଡିଭିଜନରେ । ୧୯୫୩ ମସିହାରେ ସେ କଟକ ସିଟି ସ୍କୁଲ୍‌ରୁ ଶିକ୍ଷକ ତାଲିମ୍ ନେଇ ଶିକ୍ଷାଦାନ ପରି ମହାନ ବୃତ୍ତିକୁ ଆଦେରି ନେଲେ । ଶିକ୍ଷକତା ସହିତ ନିଜେ ଶିକ୍ଷା ଗ୍ରହଣରୁ ମଧ ବିରତ ହୋଇ ନଥିଲେ ସେ । ଘରୋଇ ଭାବରେ ସେ ଓ.ଇ. ଓ ଈ.ଇ. ପାସ୍ କରି ରାଧାନାଥ ଟ୍ରେନିଂ କଲେଜରୁ ଈ.ଋୟ. କରିଥିଲେ। ସପ୍ତମ ଶ୍ରେଣୀରେ ପଢ଼ିବା ବେଳରୁ ନାଟକ ଲେଖିବା ପାଇଁ ନନ୍ଦ କିଶୋରଙ୍କ ମନରେ ଖୁବ୍ ଆଗ୍ରହ ସୃଷ୍ଟି ହୋଇଥିଲା ।

ସେତେବେଳେ ତାଙ୍କ ଗାଁ ପାଖ କୋଠପଦାର ବୈଷ୍ଣବ ପାଣି ଗୀତି ନାଟ୍ୟ ପାଇଁ ବେଶ୍ ଖ୍ୟାତି ଅର୍ଜନ କରିଥାନ୍ତି। ତାଙ୍କର ରଚନାବଳୀ ଗୁଡିକୁ ଅଧ୍ୟୟନ କରି ସେ ନାଟକ ରଚନା ପାଇଁ ଖୁବ୍ ଉତ୍ସାହିତ ହୋଇଥିଲେ। ତାଙ୍କୁ ଯେତେବେଳେ ମାତ୍ର ଉଣେଇଶ ବର୍ଷ ବୟସ ସେତେବେଳେ ସେ ରଚନା କରିଥିଲେ ତାଙ୍କର ପ୍ରଥମ ନାଟକ 'କୁମାର ସମ୍ଭବ' । କୁସୁପୁରର 'କୁମାର ଡ୍ରାମାଟିକ୍ କ୍ଲବ ପକ୍ଷରୁ ୧୯୪୪ ମସିହାରେ ଗାଆଁ ଦଶହରା ପଡ଼ିଆରେ ନାଟକଟି ଅଭିନିତ ହୋଇଥିଲା। ନାଟକ ଟିକୁ ନିର୍ଦ୍ଦେଶନା ଦେଇଥିଲେ କେଶବାନନ୍ଦ ସାହୁ ଓ ନାଟକ ପାଇଁ ଆବଶ୍ୟକ ପ୍ରଚ୍ଛଦପଟ ଦୃଶ୍ୟାବଳୀକୁ ସୁନ୍ଦର ଭାବେ ଆଙ୍କିଥିଲେ ବିଶିଷ୍ଟ ଚିତ୍ରଶିଳ୍ପୀ ବିଦ୍ୟାଧର ବର୍ମା।

ନାଟକ ପ୍ରାରମ୍ଭରେ ଆୟୋଜିତ ସଭାର ମୁଖ୍ୟ ଅତିଥି ଥିଲେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ଡଃ. ମାୟାଧର ମାନସିଂହ।

ନାଟକର ପରିକଳ୍ପନା ଓ ସଂଳାପ ଡ଼ଃ. ମାନସିଂହଙ୍କ ମନକୁ ଖୁବ୍ ଛୁଇଁଥିଲା । ସେ ଯେତେବେଳେ ଜାଣିଲେ ଜଣେ ଉଣେଇଶ ବର୍ଷ ବୟସର ପିଲା ଏହାର ଲେଖକ ସେତେବେଳେ ସେ ଅତି ଆନନ୍ଦିତ ହେବା ସହ ନନ୍ଦ କିଶୋରଙ୍କୁ ଡାକି ଆଶିର୍ବାଦ କରିଥିଲେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ।

ସେହି ଦିନଠାରୁ ନନ୍ଦ କିଶୋର ଆଉ ପଛକୁ ଫେରି ଚାହିଁ ନଥିଲେ । ଲେଖି ଚାଲିଥିଲେ ନାଟକ ପରେ ନାଟକ । ତାଙ୍କ ଲିଖିତ ନାଟକ ସଂଖ୍ୟା ୨୭ ରୁ ଅଧିକ। ସେହି ନାଟକ ଗୁଡିକ ମଧ୍ୟରେ ଅନ୍ୟତମ ପୋଷା ପୁଅ, ସାବିତ୍ରୀ, ଆତ୍ମାହୁତି, ସୁବର୍ଣ୍ଣ ହରିଣୀ, ସାଧବ ଝିଅ, ନୀଳମାଧବ,କଣା ମାଠିଆ, ଶକୁନ୍ତଳା, ସୀତା, ହରିଶ୍ଚନ୍ଦ୍ର ଇତ୍ୟାଦି। ତାଙ୍କ ନାଟକ ଗୁଡିକ ମାହାଙ୍ଗା ଓ ବଡଚଣା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଅଭିନିତ ହେଉଥିଲା । କୁସୁପୁର ର ବିଦ୍ୟାଳୟ, କୁମାର ଡ୍ରାମାଟିକ୍ କ୍ଲବ, ପଲ୍ଲୀ ମଙ୍ଗଳ ସମିତି ଓ ବିରୁପା ରଙ୍ଗମଞ୍ଚ ପାଇଁ ନନ୍ଦ କିଶୋର ନିୟମିତ ଭାବରେ ନାଟକ ଲେଖୁଥିଲେ। ତାଙ୍କର ଅନେକ ନାଟକ ଆକାଶବାଣୀ କଟକ ଦ୍ୱାରା ମଧ ପ୍ରସାରିତ ହୋଇଛି। ସେହି ବେତାର ନାଟକ ଗୁଡିକ ମଧ୍ୟରେ 'ମର୍ତ୍ତ୍ୟ ମଣ୍ଡଳରେ ଦେହବହି', ଆମକୁ ହାତ ଦିଅ ପ୍ରଭୁ,ବିରୁପା ଓ ଗଛରେ ହସିବ ଫୁଲ ଆଦି ଅନ୍ୟତମ। ନନ୍ଦ କିଶୋରଙ୍କ ନାଟକ ଗୁଡିକର ସଂଳାପ ଓ ବର୍ଣ୍ଣନା ଶୈଳୀ ଖୁବ୍ ସରଳ ଓ ବୋଧଗମ୍ୟ ହୋଇଥିବାରୁ, ତାହା ଦର୍ଶକ ମାନଙ୍କ ମନକୁ ବେଶ୍ ଛୁଇଁ ପାରୁଥିଲା।

ନନ୍ଦ କିଶୋର ଜଣେ ଉଚ୍ଚ କୋଟୀର ଗୀତିକବି ଥିଲେ। ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବରେ ତାଙ୍କର ଅନେକ ଗୁଡ଼ିଏ ଭକ୍ତି ଗୀତ, ପଲ୍ଲୀ ଗୀତ ଓ ଆଧୁନିକ ଗୀତ କଟକ ଆକାଶବାଣୀରୁ ପ୍ରସାରିତ ହୋଇଛି, ଯାହାକି ସବୁ ବର୍ଗର ଶ୍ରୋତା ମାନଙ୍କ ମନକୁ ଛୁଇଁ ପାରୁଥିଲା।

ନନ୍ଦକିଶୋର ଯଦିଓ ଏକାଧାରରେ ଜଣେ ନାଟ୍ୟକାର, ଗୀତି କବି ଓ ଗାଳ୍ପିକ, ସଫଳ ଶିଶୁ ସାହିତ୍ୟିକ ଭାବରେ ତାଙ୍କର ସୁନାମ କିନ୍ତୁ ବେଶୀ। ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ଶିଶୁ ମାନଙ୍କର ମନ କଥାକୁ ଭଲଭାବରେ ଅନୁଶୀଳନ କରିପାରୁଥିଲେ। ଯାହା ଫଳରେ ଶିଶୁ ମାନଙ୍କ ପାଇଁ ଲିଖିତ ତାଙ୍କ କବିତା, ଗପ ଓ ପ୍ରବନ୍ଧ ଗୁଡିକ କେବଳ ଶିଶୁ ମାନଙ୍କୁ ନୁହେଁ ବଡ ମାନଙ୍କ ମନକୁ ମଧ୍ୟ ଛୁଇଁ ପାରୁଥିଲା ।

ନନ୍ଦକିଶୋରଙ୍କ କବିତା ପ୍ରଥମେ ପ୍ରକାଶିତ ହୋଇଥିଲା, ସେତେବେଳେ କଲିକତାରୁ ପ୍ରକାଶିତ ଓଡ଼ିଆ ପତ୍ରିକା 'ଆସନ୍ତାକାଲି'ରେ। ସେହି ପତ୍ରିକା ନବ ପ୍ରତିଭା ମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କ ଲେଖାକୁ ପ୍ରକାଶିତ କରୁଥିଲା। ସେଥିରେ ସ୍ଥାନିତ ହୋଇଥିବା ନନ୍ଦକିଶୋରଙ୍କ ପ୍ରଥମ କବିତା ଦୁଇଟି ଥିଲା 'ଗାଉଁଲି ଗୀତ' ଓ 'ବଉଳର ଚିଠି' । ନିଜ କବିତାର ମୁଦ୍ରିତ ରୂପାୟନକୁ ଦେଖି ନନ୍ଦ କିଶୋର ଅଭିଭୂତ ହୋଇ ପଡ଼ିଥିଲେ। ତାପରଠାରୁ ସେ ଲେଖିଚାଲିଲେ ଅନେକ କବିତା। ନନ୍ଦକିଶୋର କିନ୍ତୁ ଲୋକଲୋଚନକୁ ଆସିଲେ ଯେତେବେଳ ତାଙ୍କର କବିତା 'ଆମଘର' ଓ ପ୍ରବନ୍ଧ 'ମହାନଦୀର ନିଜକଥା' ଦ୍ୱିତୀୟ ଶ୍ରେଣୀର ପାଠ୍ୟପୁସ୍ତକରେ ସ୍ଥାନ ପାଇଲା। 'ମହାନଦୀର ନିଜକଥା' ଲେଖାଟି ଏତେ ହୃଦୟଗ୍ରାହୀ ହୋଇଥିଲା ଯେ ତାକୁ ପଢୁପଢୁ ଛୋଟ ପିଲାଟିକୁ ମହାନଦୀର ସୃଷ୍ଟି ଠାରୁ ସମୁଦ୍ରରେ ମିଶିବା ଯାଏ ଚିତ୍ର ସତେ ଯେପରି ଜଳଜଳ ଦେଖା ଯାଉଥିଲା । ସେ ସହଜରେ ଅନୁଭବ କରିପାରୁଥିଲା ମହାନଦୀର ଗତିପଥକୁ। ସେହିଭଳି 'ଆମଘର' କବିତା । ତାର ସରଳ ତରଳ ଶବ୍ଦ ଓ ସୁନ୍ଦର ଯତିପାତ ଯୋଗୁ ପିଲାମାନେ କବିତାଟିକୁ ଦୁଇ ଚାରିଥର ପଢିବା ପରେ ମନେ ରଖିଦେଉଥିଲେ । ଏମିତିକି ବଡ ହେବା ପର୍ଯ୍ୟନ୍ତ କବିତାଟି ମନରେ ଛାପି ହୋଇ ରହୁଥିଲା।

୧୯୮୯ ମସିହାରେ ତାଙ୍କର ଆଉ ଏକ କବିତା 'ଆଦିବାସୀ ଆମେ ଆଦିବାସୀ ' ଓ ଗଳ୍ପ 'ପାଦୁକା ପୂଜା 'ଷଷ୍ଠ ଶ୍ରେଣୀ ପାଠ୍ୟ ପୁସ୍ତକରେ ସ୍ଥାନ ପାଇଲା । ଏହାପରେ 'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକ, ଉତ୍କଳ ସମ୍ମିଳନୀର ଅନ୍ୟତମ ସଂଚାଳକ ବିହାର-ଓଡ଼ିଶା ପ୍ରଦେଶର ଜଣେ ବ୍ୟବସ୍ଥାପକ ତଥା ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ, ବିଶ୍ୱନାଥ କରଙ୍କ ଜୀବନୀ ଉପରେ ଆଧାରିତ 'ବାଗ୍ମୀ ବିଶ୍ୱନାଥ' ଶିର୍ଷକ ଲେଖାଟି ମଧ ପାଠ୍ୟ ପୁସ୍ତକରେ ସ୍ଥାନ ପାଇଥିଲା ।

ଓଡିଶା ସରକାରଙ୍କ ପକ୍ଷରୁ ରାଜ୍ୟର ବରପୁତ୍ର ମାନଙ୍କ ଜୀବନୀ ସମ୍ବଳିତ ଏକ ପୁସ୍ତକ ' ବଡ ଲୋକଙ୍କ ଜୀବନୀ କଥା' ପ୍ରକାଶିତ ହୋଇଥିଲା । ଏଥିରେ ଚାରିଜଣ ବରପୁତ୍ରଙ୍କ ଜୀବନୀ ନନ୍ଦକିଶୋର ଲେଖିଥିଲେ। ସେହି ପ୍ରତୀଥଯଥା ମାନେ ହେଲେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳ ମଣି ଗୋପବନ୍ଧୁ, କବିବର ରାଧାନାଥ ଏବଂ ଶିଳ୍ପୀ ଗୁରୁ ବିଦ୍ୟାଧର। ଏହି ଲେଖାଗୁଡିକ ଏଭଳି ଯେ ତାହା ଚପଳମତି ଶିଶୁ ମନରେ ଭଲ ମଣିଷଟିଏ ହେବାର ପ୍ରେରଣା ଯୋଗାଇଥାଏ । ନନ୍ଦକିଶୋରଙ୍କ କବିତା ଓ ଗଳ୍ପ କେବଳ ପାଠ୍ୟ ପୁସ୍ତକ ମାନଙ୍କରେ ସୀମିତ ନଥିଲା।

ରାଜ୍ୟରୁ ପ୍ରକାଶିତ ସମସ୍ତ ଦୈନିକ ଖବରକାଗଜ ଓ ଶିଶୁ ମାନଙ୍କ ପାଇଁ ଉଦ୍ଦିଷ୍ଟ ପତ୍ର ପତ୍ରିକାରେ ପ୍ରକାଶିତ ହେଉଥିଲା ।

ନନ୍ଦକିଶୋରଙ୍କ ଶିଶୁ କବିତା ଗୁଡ଼ିକୁ ବିଚାର କଲେ ଜଣାଯାଏ ସେଗୁଡିକ କେବଳ ଶବ୍ଦର ସମାହାର ନୁହଁନ୍ତି, ବରଂ ଅଭୁଲା ସ୍ମୃତି ରାଜି । ତାଙ୍କର କବିତା କେବଳ ଶିଶୁ ମାନଙ୍କୁ ନୁହେଁ ବୟସ୍କ ମାନଙ୍କ ହୃଦୟକୁ ମଧ ଛୁଇଁଯାଏ ।

ନନ୍ଦକିଶୋରଙ୍କର ପ୍ରାୟ ପନ୍ଦରଟିରୁ ଅଧିକ ଶିଶୁ କବିତା ସଙ୍କଳନ ପ୍ରକାଶ ପାଇଛି । ସେଗୁଡିକ ମଧ୍ୟରେ ଗୁଣ୍ଠୁଚିମୂଷା ପିଠିରେ ଗାର, ଆମଘର, ମୁଁ କହିବି କଥାଟିଏ ତୁ କହିବୁ ହୁଁ, ଆମେ ଏ ମାଟିର ସୁନା ଫରୁଆ, ସିଏ ମୁଁ ତୁମେ, ହସି ହସାଇବା ଧରା, ଅଜା ପଚାରିଲେ ଆଇକି ଇତ୍ୟାଦି ଅନ୍ୟତମ ।

ନନ୍ଦକିଶୋରଙ୍କ ଅନେକ କବିତା ଓ ସଙ୍ଗୀତ ରୂପକ ଆକାଶବାଣୀ କଟକର ଶିଶୁ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇଛି।

ସେଗୁଡ଼ିକ ହେଲା 'ଆମେ ଗୋଦାବରୀ କାବେରୀ', ଶାଗ ପଖାଳ ଓ ଚିଲିକା ଇତ୍ୟାଦି।

ଶିଶୁମାନଙ୍କ ପାଇଁ ମନଛୁଆଁ କବିତା ଲେଖିବା ସହିତ ଅନେକଗୁଡ଼ିଏ ଗପ ମଧ ଲେଖିଛନ୍ତି ନନ୍ଦ କିଶୋର। ତାଙ୍କ ଗପ ଗୁଡିକ ବେଶ୍ ସହଜ ଓ ବୋଧଗମ୍ୟ। ଶିଶୁ ମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ସେ ତାଙ୍କ ଗପରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି।ସେହି ଗଳ୍ପଗୁଡ଼ିକ ମନୋରଞ୍ଜନ ଧର୍ମୀ ଓ ସାମାଜିକ କଥାବସ୍ତୁକୁ ନେଇ ଲେଖାଯାଇଥିବାରୁ ଶିଶୁ ମାନଙ୍କ ପାଇଁ ତାହା ବେଶ୍ ସୁଖପାଠ୍ୟ ହୋଇଥାଏ। ତାଙ୍କ ଲିଖିତ ଗଳ୍ପ ଗୁଡିକ ମଧ୍ୟରୁ କେତେଗୋଟି ହେଲା 'ଶଗଡ଼ିଆ କଥା', 'ପେଟ ଭିତରେ ଛେଳି ବୋବାଇଲା', ବଡ ଦାଣ୍ଡରେ ତିନି ଠାକୁର, ମାଜିଷ୍ଟ୍ରେଟ ବାବୁ ଓ ସାପ ଇତ୍ୟାଦି।

ସାହିତ୍ୟ ସାଧକ ନନ୍ଦ କିଶୋର ଜଣେ ଆଦର୍ଶ ଶିକ୍ଷକ, ଉତ୍ତମ ସ୍ୱାମୀ ଓ ସର୍ବୋପରି ଭଲ ମଣିଷ। ୧୯୫୩ ମସିହାରେ ସେ ରେବା ଦେବୀଙ୍କୁ ବିବାହ କରିଥିଲେ । ଆର୍ଥିକ ଦୂରବସ୍ଥା ସତ୍ତ୍ୱେ ପତି ପତ୍ନୀଙ୍କ ମଧ୍ୟରେ ମନାନ୍ତର ହେବା କେହି କେବେ ଦେଖିନି। ଏବେ ବିଦ୍ୟାଳୟ ଗୁଡ଼ିକୁ କୁହାଯାଉଛି ଦଣ୍ଡ ମୁକ୍ତ ଅଞ୍ଚଳ। ପୂର୍ବେ କିନ୍ତୁ ବିଦ୍ୟାଳୟର ନାଆଁ ଶୁଣି ପିଲାମାନେ ଡରି ଯାଉଥିଲେ। କାରଣ ଶିକ୍ଷକମାନଙ୍କ ବେତ ମାଡକୁ ଅନେକ ପିଲା ଡରି ଅଧାରୁ ପାଠ ଛାଡି ଦେଉଥିଲେ । ନନ୍ଦକିଶୋର ଥିଲେ କିନ୍ତୁ ଭାରି ସ୍ନେହି ଶିକ୍ଷକ। ତାଙ୍କର ଶିକ୍ଷକ ଜୀବନ କାଳରେ ସେ କେବେ କାହାକୁ ଦଣ୍ଡ ଦେଇ ନଥିବା କଥା କୁହନ୍ତି ତାଙ୍କ ଛାତ୍ରଛାତ୍ରୀ ମାନେ। ସମସ୍ତଙ୍କୁ ସେ ଖୁବ୍ ସ୍ନେହ ଆଦର କରନ୍ତି। ସେଥିପାଇଁ ତାଙ୍କ ପାଖ ପଡୋଶୀ, ଗାଆଁ ଲୋକ ଓ ସହକର୍ମୀ ମାନେ ସମସ୍ତେ ତାଙ୍କୁ ଖୁବ୍ ଭଲ ପାଉଥିଲେ।

ଜଣେ କବି ଓ ଲେଖକ ସହିତ ନନ୍ଦ କିଶୋର ଜଣେ ସଫଳ ସମ୍ପାଦକ ମଧ। ତାଙ୍କ ସମ୍ପାଦନାରେ ନିୟମିତ ଭାବରେ ପ୍ରକାଶ ପାଉଥିଲା ପଲ୍ଲୀ ମଙ୍ଗଳ ସମିତିର ସ୍ମରଣିକା ଓ ନନ୍ଦ କିଶୋର ବିଦ୍ୟା ମନ୍ଦିରର ମୁଖପତ୍ର ଲଳିତା। କଟକ ଆକାଶବାଣୀ ସହିତ ନନ୍ଦକିଶୋରଙ୍କ ଥିଲା ନିବୀଡ ସମ୍ପର୍କ। କେନ୍ଦ୍ରର ନାଟକ ବିଭାଗଠାରୁ ଆରମ୍ଭ କରି ସଙ୍ଗୀତ, ସାହିତ୍ୟ, ପ୍ରୌଢ଼ ଶିକ୍ଷା, ବିଦ୍ୟାଳୟ କାର୍ଯ୍ୟକ୍ରମ ଓ ଶିଶୁ ସଂସାର ବିଭାଗ ପାଇଁ ନିୟମିତ ଭାବରେ ଲେଖୁଥିଲେ ସେ । ତାଙ୍କର ଲେଖା ଗୁଡିକ ଶ୍ରୋତା ମାନଙ୍କ ମନକୁ ଖୁବ୍ ପାଉଥିଲା ।

ସାରସ୍ୱତ ସାଧନା ଓ ଉଚ୍ଚକୋଟୀର ଶିଶୁ ସାହିତ୍ୟ ପାଇଁ ନନ୍ଦକିଶୋରଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସାରା ରାଜ୍ୟର ସୁନାମଧନ୍ୟ ସାହିତ୍ୟ ଅନୁଷ୍ଠାନ ଗୁଡିକ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି । ତାଙ୍କୁ ମିଳିଛି ସମ୍ମାନଜନକ ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରଦତ୍ତ ମନୋଜା ସ୍ମାରକି ଶିଶୁସାହିତ୍ୟ ପୁରସ୍କାର, ଗୋକର୍ଣିକା ସମ୍ମାନ, ଝୁମୁକା ସମ୍ମାନ ଇତ୍ୟାଦି। ରାଜ୍ୟ ସରକାରଙ୍କ ଗୃହ ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ୧୯୬୧ରୁ ୧୯୬୬ ଯାଏ ଲଗାତାର ଛଅ ବର୍ଷ କାଳ ପୁରସ୍କୃତ ହେବା ସହିତ ୧୯୯୨ରେ ତାଙ୍କୁ ମିଳିଛି ଓଡିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଶ୍ରେଷ୍ଠ ଶିଶୁ ସାହିତ୍ୟିକ ପୁରସ୍କାର।

ସେହି ମହାନ ଶିଶୁ ସାହିତ୍ୟିକ ତଥା ସାରସ୍ୱତ ସାଧକ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ୨୦୦୩ ମସିହା ମେ ୧୯ ତାରିଖରେ । ଉତ୍କଳ ଜନନୀ ହରାଇ ବସିଥିଲା ତାର ଜଣେ କୃତି ସନ୍ତାନଙ୍କୁ।

+ ଶଙ୍କରପୁର, ଚାରବାଟିଆ,
କଟକ
ମୋ: ୭୦୭୭୨୦୬୯୭୭

# ଜେପିରୁ ଜେନ୍-ଜି ଆନ୍ଦୋଳନ ପର୍ଯ୍ୟନ୍ତ



ଅଧ୍ୟାପକ ଗୋପବନ୍ଧୁ

ନିକଟ ଅତୀତରେ ଦିଲ୍ଲୀର ଜନ୍ତରମନ୍ତରଠାରେ ଅନୁଷ୍ଠିତ ହୋଇଥିବା ଛାତ୍ର ଆନ୍ଦୋଳନ ମନେପକାଇ ଦେଇଛି ୧୯୭୪ ମସିହା ବିହାରରେ ସଂଗଠିତ ହୋଇଥିବା ଭ୍ରଷ୍ଟାଚାର ବିରୋଧୀ ଛାତ୍ର ଆନ୍ଦୋଳନ। ଯାହା ସେ ସମୟରେ ଦେଶର ଅନେକ ରାଜ୍ୟକୁ ବ୍ୟାପି ଯାଇଥିଲା। ଏ ଆନ୍ଦୋଳନ ଭ୍ରଷ୍ଟାଚାରର ଅନ୍ତ, ବେକାରୀ ସମସ୍ୟାର ସମାଧାନ ଓ ବ୍ୟବସ୍ଥା ପରିବର୍ତ୍ତନକୁ ନେଇ ମୁଣ୍ଡ ଟେକିଥିଲା। ଗୁଜରାଟରୁ ଆରମ୍ଭ ହୋଇଥିବା ଛାତ୍ର-ଯୁବ ଆନ୍ଦୋଳନର ନେତୃତ୍ୱ ପର୍ଯ୍ୟାୟକ୍ରମେ ଲୋକନାୟକ ଜୟପ୍ରକାଶ ନାରାୟଣ (ଜେପି)ଙ୍କ ହାତକୁ ଆସିଥିଲା। ଆନ୍ଦୋଳନ ଚାପରେ ତତକାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଚାରିଆଡ଼େ ଦମନଲୀଳା ଚାଲିଲା ଓ ବିରୋଧୀ ନେତାମାନଙ୍କୁ ଜେଲରେ ପୁରାଗଲା। ଏହା ସୁଯୋଗ ସୃଷ୍ଟିକଲା ସମସ୍ତ ବିରୋଧୀ ନେତାଙ୍କୁ ଏକତ୍ରୀତ କରିବାରେ। ଲୋକନାୟକ ଜୟପ୍ରକାଶଙ୍କ ନେତୃତ୍ୱରେ ଗଠିତ ହେଲା ଜନତା ପାର୍ଟି ଓ ଏହା ୧୯୭୭ ମସିହା ନିର୍ବାଚନରେ ସମ୍ପୂର୍ଣ୍ଣ ବହୁମତ ନେଇ କ୍ଷମତାକୁ ଆସିଥିଲା। ଏହା ଏକ ପ୍ରକାର ବର୍ତ୍ତମାନ ତୁଲ୍ୟ ଜେନ୍-ଜି ଆନ୍ଦୋଳନ ଥିଲା।

ଏହାପରେ ତାମିଲନାଡୁରେ ୧୯୬୫ ମସିହାର ହିନ୍ଦି ବିରୋଧି ଛାତ୍ର ଆନ୍ଦୋଳନ, ଆସାମରେ ଛାତ୍ର ଆନ୍ଦୋଳନ ୧୯୭୯ରୁ ୧୯୮୫, ତତ୍କାଳୀନ ବିହାରର ଅଲ ଝଝାଡଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିୟନ(ଆଜସୁ) ଆନ୍ଦୋଳନ, ୧୯୯୦ରେ ମଣ୍ଡଳ ବିରୋଧୀ ଛାତ୍ର ଆନ୍ଦୋଳନ ପ୍ରଭୃତି ଅନୁଷ୍ଠିତ ହୋଇଛି। ଜନ୍ତରମନ୍ତର ଆନ୍ଦୋଳନ ପରେ ଝାଡ଼ଖଣ୍ଡର ରାଞ୍ଚିଠାରେ ପରୀକ୍ଷା ଓ ନିଯୁକ୍ତିରେ ହେରଫେରକୁ ନେଇ ଛାତ୍ର ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ବିହାରର ପାଟନାରେ ମଧ ଛାତ୍ର ଆନ୍ଦୋଳନ ଚାଲିଛି। ଅନୁଷ୍ଠିତ ସମସ୍ତ ଛାତ୍ର ଆନ୍ଦୋଳନ ଲକ୍ଷ୍ୟ ହାସଲ କରିଛି। ଏଗୁଡ଼ିକ ଆଞ୍ଚଳିକ ତଥା କେତେକାଂଶରେ ଜାତୀୟ ଛାତ୍ର ଆନ୍ଦୋଳନ ଥିଲା। ହେଲେ ଜେପି ଆନ୍ଦୋଳନ ପରେ ଦେଶରେ ଏତେ ବ୍ୟାପକ ଛାତ୍ର-ଯୁବ ଆନ୍ଦୋଳନ ମୁଣ୍ଡ ଟେକିବାର ନଜିର ନଥିଲା। ଜନ୍ତରମନ୍ତରଠାରେ ନିକଟରେ ହୋଇଥିବା ଛାତ୍ର-ଯୁବ ଆନ୍ଦୋଳନ ୧୯୭୪ ମସିହା ଆନ୍ଦୋଳନର ପୁନରାବୃତ୍ତି ପରି ମନେ ହୁଏ।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ଯୁବକମାନଙ୍କୁ ପରିହାସ କରି ଅସରପା(କକ୍ରୋଚ୍) ବୋଲି କହିଥିଲେ। ଏହା ଦେଶର ଯୁବକ-ଯୁବତୀ ମାନଙ୍କୁ ମର୍ମାହତ କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକାରେ ଅଧ୍ୟୟନ କରୁଥିବା ମହାରାଷ୍ଟ୍ରର ଅଭିଜିତ ଦୀପକେ ନାମକ ଜଣେ ଯୁବକ ପରିହାସ ମୂଳକଭାବେ ମେ ୧୬, ୨୦୨୬ ରେ ଗଠନ କଲେ 'କକ୍ରୋଚ ଜନତା ପାର୍ଟି'(ସି.ଜେ.ପି.)। ସମାଜିକ ଗଣମାଧମ ଏକ୍ସ ଜରିଆରେ ସମସ୍ତ କକ୍ରୋଚ(ଯୁବକ)ମାନଙ୍କୁ ଆହ୍ୱାନ କଲେ ଯୋଡ଼ିହେବା ପାଇଁ। ସଦସ୍ୟ ସଂଖ୍ୟା କ୍ଷୀପ୍ର ବେଗରେ ବଢ଼ିଚାଲିଲା। ଦେଶର ବିଭିନ୍ନ ରାଜ୍ୟ ଓ ଜିଲ୍ଲାରେ ଏହାର ଶାଖାମାନ ଖୋଲିଲା। ନିଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଛାତ୍ର ଓ ଅଭିଭାବକମାନେ ଉତକ୍ଷିପ୍ତ ଥିଲେ। ଏହାକୁ ନେଇ ସିଜେପି ଆନ୍ଦୋଳନ ଆରମ୍ଭ କଲା। ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା, ସ୍ୱଚ୍ଛ ଓ ପାରଦର୍ଶୀ ପରୀକ୍ଷା ପ୍ରଣାଳୀ, ଶିକ୍ଷା ସଂସ୍କାର, ଅବ୍ୟବସ୍ଥା ପାଇଁ ଉତ୍ତରଦାୟୀ ଏବଂ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ମର୍ମାହତ ହୋଇ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଦାବିନେଇ ଦିଲ୍ଲୀର ଜନ୍ତରମନ୍ତରଠାରେ ଜୁନ ୬, ୨୦୧୬ଠାରୁ ଧାରଣା ପ୍ରଦର୍ଶନ ଆରମ୍ଭ ହୋଇଥିଲା।

ପ୍ରଥମ କେତୋଟି ଦିନ ଧାରଣା ପ୍ରଦର୍ଶନ ଉତ୍ସାହଜନକ ନଥିଲା। ସଂଖ୍ୟା ଆଶାନୁରୂପ ନଥିଲା। ଏହାପରେ ଯୋଡିହେଲେ ବିଶିଷ୍ଟ ଶିକ୍ଷାବିତ୍ ଓ ପରିବେଶବିତ୍ ଶ୍ରୀଯୁକ୍ତ ସନୋମ ୱାଙ୍ଗଚୁକ୍। ସେ ସମସ୍ତ ଦାବୀ ନେଇ ଜୁନ ୨୮ ତାରିଖରୁ ଆମରଣ ଅନଶନରେ ବସିଲେ। ଏହାପରେ ଆନ୍ଦୋଳନ କ୍ରମେ ଆଲୋଚନା ପରିସରକୁ ଆସିଲା। ଅନଶନ ଯେତେ ଅଧିକ ଦିନକୁ ଗଲା ଜନସମର୍ଥନ ସେହି ଅନୁସାରେ ବଢିବାକୁ ଲଗିଲା। ଆୟୋଜକମାନେ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳଙ୍କୁ ଅନୁରୋଧ କଲେ ଆନ୍ଦୋଳନରେ ସାମିଲ ହେବା ପାଇଁ। ତଥାପି ବିଶେଷ ପରିବର୍ତ୍ତନ ଦେଖିବାକୁ ମିଳିଲା ନାହିଁ। ଅନୁରୋଧ କ୍ରମେ ତାଙ୍କ ସହିତ ଯୋଡିହେଲେ ଭୀମଆର୍ମି ଓ ଆଜାଦ୍ ସମାଜ ପାର୍ଟିର ସଂସ୍ଥାପକ ଚନ୍ଦ୍ରଶେଖର ଆଜାଦ୍। ଏହାପରେ ଆନ୍ଦୋଳନର ରୂପରେଖ ବଦଳିଲା। ହଜାର ହଜାର ଭୀମଆର୍ମିର ସଦସ୍ୟ ଓ ସମର୍ଥକ ଆନ୍ଦୋଳନରେ ସାମିଲ ହେଲେ। 'ଜୟଭୀମ' ସ୍ଲୋଗାନରେ କମ୍ପିଲା ଜନ୍ତରମନ୍ତର। ହାତରେ ଥିଲା ସମ୍ବିଧାନ ପୁସ୍ତକ। ଏହା ପରେ ବିଭିନ୍ନ ରାଜନୈତିକ ଦଳ ଓ ବହୁ ବିଶିଷ୍ଟ ବ୍ୟକ୍ତି ପର୍ଯ୍ୟାୟକ୍ରମେ ଆନ୍ଦୋଳନ ସହିତ ଜଡ଼ିତ ହେଲେ। ଦିଲ୍ଲୀ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ୱାଙ୍ଗଚୁକଙ୍କୁ ୧୮ ତାରିଖ ଦିନ ବଳପୂର୍ବକ ସବଦରଜଙ୍ଗ ଡାକ୍ତରଖାନାକୁ ସ୍ଥାନାନ୍ତର କରାଗଲା। ଏପଟେ ଆନ୍ଦୋଳନକାରୀ ଜୁନ ୨୦ ତାରିଖ ଦିନ ସଂସଦଭବନ ପର୍ଯ୍ୟନ୍ତ ଶୋଭାଯାତ୍ରା ଆରମ୍ଭ କଲେ। ଏଥିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଲା। ଏମାନଙ୍କୁ ରୋକିବା ପାଇଁ ପୋଲିସକୁ ଲାଠିଚାର୍ଜ, ଲୁହବୁହା ଗ୍ୟାସ, ପେଲେଟ ଗାନ, ୱାଟର କେନନ ଇତ୍ୟାଦିର ପ୍ରୟୋଗ କରିବାକୁ ପଡିଲା। ପୋଲିସ ମାଡରେ ବହୁ ଛାତ୍ରଛାତ୍ରୀ ଓ ପ୍ରଦର୍ଶନକାରୀ ଲହୁଲୁହାଣ ହେଲେ। କେତେକଙ୍କୁ ଗିରଫ କରାଗଲା। ଚାରିଆଡ଼େ ସମସ୍ତ ମହଲରୁ ଭୀଷଣ ପ୍ରତିକ୍ରିୟା ପ୍ରକାଶ ପାଇଲା। ଦେଶର ବିଭିନ୍ନ ସ୍ଥାନରେ ସମର୍ଥନରେ ଯୁବକ ଓ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଲେ। କେତେକ ସ୍ଥାନରେ ଉଗ୍ର ପ୍ରଦର୍ଶନ ହେଲା। ମନେହେଲା ନେପାଳରେ ସଂଗଠିତ ଜେନ-ଜି ଆନ୍ଦୋଳନ ତୁଲ୍ୟ ଭାରତରେ ମଧ ହେବାକୁ ଯାଉଛି। ଶେଷରେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇଲେ। ଆଲୋଚନାକୁ ଓହ୍ଲାଇଲେ। ପ୍ରତିଶୃତି ପାଇ ଡାକ୍ତରଖାନାରେ ଅନଶନରତ ସନୋମ ୱାଙ୍ଗଚୁକ୍ ଅନଶନ ଭଙ୍ଗକଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଜୁଲାଇ ୨୫ ତାରିଖରେ ଇସ୍ତଫା ଦେଲେ। ସିଜେପିର ସମସ୍ତ ଦାବୀକୁ ସରକାର ମାନିନେଇ। ସିଜେପି ମଧ ଆନ୍ଦୋଳନକୁ ପ୍ରତ୍ୟାହାର କଲା।

୧୯୭୪ ମସିହାରେ ଅନୁଷ୍ଠିତ ହୋଇଥିବା ଛାତ୍ର ଆନ୍ଦୋଳନର ଫଳ ପ୍ରକାଶିତ ହୋଇଥିଲା ୧୯୭୭ ମସିହାରେ। ଦେଶର ଜନତାଙ୍କୁ ଏହି ଆନ୍ଦୋଳନ ଗଭୀରଭାବେ ପ୍ରଭାବିତ କରିଥିଲା। ଭ୍ରଷ୍ଟାଚାର ଓ ସ୍ୱେଚ୍ଛାଚାରୀତାକୁ ସାଧାରଣ ଜନତା ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ନବଗଠିତ ଜନତା ପାର୍ଟି ବିପୁଳ ଭୋଟରେ ବିଜୟୀ ହୋଇ କ୍ଷମତାକୁ ଆସିଥିଲା। ଏହାର ଶ୍ରେୟ ତତକାଳୀନ ଛାତ୍ର ଓ ଯୁବ ସମାଜକୁ ଦିଆଯାଇ ଥିଲା। ଯେଉଁମାନଙ୍କ ଆନ୍ଦୋଳନ ସମସ୍ତ ବିରୋଧୀ ନେତାଙ୍କୁ ସଂଗଠିତ ହେବାର ସୁଯୋଗ ସୃଷ୍ଟି କରିଥିଲା। ଜନ୍ତରମନ୍ତରଠାରେ ସଂଗଠିତ ସିଜେପି ଆନ୍ଦୋଳନ ଥମିଯାଇଛି, କିନ୍ତୁ ସମାପ୍ତ ହୋଇନାହିଁ ପରି ମନେହୁଏ। ଏହାର ପ୍ରଭାବ ପ୍ରସାରିତ ହେଉଛି। ଛାତ୍ର ଓ ଯୁବକମାନଙ୍କ ଉପରେ ହୋଇଥିବା ଦମନଲୀଳା ଦେଶବାସୀଙ୍କ ଉପରେ ଗଭୀର ପ୍ରଭାବ ପକାଇଛି। ଲୋକମାନେ ନିଜ ପିଲାଙ୍କ ଉପରେ ହୋଇଥିବା ବର୍ବୋରଚିତ ଆକ୍ରମଣକୁ ଦେଖିଛନ୍ତି। ୨୦୨୪ ମସିହାରେ ପ୍ରଣିତ ହୋଇଥିବା କୋଠର ନିୟମ ଥିବା ସତ୍ୱେ ପ୍ରଶ୍ନପତ୍ର ଲିକ୍ ହୋଇଛି। ତଥାପି ଏହାକୁ ରୋକାଯାଇ ପାରୁନାହିଁ। କେଉଁଠି ନା କେଉଁଠି ଆନ୍ତରିକତାର ଅଭାବ ରହିଛି ବୋଲି ସାଧାରଣ ଜନତା ଅନୁଭବ କରୁଛନ୍ତି। ଆଗାମୀ ଦିନରେ ଏପରି ଘଟଣାର ପୁନରାବୃତ୍ତି ହେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

ଭାରତର ଜେନ-ଜି ସଚେତନ ହେଲେଣି। ଜେନ-ଆଲ୍ଫା ମଧ୍ୟ ପ୍ରତିକ୍ରିୟାଶୀଳ ହେଉଛନ୍ତି। ସମସ୍ତେ ବ୍ୟବସ୍ଥା ପରିବର୍ତ୍ତନ କଥା କହୁଛନ୍ତି। ପ୍ରଶ୍ନ ପଚାରିବା ଆରମ୍ଭ କରିଛନ୍ତି। ସବୁକଥା ଠିକଭାବେ ବୁଝୁଛନ୍ତି। ସମ୍ବିଧାନ ସମ୍ମତଭାବେ ଶାସନ ଚାଲିଛି କି ନାହିଁ ତାହା ବି ଦେଖୁଛନ୍ତି। ବିକ୍ରୀ ହୋଇଥିବା ମିଡିଆ ତାଙ୍କ ସମର୍ଥନରେ ନଥିଲେ ବି ସାମାଜିକ ଗଣମାଧମ ତାଙ୍କ ହାତରେ ଅଛି। ଏହାହିଁ ତାଙ୍କୁ ପରସ୍ପର ସହିତ ଯୋଡୁଛି। ବିଭିନ୍ନ ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ଓ ଚୟନ ପ୍ରକ୍ରିୟାରେ ହେଉଥିବା ଅନିୟମିତତାକୁ ନେଇ ଜେନ-ଜି ଅତ୍ୟନ୍ତ କ୍ଷୁବ୍ଧ। କେତେବେଳେ କେଉଁ ବିଷୟକୁ ନେଇ ଏମାନେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ତାହା କହିହେବ ନାହିଁ। ତେବେ ସଦ୍ୟ ସଂଗଠିତ ଜେନ-ଜି ଆନ୍ଦୋଳନର ପ୍ରଭାବ ଭାରତୀୟ ରାଜନୀତି ଉପରେ କିପରି ପଡିଛି ତାହା ଜାଣିବା ପାଇଁ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସରକାର ଛାତ୍ର ଅଶାନ୍ତିର କିପରି ମୁକାବିଲା କରୁଛନ୍ତି ଓ ଏ ପରିସ୍ଥିତିକୁ କିପରି ଅତିକ୍ରମ କରୁଛନ୍ତି ତାହା ମଧ୍ୟ ଦେଖିବାକୁ ହେବ।

+ ବାରିପଦା, ମୟୂରଭଞ୍ଜ,
ପିନ୍- ୭୫୭୦୦୨

# ଅତୀତରୁ ଶିକ୍ଷା, ଭବିଷ୍ୟତର ଲକ୍ଷ୍ୟ: ସହରାଞ୍ଚଳ ସମବାୟ ବ୍ୟାଙ୍କର ପୁନରୁଦ୍ଧାର

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ସହରାଞ୍ଚଳ ସମବାୟ ବ୍ୟାଙ୍କ (ୟୁସିବି) ଗୁଡ଼ିକୁ ନୂତନ ଲାଇସେନ୍ସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛି, ଯାହା ଏହି କ୍ଷେତ୍ରକୁ ଏକ ନୂତନ ଜୀବନଦାନ ଦେଇଛି । ଅଗଷ୍ଟ ୨୦୨୬ ରେ ଆରବିଆଇ ଦ୍ୱାରା ଘୋଷିତ ଏହି ଅନ୍-ଟ୍ୟାପ୍ ଲାଇସେନ୍ସିଂ ବ୍ୟବସ୍ଥା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ତଥା ଯୁକ୍ତିଯୁକ୍ତ ପଦକ୍ଷେପ । ବିଶେଷ କରି ଯେତେବେଳେ ଦେଶରେ ଡିଜିଟାଲ୍ ଫାଇନାନ୍ସର ଦ୍ରୁତ ବିକାଶ ସତ୍ତ୍ୱେ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଗୁଡ଼ିକ ବ୍ୟାପକ ଋଣ ଅଭାବର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ପୁନରୁଦ୍ଧାର ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆହୁରି ସୁଦୃଢ଼ କରିବ । ସାମ୍ପ୍ରତିକ ଡେଲଏଟ୍ ଏବଂ ନୀତି ଆୟୋଗ ରିପୋର୍ଟ ଅନୁଯାୟୀ, ଭାରତରେ ମାତ୍ର ୧୪ ପ୍ରତିଶତ ଏମଏସଏମଇ ଆନୁଷ୍ଠାନିକ ଋଣ ପାଇବାରେ ସକ୍ଷମ ହେଉଥିବା ବେଳେ ପ୍ରାୟ ୨୫ ରୁ ୩୦ ଲକ୍ଷ କୋଟି ଟଙ୍କାର ଏକ ବିଶାଳ ଋଣ ବ୍ୟବଧାନ ରହିଛି । ଏପରିକି ଜିଡିପି ପ୍ରତି ଏହି କ୍ଷେତ୍ରର ଅବଦାନକୁ ହିସାବକୁ ନେଲେ ଏହି ବ୍ୟବଧାନ ୫୦ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ ବୋଲି ଆକଳନ କରାଯାଇଛି । ଏହି ବିଶାଳ ଆର୍ଥିକ ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ୟୁସିବି ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ, କାରଣ ସେମାନେ ପାରମ୍ପରିକ ଭାବରେ ସ୍ଥାନୀୟ ସମ୍ପ୍ରଦାୟ ଏବଂ ଔପଚାରିକ ବ୍ୟାଙ୍କିଙ୍ଗ୍ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିଆସିଛନ୍ତି। ତେବେ ଅତୀତର ତିକ୍ତ ଅନୁଭୂତିକୁ ଦୃଷ୍ଟିରେ ରଖି ଆରବିଆଇ ଏଥର କେବଳ ସୁଶାସନ ଏବଂ ଆର୍ଥିକ ସ୍ଥିରତା ଉପରେ ଗୁରୁତ୍ୱାରୋପ କରିଛି, ଯାହାଦ୍ୱାରା ସିଷ୍ଟମିକ୍ ରିସ୍କ ବା ବ୍ୟବସ୍ଥାଗତ ବିପଦକୁ ଏଡ଼ାଇ ଦିଆଯାଇପାରିବ ଏବଂ ଦେଶର ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ।

ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକର ଇତିହାସ ବେଶ୍ ପୁରୁଣା ଏବଂ ଏହା ସମ୍ପ୍ରଦାୟର ବିଶ୍ୱାସ ଉପରେ ପ୍ରତିଷ୍ଠିତ । ୧୯୦୪ ମସିହାର କୋଅପରେଟିଭ୍ କ୍ରେଡିଟ୍ ସୋସାଇଟିଜ୍ ଆକ୍ଟରୁ ଏହାର ଉତ୍ପତ୍ତି ହୋଇଥିଲା ଏବଂ ଅକ୍ଟୋବର ୧୯୦୪ ରେ ମାଡ୍ରାସ ପ୍ରଦେଶର କାଞ୍ଚିଭରମ୍ ଠାରେ ପ୍ରଥମ ସହରାଞ୍ଚଳ ସମବାୟ ଋଣ ସମିତି ପଞ୍ଜୀକୃତ ହୋଇଥିଲା । ଆଧୁନିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଭଳି ଆର୍ଥିକ ଗଣତନ୍ତ୍ରର ଏକ ଉତ୍କୃଷ୍ଟ ଉଦାହରଣ ଭାବରେ ଏହି ବ୍ୟାଙ୍କଗୁଡ଼ିକୁ ପରିକଳ୍ପନା କରାଯାଇଥିଲା । ସଦସ୍ୟମାନଙ୍କଠାରୁ ସଞ୍ଚୟ ସଂଗ୍ରହ କରିବା ଏବଂ ମୁଖ୍ୟଧାରାର ବ୍ୟାଙ୍କଗୁଡ଼ିକ ଦ୍ୱାରା ଅଣଦେଖା କରାଯାଉଥିବା ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଋଣ ପ୍ରଦାନ କରିବା ଏହାର ମୂଳ ଲକ୍ଷ୍ୟ ଥିଲା । ସ୍ୱାଧୀନତା ପରେ ଆଖପାଖର ବାଣିଜ୍ୟ, ଖୁଚୁରା ବ୍ୟବସାୟ, ଗୃହ ନିର୍ମାଣ, ଶିକ୍ଷା ଏବଂ କ୍ଷୁଦ୍ର ବ୍ୟବସାୟକୁ ଆର୍ଥିକ ସହାୟତା ଯୋଗାଇଦେବାରେ ୟୁସିବି ଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହିତ ସିଧାସଳଖ ସମ୍ପର୍କ ଥିବାରୁ ସୂଚନା ଅସମାନତା ହ୍ରାସ ପାଉଥିଲା ଏବଂ ଋଣ ପ୍ରଦାନ ପ୍ରକ୍ରିୟା ସହଜ ହେଉଥିଲା । ଏହି ଆଭିମୁଖ୍ୟ ଯୋଗୁଁ ସମବାୟ ବ୍ୟାଙ୍କଗୁଡ଼ିକ ସାଧାରଣ ଲୋକଙ୍କର ଅତ୍ୟନ୍ତ ନିକଟତର ହୋଇପାରିଥିଲେ ଏବଂ ଏକ ସୁଦୃଢ଼ ଆର୍ଥିକ ଭିତ୍ତିଭୂମି ଗଠନ କରିବାରେ ସହାୟକ ହୋଇଥିଲେ । ଏହି ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତିର ବିକାଶ ସମ୍ଭବ ହୋଇପାରିଥିଲା ଏବଂ ଲୋକମାନଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ବୃଦ୍ଧି ପାଇଥିଲା । ୧୯୯୦ ଦଶକର ପ୍ରାରମ୍ଭରେ ଦେଶରେ ପ୍ରାୟ ୧,୧୦୦ ସହରାଞ୍ଚଳ ସମବାୟ ବ୍ୟାଙ୍କ ଥିଲା ଏବଂ ସେଗୁଡ଼ିକ ସତର୍କତାର ସହିତ ଆଗକୁ ବଢ଼ୁଥିଲେ । କିନ୍ତୁ ଅର୍ଥନୈତିକ ଉଦାରୀକରଣ ପରେ, ମରାଠେ କମିଟିର ସୁପାରିଶ କ୍ରମେ ଆରବିଆଇ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଏକ ଉଦାର ଆଭିମୁଖ୍ୟ ଗ୍ରହଣ କରିଥିଲା । ଏହାର ଫଳସ୍ୱରୂପ ୟୁସିବି ଗୁଡ଼ିକର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଲା । ମାର୍ଚ୍ଚ ୩୧, ୨୦୦୩ ସୁଦ୍ଧା ଦେଶରେ ୟୁସିବି ସଂଖ୍ୟା ୨,୧୦୪ ରେ ପହଞ୍ଚିଥିଲା, ଯେଉଁଥିରୁ ୫୬ ଟି ଅନୁସୂଚିତ ବ୍ୟାଙ୍କ ଥିଲା । ଆଶ୍ଚର୍ଯ୍ୟର କଥା ହେଉଛି, ଏଥିମଧ୍ୟରୁ ପ୍ରାୟ ୭୯ ପ୍ରତିଶତ ବ୍ୟାଙ୍କ କେବଳ ପାଞ୍ଚୋଟି ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ତାମିଲନାଡୁରେ କେନ୍ଦ୍ରୀଭୂତ ହୋଇଥିଲା । କିନ୍ତୁ ଏହି ଦ୍ରୁତ ସମ୍ପ୍ରସାରଣ ସହିତ ସମବାୟ ବ୍ୟାଙ୍କିଙ୍ଗ୍ ଇକୋସିଷ୍ଟମରେ ଅନେକ ଗଠନମୂଳକ ଦୁର୍ବଳତା ମଧ୍ୟ ପ୍ରକାଶ ପାଇବାକୁ ଲାଗିଲା । ଦୁର୍ବଳ ଶାସନ ବ୍ୟବସ୍ଥା, ରାଜନୈତିକ ହସ୍ତକ୍ଷେପ, କେନ୍ଦ୍ରୀଭୂତ ଋଣ ପ୍ରଦାନ, ଦୁର୍ବଳ ପୁଞ୍ଜି ସଂରଚନା ଏବଂ ପ୍ରଯୁକ୍ତିବିଦ୍ୟାର ଅଭାବ ଆଦି କାରଣରୁ ଅନେକ ବ୍ୟାଙ୍କ ବିଫଳତାର ସମ୍ମୁଖୀନ ହେଲେ । ଏହି ସମସ୍ୟାଗୁଡ଼ିକର ସମାଧାନ କରିବା କଷ୍ଟକର ଥିଲା କାରଣ ଏହି ବ୍ୟାଙ୍କଗୁଡ଼ିକ ଉପରେ ଦ୍ୱୈତ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ ହେଉଥିଲା। ବ୍ୟାଙ୍କିଙ୍ଗ୍ କାର୍ଯ୍ୟଗୁଡ଼ିକୁ ଆରବିଆଇ ତଦାରଖ କରୁଥିବା ବେଳେ ପରିଚାଳନା ଏବଂ ଶାସନ ବ୍ୟବସ୍ଥା ରାଜ୍ୟ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ଅଧୀନରେ ରହୁଥିଲା । ଏହି ଦ୍ୱୈତ ନିୟନ୍ତ୍ରଣ ବ୍ୟବସ୍ଥା ଅନେକ ସମୟରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ବିଳମ୍ବିତ କରୁଥିଲା ଏବଂ ଦୁର୍ନୀତି ପାଇଁ ବାଟ ଫିଟାଉଥିଲା ।

ଏହି ଦ୍ୱୈତ ନିୟନ୍ତ୍ରଣ ଏବଂ ଦୁର୍ବଳ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଯୋଗୁଁ ଶାସନଗତ ବିଫଳତା ଏକ ସାଧାରଣ ଘଟଣାରେ ପରିଣତ ହେଲା । ସମ୍ପର୍କୀୟମାନଙ୍କୁ ଋଣ ପ୍ରଦାନ, ଅପର୍ଯ୍ୟାପ୍ତ ବିପଦ ପରିଚାଳନା ଏବଂ ରାଜନୈତିକରଣ ହୋଇଥିବା ବୋର୍ଡ ନିର୍ବାଚନ ଯୋଗୁଁ ଅନୁଷ୍ଠାନଗୁଡ଼ିକ ଭୁଶୁଡ଼ି ପଡ଼ିଲା । କ୍ରୋନି କ୍ୟାପିଟାଲିଜମ୍ ବା ପୁଞ୍ଜିବାଦୀ ମାନଙ୍କ ସହ ଅସାଧୁ ମେଣ୍ଟର ଭାର ସହି ନପାରି ଅନେକ ବ୍ୟାଙ୍କ ବନ୍ଦ ହୋଇଗଲା । ଏହା ସହିତ ସମବାୟ ବୋର୍ଡର ଗଠନମୂଳକ ତ୍ରୁଟି ମଧ୍ୟ ଏକ ବଡ଼ ସମସ୍ୟା ଥିଲା । ସେୟାରହୋଲ୍ଡିଂ ନିର୍ବିଶେଷରେ ଜଣେ ସଦସ୍ୟ, ଗୋଟିଏ ଭୋଟ୍ ନୀତି ଯୋଗୁଁ ନୂତନ ପୁଞ୍ଜି ନିବେଶ ପାଇଁ କୌଣସି ପ୍ରୋତ୍ସାହନ ନଥିଲା । ଫଳରେ ୟୁସିବି ଗୁଡ଼ିକ ତୀବ୍ର ପୁଞ୍ଜି ସଙ୍କଟର ସମ୍ମୁଖୀନ ହେଲେ, ଯାହା ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗିଦେଲା ଏବଂ ଜମାକାରୀମାନଙ୍କୁ ବିପଦରେ ପକାଇଦେଲା । ଏହି ପରିସ୍ଥିତିରେ ଲୋକମାନେ ନିଜର ଜମା ରାଶି ଫେରି ପାଇବା ପାଇଁ ବ୍ୟାଙ୍କ ସାମ୍ନାରେ ଲମ୍ବା ଧାଡ଼ିରେ ଠିଆ ହେବାର ଦୃଶ୍ୟ ସାଧାରଣ ହୋଇଯାଇଥିଲା । ବ୍ୟାଙ୍କ ପରିଚାଳକମାନଙ୍କର ମନମୁଖୀ କାର୍ଯ୍ୟ ଏବଂ ସ୍ୱାର୍ଥାନ୍ୱେଷୀ ନୀତି ଯୋଗୁଁ ସମବାୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରୁ ଲୋକଙ୍କର ଭରସା ତୁଟିଯାଇଥିଲା । ଯେଉଁ ବ୍ୟାଙ୍କଗୁଡ଼ିକ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଗଠନ କରାଯାଇଥିଲା, ସେଗୁଡ଼ିକ ଶେଷରେ ଲୋକଙ୍କ ଆର୍ଥିକ ବିପର୍ଯ୍ୟୟର କାରଣ ପାଲଟିଥିଲେ।

ଏହି ବିଫଳତାର ତାଲିକାରେ ଅନେକ ବଡ଼ ବଡ଼ ନାମ ସାମିଲ ଅଛି । ଉଦାହରଣ ସ୍ୱରୂପ, ମାଧବପୁରା ମର୍କାଣ୍ଟାଇଲ୍ କୋଅପରେଟିଭ୍ ବ୍ୟାଙ୍କ (ଏମଏମସିବି) ସେୟାର ବଜାର ଅପରେଟର କେତନ ପାରେଖଙ୍କ ସହ ଜଡ଼ିତ ସଂସ୍ଥାଗୁଡ଼ିକୁ ଅତ୍ୟଧିକ ଋଣ ଦେଇ ବିଫଳ ହୋଇଥିଲା । ସେହିପରି ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ୍ (ପିଏମସି) ବ୍ୟାଙ୍କ ଜାଲ୍ ଆକାଉଣ୍ଟିଂ ପ୍ରାକ୍ଟିସ୍ ମାଧ୍ୟମରେ ଏଚଡିଆଇଏଲ୍ କୁ ଦିଆଯାଇଥିବା ବିପୁଳ ପରିମାଣର ଖରାପ ଋଣକୁ ଲୁଚାଇ ରଖିଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ବଡ଼ ଦୁର୍ନୀତି ଭାବରେ ସାମ୍ନାକୁ ଆସିଲା । କେବଳ ଏତିକି ନୁହେଁ, ଆହୁରି ଅନେକ ବ୍ୟାଙ୍କ ମଧ୍ୟ ସମାନ ଦଶା ଭୋଗିଥିଲେ । କାପୋଲ୍ କୋଅପରେଟିଭ୍ ବ୍ୟାଙ୍କ ଉଚ୍ଚ ଅଣ-ନିଷ୍ପାଦନକାରୀ ସମ୍ପତ୍ତି (ଏନପିଏ), ଅପର୍ଯ୍ୟାପ୍ତ ପୁଞ୍ଜି ଏବଂ ଦୁର୍ବଳ ଶାସନ କାରଣରୁ ବିଫଳ ହୋଇଥିଲା। ସିକେପି କୋଅପରେଟିଭ୍ ବ୍ୟାଙ୍କର ନେଟ୍ ୱର୍ଥ ନକାରାତ୍ମକ ହୋଇଯାଇଥିଲା ଏବଂ ଋଣ ଆଦାୟର କୌଣସି ସମ୍ଭାବନା ନଥିଲା । ଲକ୍ଷ୍ମୌ ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ, ୟୁନାଇଟେଡ୍ କୋଅପରେଟିଭ୍ ବ୍ୟାଙ୍କ, ଦି ସିଟି କୋଅପରେଟିଭ୍ ବ୍ୟାଙ୍କ ଏବଂ ବନାରସ ମର୍କାଣ୍ଟାଇଲ୍ କୋଅପରେଟିଭ୍ ବ୍ୟାଙ୍କ ଭଳି ଅନେକ ଅନୁଷ୍ଠାନର ଲାଇସେନ୍ସ ଆରବିଆଇ ଦ୍ୱାରା ବାତିଲ କରାଯାଇଥିଲା। ଏହି ସବୁ ବ୍ୟାଙ୍କଗୁଡ଼ିକ ବ୍ୟାଙ୍କିଙ୍ଗ୍ ନିୟମାବଳୀ ପାଳନ କରିବାରେ ବିଫଳ ହୋଇଥିଲେ ଏବଂ ଜମାକାରୀଙ୍କ ସ୍ୱାର୍ଥ ରକ୍ଷା କରିପାରିନଥିଲେ । ଏହି ଶାସନଗତ ତ୍ରୁଟିଗୁଡ଼ିକ ସିଷ୍ଟମିକ୍ ରିସ୍କରେ ପରିଣତ ହେବା ପରେ, ୨୦୦୪ ମସିହାରୁ ଆରବିଆଇ ନୂତନ ଲାଇସେନ୍ସ ପ୍ରଦାନ ବନ୍ଦ କରିଦେଇଥିଲା। ଲାଇସେନ୍ସ ବାତିଲ, ମିଶ୍ରଣ ଏବଂ ଲିକ୍ୱିଡେସନ୍ କାରଣରୁ ୟୁସିବି ଗୁଡ଼ିକର ସଂଖ୍ୟା ହ୍ରାସ ପାଇ ପ୍ରାୟ ୧,୫୦୦ ରେ ପହଞ୍ଚିଲା । ଏକଦା ମୋଟ ବ୍ୟାଙ୍କିଙ୍ଗ୍ ଋଣରେ ୪ ପ୍ରତିଶତ ଅଂଶଧନ ରଖିଥିବା ଏହି କ୍ଷେତ୍ର ବର୍ତ୍ତମାନ ୨ ପ୍ରତିଶତରୁ କମ୍ ଅଂଶଧନରେ ସୀମିତ ହୋଇଯାଇଛି ।

ବର୍ତ୍ତମାନ ଭାରତର ବ୍ୟାଙ୍କିଙ୍ଗ୍ ଶିଳ୍ପ ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଛି ଏବଂ ଏହା ମୁଖ୍ୟତଃ ବୃହତ୍ ପୁଞ୍ଜି ଆଧାର ଏବଂ ଉନ୍ନତ ବୈଷୟିକ ଭିତ୍ତିଭୂମି ଥିବା ବଡ଼ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକ ଉପରେ କେନ୍ଦ୍ରୀଭୂତ ହୋଇଛି । ତଥାପି, ଅଣସଂଗଠିତ କ୍ଷେତ୍ର ଏବଂ ଏମଏସଏମଇ ଗୁଡ଼ିକ ପାଇଁ ଆବଶ୍ୟକ ଋଣ ଯୋଗାଇଦେବାରେ ଏହି ବଡ଼ ବ୍ୟାଙ୍କଗୁଡ଼ିକ ସମ୍ପୂର୍ଣ୍ଣ ସଫଳ ହୋଇପାରିନାହାଁନ୍ତି । ତେଣୁ, ଏକ କଷ୍ଟଦାୟକ ସଂଶୋଧନ ପ୍ରକ୍ରିୟା ଦେଇ ଗତି କରିଥିବା ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ପୁନର୍ଜୀବିତ କରିବା ଏକ ଅତ୍ୟନ୍ତ ସମୟୋପଯୋଗୀ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ, ଆରବିଆଇ ୨୦୨୨ ମସିହାରେ ୟୁସିବି ଗୁଡ଼ିକ ପାଇଁ ଏକ ଚାରି-ସ୍ତରୀୟ ନିୟନ୍ତ୍ରଣ ବ୍ୟବସ୍ଥା ଆଣିଥିଲା ଏବଂ ବର୍ତ୍ତମାନ ଅଗଷ୍ଟ ୨୦୨୬ ରେ ଅନ୍-ଟ୍ୟାପ୍ ଲାଇସେନ୍ସିଂ ଫ୍ରେମୱାର୍କ ଘୋଷଣା କରିଛି । ନୂତନ ନିୟମ ଅନୁଯାୟୀ, ପ୍ରବେଶ ମାନଦଣ୍ଡକୁ ଯଥେଷ୍ଟ କଠୋର କରାଯାଇଛି । ଗୋଟିଏ ନୂତନ ଲାଇସେନ୍ସ ପାଇବା ପାଇଁ ଆବେଦନକାରୀ ସଂସ୍ଥାର ସର୍ବନିମ୍ନ ପୁଞ୍ଜି ୩୦୦ କୋଟି ଟଙ୍କା ହେବା ଆବଶ୍ୟକ । ଏହା ସହିତ କ୍ୟାପିଟାଲ୍ ଆଡେକ୍ୱେସି ରେସିଓ (ସିଆରଏଆର) ଅତିକମରେ ୧୨ ପ୍ରତିଶତ ଏବଂ ନେଟ୍ ଏନପିଏ ଅନୁପାତ ୩ ପ୍ରତିଶତରୁ ଅଧିକ ନହେବା ଉଚିତ୍ । ଆବେଦନକାରୀମାନେ ଅତିକମରେ ୧୦ ବର୍ଷ ଧରି କାର୍ଯ୍ୟକ୍ଷମ ଥିବା ଆବଶ୍ୟକ ଏବଂ ସର୍ବନିମ୍ନ ୫ ବର୍ଷ ପାଇଁ ଏକ ସୁଦୃଢ଼ ଆର୍ଥିକ ଟ୍ରାକ୍ ରେକର୍ଡ ରହିବା ବାଧ୍ୟତାମୂଳକ କରାଯାଇଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଆରବିଆଇର ଉଦ୍ଦେଶ୍ୟ କେବଳ ୟୁସିବି ଗୁଡ଼ିକର ସଂଖ୍ୟା ବୃଦ୍ଧି କରିବା ନୁହେଁ, ବରଂ କମ୍ ସଂଖ୍ୟକ କିନ୍ତୁ ଅଧିକ ଶକ୍ତିଶାଳୀ ଏବଂ ସୁପରିଚାଳିତ ଅନୁଷ୍ଠାନ ପ୍ରତିଷ୍ଠା କରିବା । ଏହି କଠୋର ନିୟମାବଳୀ ନୂତନ ବ୍ୟାଙ୍କଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବା ସହିତ ଜମାକାରୀଙ୍କ ସ୍ୱାର୍ଥକୁ ମଧ୍ୟ ସୁରକ୍ଷିତ ରଖିବ ।

ବ୍ୟାଙ୍କିଙ୍ଗ୍ ନିୟନ୍ତ୍ରକଙ୍କ ଏହି ଆତ୍ମବିଶ୍ୱାସ ମୁଖ୍ୟତଃ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ । ନୂତନ ଫ୍ରେମୱାର୍କରେ ଟେକ୍ନୋଲୋଜି ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି, ଯଦିଓ ଅନେକ ଛୋଟ ୟୁସିବି ପାଇଁ ସାଇବର ସୁରକ୍ଷା ଏବେ ବି ଏକ ବଡ଼ ଆହ୍ୱାନ ହୋଇ ରହିଛି । ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଡିଜିଟାଲ୍ ଠକେଇ ଏବଂ ତଥ୍ୟ ଚୋରି ଏକ ନିତିଦିନିଆ ଘଟଣା ହୋଇଥିବାରୁ, ସମବାୟ ବ୍ୟାଙ୍କଗୁଡ଼ିକୁ ନିଜର ଆଇଟି ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ । ଆଗାମୀ ଦିନରେ ନୂତନ ଲାଇସେନ୍ସ ପାଇଁ ବଡ଼ ସହରାଞ୍ଚଳ ସମବାୟ ଋଣ ସମିତି, ବହୁ-ରାଜ୍ୟ ସମବାୟ ଋଣ ସମିତି ଏବଂ ବଡ଼ ସମବାୟ ଫେଡେରେସନ୍ ଗୁଡ଼ିକ ଆଗେଇ ଆସିବାର ସମ୍ଭାବନା ରହିଛି । ବିଶେଷ କରି ଏକାଧିକ ରାଜ୍ୟରେ କାର୍ଯ୍ୟ କରୁଥିବା ସମିତିଗୁଡ଼ିକୁ ପ୍ରାଥମିକତା ଦିଆଯିବ ବୋଲି ଆରବିଆଇ ସ୍ପଷ୍ଟ କରିଛି, ଯାହାଦ୍ୱାରା ସେମାନେ ଏକ ବୃହତ୍ତର ଭୌଗୋଳିକ କ୍ଷେତ୍ରରେ ନିଜର ସେବା ଯୋଗାଇପାରିବେ । ତଥାପି, ଏପର୍ଯ୍ୟନ୍ତ କୌଣସି ସଂସ୍ଥା ସାର୍ବଜନୀନ ଭାବରେ ନୂତନ ଲାଇସେନ୍ସ ପାଇଁ ଆଗ୍ରହ ପ୍ରକାଶ କରିନାହାଁନ୍ତି, ଯାହା ଦର୍ଶାଉଛି ଯେ କଠୋର ନିୟମାବଳୀ ସେମାନଙ୍କୁ ଅଧିକ ସତର୍କ କରାଇଦେଇଛି । ଏହି ସତର୍କତା ଭବିଷ୍ୟତ ପାଇଁ ଏକ ଶୁଭ ସଙ୍କେତ, କାରଣ ଏହାଦ୍ୱାରା କେବଳ ସକ୍ଷମ ଏବଂ ପ୍ରସ୍ତୁତ ଥିବା ସଂସ୍ଥାଗୁଡ଼ିକ ହିଁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରବେଶ କରିବେ । ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ନିଜର ସାଇବର ସୁରକ୍ଷାକୁ ମଜବୁତ କରିବା ସହିତ ଗ୍ରାହକମାନଙ୍କୁ ଉନ୍ନତ ଡିଜିଟାଲ୍ ସେବା ପ୍ରଦାନ କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ।

ପରିଶେଷରେ, ଭାରତୀୟ ବ୍ୟାଙ୍କିଙ୍ଗ୍ ଶିଳ୍ପରେ ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକର ସଫଳତା ସମ୍ପୂର୍ଣ୍ଣ ରୂପେ ସେମାନଙ୍କର କାର୍ଯ୍ୟଶୈଳୀ ଉପରେ ନିର୍ଭର କରେ । ଯଦି ସେମାନେ ଐତିହାସିକ ଭୁଲଗୁଡ଼ିକୁ ଏଡ଼ାଇ ପାରିବେ, ଆଧୁନିକ ବ୍ୟାଙ୍କିଙ୍ଗ୍ ଅଭ୍ୟାସକୁ ଆପଣେଇବେ ଏବଂ କର୍ପୋରେଟ୍ ସୁଶାସନ ବଜାୟ ରଖିବେ, ତେବେ ସେମାନେ ନିଶ୍ଚିତ ଭାବରେ ନୂତନ ପିଢ଼ିର ବ୍ୟାବସାୟିକ ବ୍ୟାଙ୍କ ଏବଂ କ୍ଷୁଦ୍ର ଅର୍ଥ ବ୍ୟାଙ୍କ (ଏସଏଫବି) ଗୁଡ଼ିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ତୃତୀୟ ସ୍ତମ୍ଭ ଭାବରେ ଉଭା ହୋଇପାରିବେ । ଏମଏସଏମଇ କ୍ଷେତ୍ରର ଋଣ ଆବଶ୍ୟକତାକୁ ପୂରଣ କରିବା ଏବଂ ତୃଣମୂଳ ସ୍ତରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ୟୁସିବି ଗୁଡ଼ିକର ପୁନରୁଦ୍ଧାର କେବଳ ଏକ ବିକଳ୍ପ ନୁହେଁ, ବରଂ ଏକ ଆବଶ୍ୟକତା । ଏହି ସୁଯୋଗର ସଠିକ୍ ବିନିଯୋଗ ହେଲେ ଭାରତର ସମବାୟ ବ୍ୟବସ୍ଥା ପୁଣିଥରେ ନିଜର ହଜିଯାଇଥିବା ଗୌରବ ଫେରିପାଇବ ଏବଂ ଦେଶର ଆର୍ଥିକ ପ୍ରଗତିରେ ଏକ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ମଧ୍ୟରେ ଥିବା ଆର୍ଥିକ ବ୍ୟବଧାନକୁ ଦୂର କରିବାରେ ଏହି ବ୍ୟାଙ୍କଗୁଡ଼ିକର ଯୋଗଦାନ ଆଗାମୀ ଦିନରେ ଦେଶର ସାମଗ୍ରିକ ବିକାଶର ମାପକାଠି ସାଜିବ ।

# ଯୁବପିଢ଼ିଙ୍କ ପାଇଁ ସଞ୍ଚୟ ଟିପ୍ସ



**ସୁକାନ୍ତ ଛାଟୋଇ**

ଆଜିର ଦରଦାମକୁ ଦେଖନ୍ତୁ, ଦିନକୁ ଦିନ ବଜାରର ଭାଉ ଚଢ଼ା ହୋଇ ହୋଇ ଯାଉଛି। କେବଳ ନିମ୍ନମଧ୍ୟବିତ୍ତ ବର୍ଗର ପରିବାର କଥା ନୁହେଁ। ମଧ୍ୟବିତ୍ତ ବର୍ଗମାନେ ମଧ୍ୟ ମାସ ଅଧା ବେଳକୁ ଦରମା ସରିଯାଉଛି। ତେବେ ଆଜିର ଆଲୋଚନାଟି ହେଉଛି ପିଲାମାନଙ୍କର ସଞ୍ଚୟ ବ୍ୟବସ୍ଥାକୁ ନେଇ। କାରଣ ଅନେକ ପିଲା ବେଳେ ବେଳେ ବଦଖର୍ଚ୍ଚୀ ହୋଇଯାଆନ୍ତି।

ପାଠପଢ଼ା ସରିଗଲାଣି ଆଉ ରୋଜଗାର ପାଇଁ ଆପଣ ସଜବାଜ ହେଉଛନ୍ତି କିମ୍ବା ନୂଆ ନୂଆ ଚାକିରି ଜୀବନ ଆରମ୍ଭ କରିଛନ୍ତି ? ଦରମା ହାତକୁ ଆସିଲେ ଆମର ଖର୍ଚ୍ଚ କରିବାର ଇଛା ଓ ଆକାଂକ୍ଷା ବି ବଢ଼ିଯାଏ। ପୋଷାକପତ୍ର ଠାରୁ ଆରମ୍ଭ କରି ନାନା ସୌଖୀନ ଜିନିଷ କିଣିବାକୁ ମନ ବଳେ। ହେଲେ ଏସବୁ ଭିତରେ ଆମକୁ ଭବିଷ୍ୟତ ପାଇଁ କିଛି ସଞ୍ଚୟ କରିବା ନିହାତି ଜରୁରୀ। ଆସନ୍ତୁ ନିଜ ଆୟବ୍ୟୟକୁ ସନ୍ତୁଳିତ କରିବା ଦିଗରେ କିଛି ଚର୍ଚ୍ଚା କରିବା।

ଆଜିର ଅର୍ଥନୀତି ହେଉଛି ଡିଜିଟାଲ ଯୁଗ। କ୍ରେଡ଼ିଟ କାର୍ଡ଼ ବଦଳରେ ନଗଦ ଟଙ୍କା ଦିଅନ୍ତୁ। ଆଜିକାଲି ଅତି ସହଜରେ କ୍ରେଡିଟ କାର୍ଡ଼ ମିଳିଯାଉଛି। କେତେକ ଷ୍ଟାଟସ ପାଇଁ ଓ ଆଉ କେତେକ ଖର୍ଚ୍ଚ ଲାଗି କ୍ରେଡିଟ କାର୍ଡ଼ ନେଇଯାନ୍ତି। କିନ୍ତୁ ସଞ୍ଚୟ କରିବାକୁ ହେଲେ କିମ୍ବା ଖର୍ଚ୍ଚ କାଟ କରିବାକୁ ହେଲେ କିଣାକିଣି ନଗଦ ଟଙ୍କାରେ ହିଁ କରନ୍ତୁ ଏହା ସବୁଠାରୁ ଭଲ। ଆବଶ୍ୟକସ୍ଥଳେ ଡେବିଟ କାର୍ଡ଼ ବ୍ୟବହାର କରିପାରନ୍ତି। ଏହା ଖର୍ଚ୍ଚ ଉପରେ କିଛି ପରିମାଣର ଲଗାମ ରଖେ। ଅନ୍ୟପକ୍ଷରେ କ୍ରେଡିଟ କାର୍ଡ଼ ଏକ ପ୍ରକାର ଋଣ, ଯାହା ପାଇଁ ଆପଣଙ୍କୁ ସୁଧ ଦେବାକୁ ପଡ଼ିଥାଏ। ପୁଣି ଶୁଝିବା ଅବଧି ଗଡ଼ିଲେ ସୁଧ ବଢ଼େ। ତେଣୁ ଅତି ଜରୁରୀ କାମରେ ହିଁ ଏହାର ବ୍ୟବହାର କରିବା ଉଚିତ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବ୍ୟକ୍ତିଗତ ସଞ୍ଚୟ ପାଇଁ ନିଜେ ଶିକ୍ଷିତ ହୁଅନ୍ତୁ । ଆର୍ଥିକ ସ୍ୱଚ୍ଛଳ ବନିବାର ଚାବିକାଠି ସଂପୂର୍ଣ୍ଣ ଭାବେ ଆପଣଙ୍କ ହାତରେ। ଏଣୁ ବଜାର ବିଶେଷଜ୍ଞଙ୍କ ପ୍ରଦତ୍ତ ଟିପ୍ସ ପଢ଼ନ୍ତୁ। ବ୍ୟକ୍ତିଗତ ଅର୍ଥନୀତି ସମ୍ବନ୍ଧିତ ମୌଳିକ ପୁସ୍ତକଟିଏ ଅବଶ୍ୟ ପଢ଼ନ୍ତୁ। ଥରେ ଏ ବିଷୟରେ ଜ୍ଞାନ ହୋଇଗଲେ ଆର୍ଥିକ ଶୃଙ୍ଖଳା ଆସିବା ସହ ସଞ୍ଚୟ ଅଭ୍ୟାସ ହୋଇଯିବ। ଏହା ସହିତ ବଦଖର୍ଚ୍ଚ କରିବାକୁ ପ୍ରବର୍ତ୍ତାଉଥିବା ଲୋକମାନଙ୍କ ଠାରୁ ଦୂରେଇ ରହନ୍ତୁ। ଏସବୁ ପରେ ବି ଯଦି ଆପଣ ସଞ୍ଚୟ କରିପାରୁ ନାହାନ୍ତି ତେବେ କୌଣସି ଅଧିକ ବିଶେଷଜ୍ଞ ଠାରୁ ପରାମର୍ଶ ନେଇପାରିବେ।

ନିଜ ଘରର ବଜେଟକୁ ସନ୍ତୁଳନରେ ରଖିବାକୁ ଚାହୁଁଥିଲେ ବଜେଟ ପ୍ଲାନ କରିବା ଶିଖନ୍ତୁ। ଓଡ଼ିଆରେ କଥନିକାଟିଏ ଅଛି ଯେତିକି ଚୁନା, ସେତିକି ପିଠା। ଅର୍ଥାତ୍ ଯେତିକି ଆୟ ସେତିକି ବ୍ୟୟ। ଏ ଦୃଷ୍ଟିରୁ ଆମକୁ ଦୁଇଟି ନିୟମ ମାନିବାକୁ ହେବ। ପ୍ରଥମ ଖର୍ଚ୍ଚକୁ ଆୟଠାରୁ ଅଧିକ ହେବାକୁ ଦିଅନ୍ତୁ ନାହିଁ। ଏବଂ ଦ୍ୱିତୀୟ ଆପଣ କେଉଁଠି କିପରି ଖର୍ଚ୍ଚ କରୁଛନ୍ତି ତାହା ଉପରେ ଧ୍ୟାନ ଦିଅନ୍ତୁ। ଏଥିପାଇଁ ଏକ ସହଜ ଉପାୟ ହେଉଛି ମାସିକ ବଜେଟିଏ କରିନିଅନ୍ତୁ। ଏହାଦ୍ୱାରା ନିଜର ଓ ପାରିବାରିକ ଖର୍ଚ୍ଚର ଏକ ରେକର୍ଡ଼ ରଖିପାରିବେ ଏବଂ ଖର୍ଚ୍ଚ ନିୟନ୍ତ୍ରଣ ହୋଇପାରିବ।

ଘରେ ବା ବନ୍ଧୁବାନ୍ଧବ ବା ଆଖପାଖର ମଣିଷ ମାନଙ୍କ ପାଇଁ ବେଳେ ବେଳେ ଅଭାବ, ଅସୁବିଧା ଦେହପା ଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପାଇଁ ସବୁଠାରୁ ଭଲ ଏମର୍ଜେନ୍ସି ଫଣ୍ଡ ଆରମ୍ଭ କରନ୍ତୁ । ଜରୁରୀ ପରିସ୍ଥିତି ଓ ନିଜର ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବା ନିହାତି ଆବଶ୍ୟକ। ଏହି ସରଳ ଅଭ୍ୟାସ ଆପଣଙ୍କୁ ଆର୍ଥିକ ଅସୁବିଧାରୁ ଦୂରେଇ ରଖିବ ଏବଂ ରାତିରେ ଭଲ ନିଦରେ ଶୋଇବାରେ ମଧ୍ୟ ସାହାଯ୍ୟ କରିବ। ଏପରିକି ଟାଣଟୁଣ ବଜେଟରେ ଥିବା ଲୋକମାନେ ପ୍ରତି ମାସରେ ଏକ ଜରୁରୀ ପାଣ୍ଠି କରି କିଛି ଟଙ୍କା ସାଇତିବା ଉଚିତ। ଥରେ ଏପରି ଅଭ୍ୟାସରେ ପଡ଼ିଗଲେ, ଯାବତୀୟ ଆନବଶ୍ୟକ ଖର୍ଚ୍ଚ ବନ୍ଦ ହେବ ଏବଂ ଏହାକୁ ଆପଣ ଗୁରୁତ୍ୱ ଦେବା ଆରମ୍ଭ କରିବେ। ଆପଣ ଚାହିଲେ ବ୍ୟାଙ୍କରେ ସ୍ୱଳ୍ପ ଅବଧିଯୁକ୍ତ ସଞ୍ଚୟ ବା ଆରଡ଼ି, ସିଡ଼ି ଆଦି କରିପାରିବେ।

ଯୁବପିଢ଼ୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ସଞ୍ଚୟ ଯୋଜନା ଅଛି। ସେମାନେ ଏହାର ସହଜ ଲାଭ ନେଇପାରନ୍ତି। ଏହାଦ୍ୱାରା ସେମାନଙ୍କର ଭବିଷ୍ୟତ ଏବଂ କୌଣସି ଭବିଷ୍ୟତର ସ୍ୱପ୍ନ ଥିଲେ ତାହାଦ୍ୱାରା ପୂରଣ କରିପାରିବେ। ବଡ଼କଥା ହେଉଛି ଆମ ଭାରତୀୟ ପାରିବାରିକ ବ୍ୟବସ୍ଥାରେ ସଞ୍ଚୟ ଏକ ଭଲ ଅଭ୍ୟାସ। ତେଣୁ ଯୁବପିଢ଼ୀମାନେ ସଞ୍ଚୟ କରିବା ଦ୍ୱାରା ଭାରତୀୟ ଅର୍ଥନୀତି ସୁଦୃଢ଼ ହୋଇଥାଏ।

+ପୋପରଡ଼ା, ନୂଆ ବଜାର, କଟକ
ମୋ: ୮୨୪୯୨୬୦୬୨୧

# ବର୍ଷାଦିନର ବିପଦ : ଖୋଲା ଡ୍ରେନ



**ଗଙ୍ଗାଧର ସାମଲ**

ଲଘୁଚାପ ଆଗାମୀ ବାର ଘଣ୍ଟା ଭିତରେ ତାର ପ୍ରକୋପ ଦେଖାଇବାକୁ ଯାଉଛି। ବାଲେଶ୍ୱର, କେଉଁଝର, ମୟୂରଭଞ୍ଜ ସହିତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ କେବଳ ଅତିପ୍ରବଳ ବର୍ଷ ହେବନି କିନ୍ତୁ ଚାଳିଶ କିଲୋମିଟର ବେଗ ପର୍ଯ୍ୟନ୍ତ ପବନ ବହିବ। ସରକାରଙ୍କ ତରଫରୁ ଅରେଞ୍ଜ ୱାର୍ଣ୍ଣିଂ ଦେଇଛନ୍ତି। ଏହା ସହିତ ପରବର୍ତ୍ତୀ ଚବିଶ ଘଣ୍ଟା ମଧ୍ୟରେ ବିଭିନ୍ନ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଏପରି ମୌସୁମୀ ବାୟୁ ପ୍ରବାହରେ ସେପ୍ଟେମ୍ବର ଛଅ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ ସୂଚନା ଦେଇଛନ୍ତି। ଏହାର ପ୍ରଭାବରେ ବିଭିନ୍ନ ନଇନାଳ ଫୁଲିବ, ସହରରେ ଥିବା ଡ୍ରେନ ଗୁଡ଼ିକ ରାସ୍ତା ସହିତ ଏକାକାର ହୋଇଯିବ। ବର୍ଷା ଦିନରେ କେବଳ ଦ୍ୱୈତନଗରୀ କଟକ-ଭୁବନେଶ୍ୱର, ବିଭିନ୍ନ ସହର କେଡ଼ିଏ ଅଞ୍ଚଳପରି ଡ୍ରେନ ବହୁଳ ସହରରେ ବଡ଼ ବିପଦର କାରଣ ହୋଇଥାଏ। ରାଜ୍ୟର ପ୍ରତି ପୌରାଞ୍ଚଳ ଏବଂ ମହାନଗର ନିଗମ ଗୁଡ଼ିକର ମୁଖ୍ୟ ସମସ୍ୟା ହେଲା ଡ୍ରେନ। ଅବ୍ୟବସ୍ଥିତ ଡ୍ରେନେଜ ପାଇଁ ବର୍ଷାଦିନେ ଅଧିକାଂଶ ସହର ଉବୁଟୁବୁ ହୁଏ, ଘରେ ପାଣିପଶେ ଏବଂ ଜଳବନ୍ଦୀ ଭଳି ସମସ୍ୟା ସୃଷ୍ଟି ହୁଏ। ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ମଧ୍ୟ ବର୍ଷାଦିନେ ଜୀବନଯାତ୍ରା ଏଠି ଅଚଳ ହୋଇପଡ଼େ। ଇସ୍କନ ସାମ୍ନା ରାସ୍ତା, କଟକ ରୋଡ଼, ଶ୍ରୀୟା ଛକ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ସାମାନ୍ୟ ବର୍ଷାରେ କାର, ସ୍କୁଟର ବୁଡ଼ି ଯାଉଥିବାର ଚିତ୍ର ଦେଖିବାକୁ ମିଳେ। ଏହାର ଏକମାତ୍ର କାରଣ ହେଲା ଆଜିଯାଏ ସୁପରିକଳ୍ପିତ ଡ୍ରେନେଜ ବ୍ୟବସ୍ଥା କରାଯାଇପାରିଲାନି। କେବଳ ବର୍ଷା ଯଦି ଭଲ ରକମର ହୋଇ ଡ୍ରେନ ବୁଡ଼ି କୌଣସି ଅଘଟଣ ଘଟିଲେ ଗଣମାଧ୍ୟମରେ ଖବର ପରିବେଶଣ ପରେ ପ୍ରଶାସନ ତତ୍ପର ହୁଅନ୍ତି।

ବର୍ଷା ହେଲାମାତ୍ରେ ଯଦି ଏହା ଲଗାଣ ବର୍ଷା ହେଲା ତେବେ ଡ୍ରେନ ଗୁଡ଼ିକ ଫୁଲି ଉଠୁଛି ଏବଂ ଅନେକଙ୍କ ଜୀବନ ଏଠି ମରଣଯନ୍ତା ପାଲଟୁଛି। ଅତୀତରେ ଭୁବନେଶ୍ୱରରେ ଖୋଲା ଡ୍ରେନରେ ନିଖୋଜ ହୋଇଯାଇ କେତେ ଯେ ଜୀବନ ଯାଇଛି ତଥାପି ଏବେବି ଖୋଲାମେଲା ଡ୍ରେନ ରାଜଧାନୀରେ ଚାରିଆଡ଼େ ରହିଛି ତେଣୁ ବର୍ଷ ଦିନେ ଲୋକମାନଙ୍କ ଅନ୍ତତଃ କେବଳ ସୁସ୍ଥ ନୁହଁ ନିରାପଦ ଜୀବନ ଯାପନ ପାଇଁ ଯେଉଁ ସବୁ ପ୍ରାଥମିକତା ରହିଛି ସେୟାକୁ ପ୍ରଶାସନ ଦେଖନ୍ତୁ। ଅକାରଣରେ କାହାର ଜୀବନ ନଯାଏ। ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଲୋକଙ୍କ ଜୀବନଯାତ୍ରାକୁ ପ୍ରଭାବିତ କରୁଚି ଏକଥା ପୌର ପ୍ରଶାସନ ଏବଂ ମହାନଗର ନିଗମ ଗୁଡ଼ିକ ନଜାଣିପାରିବା ନିହାତି ଦୁର୍ଭାଗ୍ୟଜନକ। ରାଜଧାନୀ ଭୁବନେଶ୍ୱର, ଯେଉଁଠି ରାଜ୍ୟକୁ ଚଳାଇବା ପାଇଁ 'ହର୍ତ୍ତା, କର୍ତ୍ତା, ଜଗତ ବିଧାତା' ରହିଛନ୍ତି। ଆଉ ଯେଉଁଠି ତମାମ ଓଡ଼ିଶାର ବିକାଶର ଯୋଜନା ପ୍ରସ୍ତୁତ ହେଉଛି ସେପରି ସ୍ଥାନର ଯଦି ଏପରି ଅବସ୍ଥା ରୁହେ ତାହାଲେ ଅନ୍ୟ ଅଞ୍ଚଳରେ କେଉଁମାନେ ଯଦି ଡ୍ରେନ ସମସ୍ୟା କୁହନ୍ତି ତାହାଲେ କଣ ଆଉ ଗୋଟିଏ ବଡ଼ ସମସ୍ୟା କୁହାଯିବ କି ? ଇଏ ହେଉଛି ସ୍ମାର୍ଟସିଟି ଭୁବନେଶ୍ୱରର କଥା।

କିଛି ଦିନ ପରେ ଭୁବନେଶ୍ୱର ବାଣୀବିହାର ଛକରେ ଡ୍ରେନରେ ପଡ଼ି ଜଣେ ବ୍ୟକ୍ତି ନିଖୋଜ ହୋଇଯିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ହଜାର ବର୍ଷର ସମର କଟକରେ ମଧ୍ୟ ଅନେକ ଖୋଲାମେଲା ଡ୍ରେନ ବିଭିନ୍ନ ସମୟରେ ଜୀବନ ନେଇଛି। ରାଜ୍ୟରେ ମୌସୁମୀ ପ୍ରଭାବରେ ବର୍ଷା ଜାରି ରହିଛି। ଫଳରେ ଡ୍ରେନ ଗୁଡ଼ିକ ପୂର୍ଣ୍ଣ ହୋଇ ପ୍ରବାହିତ ହେଉଛି। ରାଜଧାନୀର ଛାତି କୁହାଯାଉଥିବା ବାଣୀବିହାର ଛକ ନିକଟ ଦେଇ ପ୍ରବାହିତ ଏକ ଡ୍ରେନ ଭିତରକୁ ତିନିଜଣ ଜରି ଗୋଟାଳିଙ୍କ ମଧ୍ୟରୁ ଜଣେ ଡ୍ରେନ ଭିତରକୁ ଖସିପଡ଼ିଥିଲେ ଏବଂ ପାଣି ସୁଅରେ ଭାସିଯାଇଥିଲେ। ଅନ୍ୟ ଦୁଇଜଣ ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ସୂଚନା ପାଇ ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିପାରିନଥିଲେ ଇଏ ଯାହା ଗଣମାଧ୍ୟମର ଖବର।

କଥା ହେଉଛି, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର। କେନ୍ଦ୍ରୀୟ ସହାୟତାରେ ଅନେକ ପୁଞ୍ଜି ଓ ସହାୟତା ଆସୁଛି, ପୁଞ୍ଜି ନିବେଶ ହେଉଛି, ରାଜ୍ୟ ଅନେକ ବିକାଶ ହେଉଛି ଏହି କଥା କେହି ଅସ୍ୱୀକାର କରୁନାହାଁନ୍ତି କିନ୍ତୁ ଲୋକମାନଙ୍କର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଏହି ଡ୍ରେନେଜ ବ୍ୟବସ୍ଥା ଏହାକୁ ସମ୍ଭବତଃ ପ୍ରଶାସନ ବୁଝିନାହାଁନ୍ତି। ଯେତେବେଳେ କାହାଙ୍କର ଜୀବନ ଯାଏ ତାପରେ ପ୍ରଶାସନ ସକ୍ରିୟ ହୁଅନ୍ତି। ପୁଣି ସବୁ ଥଣ୍ଡା ପଡ଼ିଯାଏ କିଛି ଦିନ ଯିବା ପରେ। ସରକାର ମୃତକଙ୍କ ପରିବାରକୁ କିଛି ଆର୍ଥିକ କ୍ଷତିପୂରଣ ଦେଇ ଦାୟିତ୍ୱ ଶେଷ କରିଦିଅନ୍ତି ଆଉ ଏକ ଅଘଟଣ ଘଟିବା ଯାଏଁ। କେବଳ କଟକ, ଭୁବନେଶ୍ୱର କାହିଁକି ପ୍ରତିଟି ଛୋଟବଡ଼ ସହରର ଡ୍ରେନେଜ ବ୍ୟବସ୍ଥା ଏହିଭଳି। ଡ୍ରେନ ବ୍ୟବସ୍ଥା ସହରର ବର୍ଜ୍ୟଜଳ ନିଷ୍କାସିତର ମୁଖ୍ୟ। ସେହିପରି ଅନେକ କ୍ଷେତ୍ରରେ ଦେଖାଯାଏ ଡ୍ରେନ ଉପରେ ଅବ୍ୟବସ୍ଥିତ ଭାବେ କେହି କେହି ଅସ୍ଥାୟୀ ବ୍ୟବସାୟ କେନ୍ଦ୍ର ସବୁ ଖୋଲିଥାଆନ୍ତି। ଅନେକ ଲୋକମାନଙ୍କର ବଦ୍ ଅଭ୍ୟାସ ଡ୍ରେନ ଭିତରେ ଅଦରକାରୀ ସାମଗ୍ରୀ ସବୁ ପକାଇବା। ସହରର ଡ୍ରେନ ଭିତରେ ଅସଂଖ୍ୟ ମଦବୋତଲ ସଫେଇ ସମୟରେ ଅନେକ ଅଘଟଣ ମଧ୍ୟ ସୃଷ୍ଟି କରେ। ଡ୍ରେନ ଉପରେ ମାଡି ଯାଇ ଯଦି କୌଣସି ଘର ନିର୍ମାଣ କରାଯାଇଥାଏ ଏହା ମଧ୍ୟ ଡ୍ରେନ ଓ ସ୍ୱରେଜ ବ୍ୟବସ୍ଥା ପାଇଁ ବଡ଼ ସମସ୍ୟା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖୋଲାମେଲା ଡ୍ରେନ ଗୁଡ଼ିକରେ ତୁରନ୍ତ କଭର ଦିଆଯାଉ, ବଡ଼ ଓ ମୁଖ୍ୟ ଡ୍ରେନର ନିଷ୍କାସନ ବ୍ୟବସ୍ଥାରେ ଉତ୍ତମମାନର ଜାଲି ଲଗାଯାଉ। ସମସ୍ତେ ସଚେତନ ହୋଇ ଡ୍ରେନକୁ ଅବରୋଧ କରୁଥିବା କୌଣସି ନିର୍ମାଣ କରନ୍ତୁ ନାହିଁ, ଡ୍ରେନ ମଧ୍ୟକୁ ନିଜର ଅଳିଆ ଆବର୍ଜନାର ମାଧ୍ୟମ ବୋଲି ଭାବନ୍ତୁ ନାହିଁ। ବର୍ତ୍ତମାନ ସହରର ଆକାର ଓ ପ୍ରକାର ବଢ଼ି ବଢ଼ି ଚାଲୁଛି। ଜନସଂଖ୍ୟା ବଢୁଛି। ସହରରେ ଜଳ ନିଷ୍କାସନ ସମସ୍ୟା ସହିତ ଏହା ମଶାବଂଶ ବୃଦ୍ଧିର ସହାୟକର କାରଣ ହୋଇଥାଏ। ସହରୀ ଜୀବନକୁ ଉପଭୋଗ୍ୟ କରିବା ପାଇଁ କେବଳ ପ୍ରଶାସନର ଦାୟିତ୍ୱ ନାହି ଏ ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର।

+ଆଇନଜୀବୀ
ଓଡ଼ିଶା ହାଇକୋର୍ଟ, କଟକ
ମୋ: ୮୩୨୮୯୪୮୬୪୩

# ଦୃଢ଼ ଅଦୃଢ଼



**ଅଜୟ କୁମାର ବେହେରା**

ଭିନ୍ନ ଭାବରେ ଅର୍ଥ ଧରାଯିବ, ସ୍ଥିର ଅଟଳ, ତାତୁଲ୍ୟ କିଛି ଶବ୍ଦ। ଅଦୃଢ଼ ଠିକ ଏହାର ବିପରୀତରେ ଅସ୍ଥିତର, ଟଳ ଟଳ ଚକ ମାନ। ମେରୁ ବୃତ୍ତର କେନ୍ଦ୍ର ବିନ୍ଦୁ ସଦୃଶ ଯେଉଁଠାରୁ ଉଦ୍ଦିଷ୍ଟ ମାପର ଚାପ ଏକ ଏକ ବିନ୍ଦୁ ଯୋଡ଼ି ଏକ ବୃତ୍ତ ଚିହ୍ନଟ କରାଯାଏ। ବେଙ୍ଗଳାରେ ମେରୁକୁ ବଳଦ ମାନେ ଚକ୍ର କାଟନ୍ତି, ଗାଡ଼ି ଅକ୍ଷ ସ୍ଥିର ଚକ ତହିଁରେ ଘୁରି ରାସ୍ତା ଅନେକ ବିନ୍ଦୁ ଉପରେ ଚାଲୁଚି। ଘର ବାନ୍ଧିଲେ ଘରର ମୁଖ୍ୟ କର୍ତ୍ତା ଘର ଥାଇ ପ୍ରାଣ ହରାଉଛନ୍ତି। ଘର ବସା ଛାଡ଼ି ପଶୁ ପକ୍ଷୀ ଅନ୍ନ ଖାଦ୍ୟ ଅନ୍ୱେଷଣରେ ଦୂରକୁ ନିତ୍ୟ ବା ସାମୟିକ ଯାଇ ପୁନଃ ବାସ ଘରକୁ ଫେରିବା ହେଉଛି। ଏଠାରେ ଦୃଢ଼ବସା, ବା ଘର ଅଦୃଢ଼ ବାସିନ୍ଦା। ପୃଥିବୀ ଦୃଢ଼ ବୋଲି ଲୋକେ ଜମି କିଣି ଘର ବାରୀ କରୁଛନ୍ତି। ରାଜ ଚାଲିଛି ଲୋକେ ପୃଥିବୀ ସ୍ଥିର ତାରେ ବିଶ୍ୱାସ ରଖିଛନ୍ତି। ମନୁଷ୍ୟ ଶରୀରରେ ମେରୁ ଦଣ୍ଡ ରହିଛି ତାସହ ଶରୀର ସମସ୍ତ ଅସ୍ଥି ପ୍ରତ୍ୟକ୍ଷ ପରୋକ୍ଷରେ ଯୋଡ଼ ରହି ମଜ୍ଜା ମାଂସ ଚର୍ମ ବେଷ୍ଟିତକୁ ଭିତରେ ଅନ୍ୟାନ୍ୟ ନରମ ଅଙ୍ଗ ରହିଛି, ଜୀବନ ଅଛି ନିଶ୍ୱାସ ଚାଲିଛି, ନିଶ୍ୱାସକୁ ବିଶ୍ୱାସ ନାହିଁ ବନ୍ଦ ହୋଇଗଲେ ଶରୀର ଜଡ଼ ମୃତ। ଏ ଶରୀର କେବେ ଦୃଢ଼ ନୁହଁ କି ଅମର ନୁହେଁ। ଏହା ଅନିତ୍ୟ ସଂସାରରେ ଅନିତ୍ୟର ଏକ ଅଂଶ। କିନ୍ତୁ ଲୋକ ନିତ୍ୟ ସ୍ୱପ୍ନ ଖସଡ଼ା କରୁଛି।

ଆତ୍ମା ଅମର ଯାହା ଦୃଢ଼ ଶରୀର ଅଦୃଢ଼। ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଦାରୁବ୍ରହ୍ମ ଏ ଦୃଢ଼ ମାନବୀୟ ଲୀଳା କ୍ରିୟାରେ ନିତ୍ୟ ଜାଗରଣରୁ ଶୟନ ପହୁଡ଼ ପର୍ଯ୍ୟନ୍ତ ସେ ସ୍ଥାନ ପରିବର୍ତ୍ତନ ନ କରି ସେହି ରତ୍ନ ସିଂହାସନରେ ବିରାଜମାନ କରି ମାନବୀୟ ଲୀଳା କ୍ରିୟାରେ ନିତ୍ୟ କର୍ମ ମାନ କରୁଛନ୍ତି। ସେ ଦୃଢ଼ କୋଳାଗ୍ରତ ମୁଦ୍ରାରେ ଦୁଇ ଭାଇ ଭକ୍ତ ଦର୍ଶନାର୍ଥୀ ନିଜ ଆଡ଼କୁ ଆକର୍ଷଣ କରୁଛନ୍ତି। ହେଲେ ସେ ଚଳ ହୁଅନ୍ତି, ସ୍ନାନ ପୂର୍ଣ୍ଣିମାକୁ ଅଣସର ପିଣ୍ଡିକୁ ରଥଯାତ୍ରାକୁ ପହଣ୍ଡିରେ ଝୁଲି ଝୁଲି ଯିବା ଦେଖାଯାଏ ଅତଏବ ସେ ବି ଟଳ ସମୟରେ ବନ୍ଧା ନବକଳେବରରେ କଳେବର ବଦଳାଉଛନ୍ତି ଏହା ମହା ମେରୁଙ୍କ ଅଟଳ ଲୀଳା। ଏପାଇଁ ଲୀଳାମୟ ଠାକୁର। ତାଙ୍କ ପାଇଁ ଓଡ଼ିଆ ପାଞ୍ଜି ଗଣକ ମନେ ପର୍ବ ସ୍ଥିର କରି ବା ଓ ତାକୁ ସାର୍ବଜନୀନ ମାନ୍ୟତା କରାଇବା ଦେଖାଯାଉଛି। ପୁରୀର ସୂର୍ଯ୍ୟୋଦୟକୁ ଚଳିତ ତିଥି ଦ୍ରାଘିମା ଅକ୍ଷାଂଶ ଦୃଷ୍ଟେ ଧାର୍ଯ୍ୟ ହୁଏ ହେଲେ ବିଶାଳ ଭୂଖଣ୍ଡରେ ତିଥି ମାନ୍ୟତାକୁ ଲୋକ ପାଳନରେ ନିଆଯାଉ ନାହିଁ। ଏଠାରେ ସ୍ଥାନ ଦୃଢ଼ରେ ତିଥି ପାଳନ ଦୃଢ଼ ଧାରା ଯାଉଛି। ଇସ୍ଲାମିକ ନିୟମ ଶୁକ୍ଳପକ୍ଷ ଦ୍ୱିତୀୟା ଚନ୍ଦ୍ର ପଶ୍ଚିମ ଦିଗ ବଳରେ ଉଦୟ ଦେଖିଲେ ମାସ ଆରମ୍ଭ ଏହା ଏକ ଦୃଢ଼ ସିଦ୍ଧାନ୍ତ ବା ଦୃଢ଼ ସିଦ୍ଧ, କିନ୍ତୁ ଯଦି ମେଘୁଆ ପାଗ ହେଲେ ତ ଚନ୍ଦ୍ର ଦର୍ଶନ ସମ୍ଭବ ନୁହେଁ ଏହାବୋଲି କଣ ତିଥି ଆରମ୍ଭ ହୋଇନାହିଁ। ଏ ପାଇଁ କେଉଁଠି କେହି ଚନ୍ଦ୍ର ଦେଖିଛନ୍ତି ତାଙ୍କ କଥା ମାନି ନିଆଯାଏ। ଅବଶ୍ୟ ସବଳ ଧର୍ମ ଗୁରୁଙ୍କ ମତ ମାନି ନିଆଯାଏ।

ବଙ୍ଗ ଦେଶ ଗୁପ୍ତ ପ୍ରେସ ପାଞ୍ଜିକାରେ ଆମ ଓଡ଼ିଶାର ଦୁର୍ଗାପୂଜାର ବିଧି ରେ ସିନ୍ଧି ପୂଜା କରାଯିବା ଶୁଣାଯାଏ, ଏହା ସେ ଅଞ୍ଚଳର ତିଥି ନିର୍ଣ୍ଣୟ ପାଇଁ ନିଷ୍ଠୟ ଠିକ ହୋଇପାରେ ମାତ୍ର ଓଡ଼ିଶା ପାଇଁ ଯେ ତିଥି ଭୋଗ ସେ ସମୟ ସହ ମେଳ ହୋଇନପାରେ। ଏକଥାରେ ଦୃଢ଼ ଗଣକ ମାନଙ୍କର ନିଷ୍ଠୟ ଅଛି। କାନୁନ ସ୍ଥିର ଦୃଢ଼ କିନ୍ତୁ ବହୁ ବର୍ଷ ଚଳିବା ପରେ ବଦଳିବା ଦରକାର ପଡ଼େ ଏପାଇଁ ସମ୍ବିଧାନର ସଂସ୍କାର ମଝିରେ କରଯାଉଛି। ମା' ଭଉଣୀ ଝିଅ ଏମାନଙ୍କ ସମବୟସୀଙ୍କୁ ତତୁଲ୍ୟ ଆମଧର୍ମ ଶାସ୍ତ୍ରର ମାନ୍ୟତା, ମାଆଙ୍କ ଭଉଣୀ ମାଉସୀ ମାଇଁ ଯା ମାନେ କାକି ମା ସାନ ବୋଉ ଖୁଡ଼ି, ମାତୃତୁଲ୍ୟ ମାନ୍ୟତା ଅଛି। ବାପାଙ୍କ ଭଉଣୀ ପିଉସୀ ମା, ଗୁରୁଙ୍କ ସ୍ତ୍ରୀ ଗୁରୁ ମା ବା ଶିକ୍ଷୟିତ୍ରୀ ଗୁରୁମା ଏମାନେ ମାତୃ ସମା ହେଲେ ନିଜର ସ୍ତ୍ରୀ ପରିଅନ୍ୟ ଯୁବତୀ ସ୍ତ୍ରୀଙ୍କ ଭଗ୍ନୀ ତୁଲ୍ୟ ମାନ୍ୟତା ଦିଆଯାଏ। ରାଜପତ୍ନୀ ରାଜ କର୍ମଚାରୀ ପତ୍ନୀ ବି ମାଆ ବଡ଼ ମା ରୂପେ ମାନ୍ୟତା ଦିଆଯିବା ଆବଶ୍ୟକ। ଏହା ଦୃଢ଼ ତ ନୁହେଁ ସୁଦୃଢ଼। ଅଦୃଢ଼ ମାନବ ଜୀବନ ତତ ସହ ଅନେକ ସମୟ ବନ୍ଧା କାର୍ଯ୍ୟ।

+ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ମୋ ୯୪୩୭୧୦୩୧୨୫୩

**କବିତା କୋଣାର୍କ**

## ପୀଡା



**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଜୀବନରେ ଯେ ଜାଣିପାରେ ନାହିଁ
ପୀଡା ଯନ୍ତ୍ରଣାକୁ କେବେ
ଘଟଣାଟେ ପରି ଖାଲି ସେ ଦେଖଇ
ଆନର ଲୁହକୁ ସେବେ ।।

ଭାଙ୍ଗିପଡେ ଯେ ନିଜ ଅନ୍ତରରେ
ଦୁଃଖ ଅନୁଭବ କରି
ଆନ ଯନ୍ତ୍ରଣାକୁ ନିସ୍ତବ୍ଧତାରେ
ଶୁଣିପାରେ କାନଡେରି ।।

ମଣିଷର କେବେ ଅନିଷ୍ଟ କରେନି
ଜୀବନେ ଆଘାତ କିଛି
ଅନ୍ତରରେ ସୁପ୍ତ ମଣିଷପଣକୁ
ପ୍ରକଟ କରଇ ବାଛି ।।

ଦମ୍ଭିଲା ହୁଏ ଯେ ପୀଡା ସହିକରି
ସମ୍ବେଦନଶୀଳସିଏ
ଯେସନ ମଞ୍ଜିଟି ଅନ୍ଧକାର ସହି
ଶେଷରେ ଅଙ୍କୁର ହୁଏ ।।


କଠିନ ସମୟେ ବୁଝିପାରେ ସେ
ଜୀବନର ବାସ୍ତବତା
ସ୍ଥାୟୀ ନୁହେଁ କେବେ ଆତ୍ମୀୟ-ସ୍ୱଜନ
ଧନରାଶି, ସଫଳତା ।।

ଗଢିଚାଲେ ନାହିଁ ଆମ ଇଚ୍ଛାମତେ
କେବେ ଜୀବନର ନଇ
ଆଘାତକୁ ଜମା ଖରାପ ନ ଭାବି
ଜାଣିବା ନିଜକୁ ଫେଡ଼ଇ ।।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡ଼ିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ
ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

## ଫଟା ସମ୍ପର୍କ

**ମୋହନ କୁମାର ସ୍ୱାଇଁ**



ହାଉଲେ ହାଉଲେ ପଥ ଅତିକ୍ରମି
ଅପହଞ୍ଚ ଇଲାକାରେ
ମଣିଷ ପହଞ୍ଚେ କେତେ ପଡ଼ି ଉଠି
ଅପ୍ରମିତ ପ୍ରଚେଷ୍ଟାରେ ।

ପୁରାତନ ଠାରୁ ନୂତନ ସମ୍ପର୍କ
ଗଢ଼ି ଗଢ଼ି ଚାଲେ ପଥେ
ହାତ ଛଡା ହୁଏ ଅଧାରୁ କେତେକ
ଯୋଡ଼ିହୁଏ ନୂଆ କେତେ ।

ବିଶ୍ୱାସ ଭରସା ତୁଟିଗଲା ପରେ
ଭାଙ୍ଗିଯାଏ କିଛି ମନ
ଯେତେ ଯୋଡ଼ିଲେ ବି ଭିତରେ ଭିତରେ
ହଟିଯାଏ ନାହିଁ ଧ୍ୟାନ ।

କଣା ମାଠିଆରେ ହାତ ବାଜୁବାଜୁ
ପ୍ରକାଶେ ଶବଦ ବେଶୀ
ପାଣିବୁନ୍ଦେ କିନ୍ତୁ ରଖିପାରେ ନାହିଁ
ନ ମିଳେ ବାସ୍ତବ ଖୁସି ।

ଫଟା ସମ୍ପର୍କର ଆୟୁଷ ତଦ୍ରୁପ
ଭରସାର ଯୋଗ୍ୟ ନୁହେଁ
ସମୟ ପଡ଼ିଲେ ରୂପ ବଦଳାଇ
ନୂଆ ଅବତାର ନିଏ ।

+ବେଣାପୁର କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ସକାଳୁ ମେଥିପାଣି ପିଇଲେ ମିଳିଥାଏ ଅନେକ ଲାଭ



ସୁସ୍ଥ ରହିବାକୁ ଚାହୁଁଥିଲେ ଘରୋଇ ଉପଚାର ବେଶ୍ ଲାଭଦାୟକ ହୋଇଥାଏ। ଯଦି ପ୍ରଭାବଶାଳୀ ଉପଚାର ଖୋଜୁଛନ୍ତି ତେବେ ମେଥିପାଣି ବହୁ ଉପାଦେୟ। ଯାହା ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବ। ଜାଣନ୍ତୁ ଏନେଇ କ'ଣ କୁହନ୍ତି ଆୟୁର୍ବେଦିକ ବିଶେଷଜ୍ଞ।

ପାଚନ ତନ୍ତ୍ରକୁ ମଜବୁତ କରେ: ମେଥିପାଣି ପେଟରେ ଗ୍ୟାସ, ଏସିଡିଟି ଏବଂ କୋଷ୍ଠକାଠିନ୍ୟକୁ ହ୍ରାସ କରେ। ଏଥିରେ ଥିବା ଫାଇବର ପାଚନକୁ ଉନ୍ନତ କରେ ଏବଂ ଅନ୍ତନଳୀ ଗତିକୁ ନିୟମିତ କରେ।

ଓଜନ ହ୍ରାସରେ ସହାୟକ: ମେଥିପାଣି ମେଟାବୋଲିଜିମ ତ୍ୱରାନ୍ୱିତ କରେ ଏବଂ ଭୋକ ନିୟନ୍ତ୍ରଣ କରେ। ସକାଳେ ଏହାକୁ ପିଇବା ଦ୍ୱାରା ଦିନସାରା ଅତ୍ୟଧିକ ଖାଇବାକୁ ରୋକାଯାଇପାରେ, ଯାହା ଓଜନ ନିୟନ୍ତ୍ରଣରେ ରହେ।

ବ୍ଲଡ୍ ସୁଗାର ସନ୍ତୁଳିତ କରେ: ମେଥିପାଣି ଡାଇବେଟସ୍ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। ଏହା ଶରୀରରେ ସୁଗାରର ଅବଶୋଷଣକୁ ଧୀର କରେ ଏବଂ ଇନ୍ସୁଲିନ ସମ୍ବେଦନଶୀଳତାକୁ ବୃଦ୍ଧି କରେ।

ତ୍ୱଚାରେ ଚମକ ଆଣେ: ମେଥିପାଣିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାରୁ ବିଷାକ୍ତ ପଦାର୍ଥକୁ ବାହାର କରେ। ଏହା ତ୍ୱଚାକୁ ଏକ ପ୍ରାକୃତିକ ଚମକ ଦିଏ ଏବଂ ବ୍ରଣ ଭଳି ସମସ୍ୟାକୁ କମ୍ କରେ।

ହରମୋନ ସନ୍ତୁଳନରେ ସହାୟକ: ମହିଳାମାନଙ୍କ ମଧ୍ୟରେ ଅନିୟମିତ ଋତୁସ୍ରାବ କିମ୍ବା ପିସିଓଏସ୍ ଭଳି ହରମୋନ ଅସନ୍ତୁଳନ ଯୋଗୁ ହେଉଥିବା ସମସ୍ୟାରେ ମେଥିପାଣି ଆରାମ ଦେଇପାରେ।

କେଶକୁ ମଜବୁତ ଏବଂ ସୁସ୍ଥ କରିଥାଏ: ମେଥିପାଣି କେଶ ମୂଳକୁ ପୋଷଣ କରିଥାଏ, ରୂପି କମ କରିଥାଏ ଏବଂ କେଶ ଝଡ଼ିବାରୁ ରୋକିଥାଏ। ନିୟମିତ ଭାବେ ମେଥିପାଣି ପିଇଲେ କିଛି ଦିନ ମଧ୍ୟରେ ଏହାର ପ୍ରଭାବ ଦେଖାଯାଏ।

# ଆପଣ ନକଲି ଔଷଧ ଖାଉନାହାନ୍ତି ତ! ଜାଣନ୍ତୁ କେମିତି ଜାଣିବେ ଅସଲି ଓ ନକଲି ମଧ୍ୟରେ ଫରକ



ପ୍ରାୟତଃ ଯେତେବେଳେ ଆମେ ଔଷଧ କିଣୁ, ଆମେ ଏହାର ଗୁଣବତ୍ତା ଏବଂ ଅନ୍ୟାନ୍ୟ ଦିଗ ବିଷୟରେ ଜାଣିବାକୁ ଆଗ୍ରହୀ ନଥାଉ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏପରି କରିବା ବହୁତ ବିପଦପୂର୍ଣ୍ଣ ହୋଇପାରେ, କାରଣ ବଜାରରେ ଅନେକ ପ୍ରକାରର ନୂତନ ବ୍ରାଣ୍ଡର ନକଲି ଔଷଧ ବିକ୍ରି ହେଉଛି। ଆଜିର ଡିଜିଟାଲ ଦୁନିଆରେ, ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁକ୍ତିର ପ୍ରଭାବ ବୃଦ୍ଧି ପାଉଛି। ପ୍ରଯୁକ୍ତିବିଦ୍ୟାର ଉନ୍ନତି ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ଅନେକ ବଡ଼ ପରିବର୍ତ୍ତନ ଆଣିଛି, କିନ୍ତୁ ଆପଣ କ'ଣ ସେହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛନ୍ତି ? ଔଷଧ କିଣିବା ସମୟରେ ଆପଣ କ'ଣ ଔଷଧରେ ମୁଦ୍ରିତ କ୍ୟୁଆର କୋଡ୍ ସ୍କାନ କରନ୍ତି ? ବାସ୍ତବରେ ଟେକ୍ନୋଲୋଜି ବିଶେଷଜ୍ଞ ରାଜୀବ ମାଖାନି ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ଲୋକମାନଙ୍କୁ ଔଷଧ ପଛରେ ଦିଆଯାଇଥିବା କ୍ୟୁଆର କୋଡ୍ ସ୍କାନ୍ କରିବାକୁ ପରାମର୍ଶ ଦେଇଛନ୍ତି। ତାଙ୍କ ମତରେ, ଏହି କୋଡ୍ ଔଷଧର ପ୍ରାମାଣିକତା ଏବଂ ଗୁଣବତ୍ତା ସୁନିଶ୍ଚିତ କରିବାରେ ସାହାଯ୍ୟ କରିପାରିବ। କ୍ୟୁଆର କୋଡ୍ (କ୍ୱିକ୍ ରେସପନ୍ସ କୋଡ୍) ହେଉଛି ଏକ ପ୍ରକାରର ବାରକୋଡ୍ ଯାହାକୁ ଆପଣଙ୍କ ସ୍ମାର୍ଟଫୋନର କ୍ୟାମେରା ସ୍କାନ କରିପାରିବ। ଏଥିରେ ଔଷଧ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଛି ଯେପରିକି କମ୍ପାନୀର ନାମ, ଔଷଧର ବ୍ୟାଚ୍ ନମ୍ବର, ଉତ୍ପାଦନ ଏବଂ ମିଆଦ ଶେଷ ତାରିଖ । ରାଜୀବ ମାଖାନି ତାଙ୍କ ଭିଡିଓରେ ଲୋକମାନଙ୍କୁ ଔଷଧ କିଣିବା ସମୟରେ ପଛରେ ଦିଆଯାଇଥିବା କ୍ୟୁଆର କୋଡ୍ ସ୍କାନ୍ କରିବାକୁ ଅପିଲ୍ କରିଛନ୍ତି। ସେ କହିଛନ୍ତି ଯେ ଏହା ଏକ ସହଜ ଉପାୟ ଯାହା ଦ୍ୱାରା ଲୋକମାନେ ସେମାନଙ୍କର ସୁରକ୍ଷା ସୁନିଶ୍ଚିତ କରିପାରିବେ। ସେ ପୋଷ୍ଟର କ୍ୟାପସନରେ ଲେଖିଛନ୍ତି, 'ଯେକୌଣସି ଔଷଧ କିଣିବା ପୂର୍ବରୁ କ୍ୟୁଆର କୋଡ୍ ସ୍କାନ କରନ୍ତୁ। ଏହାକୁ ଆପଣଙ୍କର ସମସ୍ତ ବନ୍ଧୁ ଏବଂ ପରିବାର ସହିତ ସେୟାର କରନ୍ତୁ ଯାହା ଦ୍ୱାରା ସେମାନେ ଏହା ବିଷୟରେ ଜାଣିପାରିବେ। ସେ ଆହୁରି ଲେଖିଛନ୍ତି, '୨୦୨୩ ପରେ ଉତ୍ପାଦିତ ସମସ୍ତ ଔଷଧର ଏକ କ୍ୟୁଆର କୋଡ୍ ରହିବା ଆବଶ୍ୟକ। ଏହି କ୍ୟୁଆର କୋଡ୍ ସ୍କାନ କରି, ଆପଣ ଔଷଧ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ।

# ନେଗେଟିଭ୍ ଲୋକଙ୍କୁ ଦୂରୁ ଜୁହାର



ସବୁ ଲୋକ ସହଜ ନୁହଁନ୍ତି। ଆପଣଙ୍କୁ ଅଡୁଆରେ ପକାଇବାକୁ କିଛି ଲୋକ ସବୁବେଳେ ତୟାର ହୋଇ ଥାଆନ୍ତି। ସେମାନେ ଏଥିରୁ କିଛି ଲାଭ ପାଆନ୍ତି ନାହିଁ, କେବଳ ଆପଣଙ୍କୁ ଅଡୁଆରେ ପକାଇ ସେମାନେ ଆନନ୍ଦ ପାଆନ୍ତି। ଆପଣଙ୍କ ସମୟ ମଧ୍ୟ ନଷ୍ଟ କରନ୍ତି। କିନ୍ତୁ ଆପଣଙ୍କୁ ତ ଏଭଳି ଲୋକଙ୍କ ସହ କାମ କରିବାକୁ ପଡ଼ିବ। ତେଣୁ ଏଭଳି ଲୋକଙ୍କ ସହ ଡିଲ୍ କରିବାକୁ ଏହି ୪ଟି ଉପାୟ ଅବଲମ୍ବନ କରନ୍ତୁ। ଦୈନିକ ଆମେ ଭିନ୍ନ ଭିନ୍ନ ପ୍ରକାର ମଣିଷଙ୍କ ସଂସ୍ପର୍ଶରେ ଆସନ୍ତି। କିଛି ମଣିଷଙ୍କ ସହ ଭେଟ ହେଲେ ଆମକୁ ଭଲ ଲାଗେ। ସେମାନଙ୍କ ସହ ଜୀବନ ସହଜ ଅନୁଭବ ହୁଏ। କିନ୍ତୁ କିଛି ମଣିଷ ଥାଆନ୍ତି, ଯେଉଁମାନଙ୍କ କଥା ଭାବିଲେ ମନକୁ ଭୟ ଚାଲିଆସେ। ବେଳେବେଳେ ଆମେ ଆଲୋଚନା ପ୍ରସଙ୍ଗରେ ଯଦି କୌଣସି କୃପଣ ଲୋକର ନାଁ ନେଇଗଲେ, ତେବେ ଅନ୍ୟମାନେ କହି ଉଠନ୍ତି, ସକାଳୁ ସକାଳୁ ତା ନାଁ ନେଲେ ଖାଇବାକୁ ମିଳିବନି। ଆମ ଚାରିପାଖରେ ସବୁବେଳେ ଏମିତି କିଛି ଲୋକ ଥାଆନ୍ତି, ଯେଉଁମାନେ ଆମ କାମକୁ କଷ୍ଟକର କରିଦିଅନ୍ତି। ଆପଣ ଯାହା କହିବେ ସେମାନେ ତା ଓଲଟା କଥା କହିବେ। ଆପଣଙ୍କର କୌଣସି ମତାମତକୁ ମାନନ୍ତି ନାହିଁ। ଅତି ସହଜ କାମଟିକୁ ନିଜର ଅହଂକାର ପାଇଁ କଠିନ କରିଦିଅନ୍ତି। ଆସନ୍ତୁ ଜାଣିବା, ଏପରି ନେଗେଟିଭ୍ ଲୋକଙ୍କ ସହ ଡିଲ୍ କରିବାକୁ ଏହି ୪ଟି ଉପାୟ। ଯୁକ୍ତିତର୍କ କରନ୍ତୁ ନାହିଁ: ଜାଣି ସିଆଣିଆ ନେଗେଟିଭ୍ ଲୋକମାନଙ୍କ ସହ କେବେ ଯୁକ୍ତିରେ ମାତନ୍ତୁ ନାହିଁ। ସେମାନେ ଚାହାଁନ୍ତି ଆପଣ ତାଙ୍କ ସହ ତର୍କ କରନ୍ତୁ ଓ ଆପଣଙ୍କ ସମୟ ନଷ୍ଟ ହେଉ। ଏଥିପାଇଁ ସେମାନେ ଆପଣଙ୍କୁ ଉସୁକେଇବେ। ଯଦି ଆପଣ ତାଙ୍କ ସହ ଯୁକ୍ତିତର୍କ କରିବାରେ ମାତିଗଲେ, ତେବେ ଆପଣଙ୍କୁ ସେ ନିଜ ସ୍ତରକୁ ନେବାରେ ସଫଳ ହୁଏ, ତା ସହିତ ଆପଣଙ୍କ ମୂଲ୍ୟବାନ ସମୟ ନଷ୍ଟ କରିବାରେ ସଫଳ ହୁଏ, ଯେଉଁ ସମୟରେ ଆପଣ କିଛି ନୂଆ କାମ କରିପାରିଥାନ୍ତେ। ଏହା ହିଁ ସେ ଚାହେଁ। ଏଭଳି କ୍ଷେତ୍ରରେ ଆପଣ ଗୋଟିଏ କାମ କରିପାରିବେ। ତା କଥାକୁ ଆମୂଳଚୂଳ ଶୁଣନ୍ତୁ, କିନ୍ତୁ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ। ଅତି ବେଶୀରେ ତାକୁ କୁହନ୍ତୁ- ଆପଣଙ୍କ ଅଭିଯୋଗ ମୁଁ ସବୁ ଶୁଣିଲି, ଏ ବିଷୟରେ ଅଧିକ ବିଚାର କରିବି। ଏବେ ଆମେ ଅନ୍ୟ କୌଣସି ପ୍ରସଙ୍ଗରେ କଥା ହେବା, ଏ ପ୍ରସଙ୍ଗରେ ସମୟ ନଷ୍ଟ କରିବାନି। ସେମାନଙ୍କୁ ନିଜ କାମ ବିଷୟରେ ବୁଝେଇବାକୁ ଚେଷ୍ଟା କରନ୍ତୁ ନାହିଁ: ସାମଗ୍ରିକ ଭାବରେ, ଏଭଳି ଲୋକମାନେ ଆପଣଙ୍କୁ କୌଣସି ଏକ ଉପାୟରେ ବ୍ୟସ୍ତ ରଖିବାକୁ ଓ ବିବ୍ରତ କରିବାକୁ ଚାହାଁନ୍ତି। ଆପଣଙ୍କ ଯୁକ୍ତି ଆପଣ ଏକ୍ସପ୍ଲେନ୍ କରନ୍ତୁ ବୋଲି ସେ ଚାହିଁବ, ଯାହାକୁ ସେ ନିଜର ଯୁକ୍ତିରେ କାଟିବ। ଏହା ତା ପାଇଁ ଏକ ଆନନ୍ଦ। ତେଣୁ ଏଭଳି ସ୍ଥିତିରେ ଆପଣ ତାକୁ କେବଳ କୁହନ୍ତୁ- 'ଏ ବିଷୟରେ ମୋର ନିଷ୍ପତ୍ତି ମୁଁ ପୂର୍ବରୁ ଶୁଣାଇ ସାରିଛି। ଆଉ ଅଧିକ ଆଲୋଚନା କରିବାକୁ ଚାହେଁନି। ମୁଁ କେବଳ ଚାହେଁ ଆପଣ ମୋ ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତୁ।' ନିଜକୁ କିମ୍ବା ନିଜର ଯୁକ୍ତିକୁ ବୁଝାଇବାକୁ ଚେଷ୍ଟା କରନ୍ତୁ ନାହିଁ: ଏହିଭଳି ଲୋକଙ୍କୁ ଆପଣ ନେଇଥିବା ନିଷ୍ପତ୍ତିର କାରଣ ସଂପର୍କରେ କିଛି ସ୍ପଷ୍ଟୀକରଣ ଦିଅନ୍ତୁ ନାହିଁ। ସେ ଏହା ଚାହେଁ ଯେ, ଆପଣ ନିଜର ଯୁକ୍ତି ଉପସ୍ଥାପନ କରନ୍ତୁ, ଆଉ ସେ ଏହାକୁ ଅନୁମତି ଦେଇ ଗର୍ବ ଅନୁଭବ କରିବ। ପ୍ରତିବଦଳରେ ଆପଣ କେବଳ ଏତିକି କହିପାରିବେ ଯେ, ଏହା ହିଁ ମୋ ପାଇଁ ସବୁଠାରୁ ଭଲ ନିଷ୍ପତ୍ତି ବୋଲି ମତେ ଲାଗିଲା। ଆତ୍ମରକ୍ଷା ପାଇଁ ବ୍ୟବସ୍ଥା କରନ୍ତୁ ନାହିଁ: ଏଭଳି ଲୋକମାନେ ଆପଣଙ୍କୁ ହରାଇବାକୁ ଓ ଅଡୁଆରେ ପକାଇବାକୁ ଅନେକ ତର୍କ ନିୟମ ଆପଣଙ୍କ ଆଗରେ ଥୋଇବେ। ଚେଷ୍ଟା କରିବେ ଆପଣଙ୍କୁ ଅଡୁଆ ସୂତାରେ ବାନ୍ଧିବାକୁ। ଏଭଳି ପରିସ୍ଥିତିରୁ ଆପଣ ନିଜକୁ ମୁକୁଳାଇ ଆଣନ୍ତୁ। ତା ଏଜେଣ୍ଡା ଭିତରୁ ନିଜକୁ ରକ୍ଷା କରିବା ପରେ କୁହନ୍ତୁ- ଏଭଳି ସ୍ଥିତି ସଂପର୍କରେ ମୁଁ ବହୁତ କିଛି ଭାବିଛି। ତେଣୁ ଏ ନେଇ ଆଉ ଅଧିକ ଆଲୋଚନା କରିବାକୁ ଚାହେଁନି।

# ଆପଣ କ୍ଷୀର ପିଇବାକୁ ନାପସନ୍ଦ କରନ୍ତି କି ? : ଏହି ୬ ଖାଦ୍ୟରୁ ପାଆନ୍ତୁ କ୍ୟାଲସିୟମ୍



**କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।**

କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ। କାରଣ କ୍ଷୀରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ। ଏହା ଶରୀରକୁ ଶକ୍ତିଶାଳୀ ଏବଂ ଉର୍ଜାବାନ କରିଥାଏ। ସେଥିପାଇଁ ପୋଷକ ବିଜ୍ଞାନୀ ବା ଡାକ୍ତରମାନେ ପିଲାମାନଙ୍କୁ କ୍ଷୀର ପିଇବା ପାଇଁ ପରାମର୍ଶ ଦିଅନ୍ତି।

କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କନ୍ଦମୂଳ: କନ୍ଦମୂଳରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥାଏ। ଗୋଟିଏ ବଡ଼ ଆକାରର କନ୍ଦମୂଳରେ ପ୍ରାୟ ୬୮ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଥାଏ। ଏହା ସହିତ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ପୋଟାସିୟମର ପରିମାଣ ମଧ୍ୟ ଯଥେଷ୍ଟ ଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ କନ୍ଦମୂଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ।

ନାଣ୍ଡି ବଗୁଲି: ଦୁଇ ଚାମଚ ନାଣ୍ଡି ବଗୁଲିରେ ପ୍ରାୟ ୧୭୯ ମିଗ୍ରା କ୍ୟାଲସିୟମ୍ ଥାଏ। ଆପଣ କ୍ଷୀର ବଦଳରେ ନାଣ୍ଡି ବଗୁଲି ଖାଇପାରିବେ। ଏହା ସହିତ ନାଣ୍ଡି ବଗୁଲିରେ ବୋରନ୍ ମଧ୍ୟ ରହିଥାଏ, ଯାହା ଶରୀରକୁ କ୍ୟାଲ୍‌ସିୟମ୍ ଯୋଗାଇବା ସହିତ ଫସ୍‌ଫରସ୍ ଏବଂ ମ୍ୟାଗ୍ନେସିୟମ୍ ମେଟାବୋଲିଜିଂ କରି ହାଡ ଏବଂ ମାଂସପେଶୀର ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ।

ସୋୟା କ୍ଷୀର: ଆପଣ କ୍ଷୀର ବଦଳରେ ସୋୟା କ୍ଷୀର ମଧ୍ୟ ପିଇପାରିବେ। ସୋୟା କ୍ଷୀରରୁ ଗାଈ କ୍ଷୀର ପରି କ୍ୟାଲସିୟମ୍ ମିଳିଥାଏ। କେବଳ ଏତିକି ନୁହେଁ, ସୋୟା କ୍ଷୀରରେ ଭଲ ପରିମାଣରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଭିଟାମିନ୍ ଡ ମଧ୍ୟ ଥାଏ। ଏହା ସହିତ ସୋୟା କ୍ଷୀରରେ ସନ୍ତୁଳିତ ଚର୍ବିର ପରିମାଣ କ୍ଷୀର ତୁଳନାରେ ବହୁତ କମ୍ ଥାଏ। ଯେଉଁ କାରଣରୁ ସୋୟା କ୍ଷୀର ଗାଈ କ୍ଷୀର ଅପେକ୍ଷା ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ।

ସୋୟା ପନିର: ସୋୟା ପନିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। କିନ୍ତୁ ଏଥିପାଇଁ ସୋୟା ପନିର୍ ଗୁଣ ପ୍ରତି ଧ୍ୟାନ ଦେବା ଜରୁରୀ କାରଣ ଏଥିରେ ଥିବା କ୍ୟାଲସିୟମର ପରିମାଣ ଏହାର ଗୁଣ ଉପରେ ନିର୍ଭର କରେ। ସାଧାରଣତଃ ଅଧା କପ୍ ସୋୟା ପନିରରେ ୨୭୫ ରୁ ୯୬୧ ମିଗ୍ରା କ୍ୟାଲ୍‌ସିୟମ୍ ରହିପାରେ।

କମଳା: ଆପଣ କ୍ୟାଲସିୟମ ପାଇଁ କମଳା ମଧ୍ୟ ଖାଇପାରିବେ। କମଳା ଭିଟାମିନ୍ ସି ଏବଂ କ୍ୟାଲ୍‌ସିୟମର ଏକ ପ୍ରମୁଖ ଉତ୍ସ। ଆପଣ ଏକ ବଡ଼ ଆକାରର କମଳାରୁ ପ୍ରାୟ ୭୪ ମିଗ୍ରା କ୍ୟାଲ୍‌ସିୟମ୍ ପାଇପାରିବେ। ତେଣୁ ଯଦି ଆମେ ଏକ ଗ୍ଲାସ୍ କମଳା ରସ ବିଷୟରେ କହିବା, ଏଥିରେ ଥିବା କ୍ୟାଲସିୟମ୍ ପରିମାଣ ୩୦୦ ମିଗ୍ରା ପର୍ଯ୍ୟନ୍ତ ହୋଇପାରେ।

ପେଶି: କ୍ୟାଲ୍‌ସିୟମ୍ ପାଇଁ ଆପଣ ନିଜ ଖାଦ୍ୟରେ ପେଶି ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଗୋଟିଏ ଚାମଚ ପେଶିରେ ପ୍ରାୟ ୮୮ ମିଗ୍ରା କ୍ୟାଲସିୟମ ମିଳିଥାଏ। ଏହା ସହିତ ଏହା ଜିଙ୍କ୍ ଏବଂ କପରରେ ମଧ୍ୟ ଭରପୂର। ଏଭଳି ପରିସ୍ଥିତିରେ ଆପଣ ନିଜ ଖାଦ୍ୟରେ ପେଶିକୁ ଯେକୌଣସି ପ୍ରକାରେ ସାମିଲ କରିପାରିବେ ଏବଂ ଶରୀରରେ କ୍ୟାଲ୍‌ସିୟମ୍‌ର ଅଭାବ ପୂରଣ କରିପାରିବେ।

# ବର୍ଷା ଦିନେ ଖାଉଛନ୍ତି କି ବାସିରୁଟି: ଜାଣି ରଖନ୍ତୁ କ'ଣ କହୁଛନ୍ତି ଡାକ୍ତର



ଦେଶର ପ୍ରାୟ ସମସ୍ତ ସହର ଏବଂ ଗାଁରେ ବାସି ରୁଟି ଖାଇବା ଏକ ପାରମ୍ପରିକ ପ୍ରଥା। ଯେଉଁମାନେ ଖାଦ୍ୟକୁ ପୂଜା କରନ୍ତି, ସେମାନେ ଖାଦ୍ୟକୁ ଫୋପାଡ଼ି ଦେବା ପରିବର୍ତ୍ତେ ବଳକା ଖାଦ୍ୟ ଖାଇବାକୁ ଉଚିତ ବୋଲି ଭାବନ୍ତି। ଲୋକମାନେ ବାସି ରୁଟି ବହୁତ ଖାଆନ୍ତି। ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ବାସି ରୁଟିର ଚାହିଦା ବହୁତ ବୃଦ୍ଧି ପାଇଛି। ବିଶେଷ କଥା ହେଉଛି ଏହାର ସକାରାତ୍ମକ ପ୍ରଭାବ ଯୋଗୁ, ଏହାକୁ ଅନ୍ୟାନ୍ୟ ଉପାଦାନ ସହିତ ସେବନ କରାଯାଉଛି, କାରଣ, ବାସି ରୁଟିକୁ ପ୍ରୋଟିନ ଭରପୂର ବୋଲି ବିବେଚନା କରାଯାଏ। ଏହା ଶରୀରର ଓଜନ ମଧ୍ୟ ବୃଦ୍ଧି କରେ। ଏହି କାରଣରୁ ଯୁବପିଢ଼ି ଏହାକୁ ଅଧିକ ଖାଉଛନ୍ତି। ଡାକ୍ତର ଏ ବିଷୟରେ ସମ୍ପୂର୍ଣ୍ଣ ସତ୍ୟ କହିଛନ୍ତି। ଡାକ୍ତର ଆଲୋକ ଚୌରାସିଆଙ୍କ ଅନୁଯାୟୀ, ବାସି ରୁଟିରେ ପ୍ରୋଟିନ ପରିମାଣ ତାଜା ଖାଦ୍ୟ ସାମଗ୍ରୀ ପରି ନୁହେଁ। ରୁଟି ମୁଖ୍ୟତଃ କାର୍ବୋହାଇଡ୍ରେଟର ଏକ ଉତ୍ସ ଏବଂ ଏଥିରେ ପ୍ରୋଟିନର ପରିମାଣ ସୀମିତ। ତଥାପି, ଯଦି ବାସି ରୁଟିକୁ ଦହି କିମ୍ବା ଅନ୍ୟାନ୍ୟ ପ୍ରୋଟିନ ଯୁକ୍ତ ପଦାର୍ଥ ସହିତ ଖିଆଯାଏ, ତେବେ ଏହା ଦ୍ୱାରା ପ୍ରୋଟନର ଅଭାବ ପୂରଣ କରାଯାଇପାରିବ। ଗାଁ ଗହଳିରେ ବାସି ରୁଟି ଖାଇବାର ଏକ ବଡ଼ କାରଣ ହେଉଛି ଏହା ସହଜ ଏବଂ ଶସ୍ତା। ବାସି ରୁଟି ଖାଇବା ପେଟ ପାଇଁ ହାଲୁକା ଏବଂ ଏହା ଶୀଘ୍ର ହଜମ ହୁଏ। ଏହା ବ୍ୟତୀତ, ଡକ୍ଟର କହିଛନ୍ତି ଯେ ଦହି କିମ୍ବା ବଟର ମିଲ୍କ ସହିତ ବାସି ରୁଟି ଖାଇବା ଏହାକୁ ଏକ ପୁଷ୍ଟିକର ଏବଂ ଥଣ୍ଡା ଜଳଖିଆ କରିଥାଏ, ଯାହା ବହୁତ ଲାଭଦାୟକ ପ୍ରମାଣିତ ହୁଏ। ଯଦିଓ ବାସି ରୁଟି ଖାଇବାର କିଛି ଲାଭ ଅଛି, ଏହାର କ୍ଷତି ମଧ୍ୟ ହୋଇପାରେ। ଡକ୍ଟର ଆଲୋକ ସତର୍କ କରାଇ ଦେଇଛନ୍ତି ଯେ ଯଦି ବାସି ରୁଟି ଠିକ ଭାବରେ ନ ରଖାଯାଏ, ତେବେ ଏଥିରେ ଜୀବାଣୁ ବଢ଼ିପାରେ। ଯାହା ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ବିଶେଷକରି ବର୍ଷା ଋତୁରେ, ଯେତେବେଳେ ଅଧିକ ଆର୍ଦ୍ରତା ଥାଏ, ଯଦି ବାସି ରୁଟି ଠିକ ଭାବରେ ସଂରକ୍ଷଣ ନ କରାଯାଏ, ତେବେ ଏହା ପେଟ ରୋଗର କାରଣ ହୋଇପାରେ। ଡକ୍ଟର ଆଲୋକ କୁହନ୍ତି ଯେ ଯଦି ଆପଣ ବାସି ରୁଟି ଖାଇବାକୁ ଚାହାଁନ୍ତି, ତେବେ ଏହାକୁ ଥଣ୍ଡା ଏବଂ ଶୁଖିଲା ସ୍ଥାନରେ ରଖନ୍ତୁ ଏବଂ ପରଦିନ କେବଳ ତାଜା ଦହି କିମ୍ବା ପନିପରିବା ସହିତ ଖାଆନ୍ତୁ, ଯାହା ଦ୍ୱାରା ପୋଷକ ତତ୍ତ୍ୱର ଅଭାବ ପୂରଣ ହୋଇପାରିବ। କିନ୍ତୁ, ନିୟମିତ ଭାବରେ ତାଜା ଖାଦ୍ୟ ଖାଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ଶରୀରକୁ ସମସ୍ତ ଆବଶ୍ୟକୀୟ ପୋଷକ ତତ୍ତ୍ୱର ଆବଶ୍ୟକତା ଅଛି।

# ଚମ୍ପୁଆ ଏନଏସିର ବିକଳ ଚିତ୍ର : ଅବହେଳିତ ଅବସ୍ଥାରେ ୯ ନମ୍ବର ୱାର୍ଡ, ପ୍ରଶାସନର ବେପରୁଆ ମନୋଭାବକୁ ନେଇ ଜନଅସନ୍ତୋଷ

ଚମ୍ପୁଆ,୧/୦୯ (ନି.ପ୍ର): ଚମ୍ପୁଆ ଏନଏସି କର୍ତ୍ତୃପକ୍ଷ ବିକାଶର ଡିଣ୍ଡିମ ପିଟି ଧୂମଧାମରେ ଭୋଜିଭାତ କରି ସ୍ୱାୟତ୍ତ ଶାସନ ଦିବସ ପାଳନ କରୁଥିବା ବେଳେ ୯ ନମ୍ବର ୱାର୍ଡ (ବାରିକସାହି) ଏନଏସି ର ବିକଳ ଚିତ୍ରକୁ ପଦାରେ ପକାଇଛି । ଚମ୍ପୁଆ ଏନଏସିର ଏହି ୯ ନମ୍ବର ୱାର୍ଡ (ବାରିକସାହି) ଦୀର୍ଘ ଦିନ ହେବ ଚରମ ଅବହେଳାର ଶିକାର ହୋଇଛି । ଏଠାରେ ସ୍ଥାନୀୟ ବାସିନ୍ଦାମାନେ ସାଧାରଣ ମୌଳିକ ସୁବିଧାରୁ ମଧ୍ୟ ବଂଚିତ ହେଉଥିବା ବେଳେ ଏନଏସି କର୍ତ୍ତୃପକ୍ଷ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ଏହି ୱାର୍ଡର ଡ୍ରେନ ସଫା କରାଯାଇ ନାହିଁ। ଫଳରେ ଡ୍ରେନରେ ଅଳିଆ ଆବର୍ଜନା ପଡି ରହି ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଛି । ତା' ଉପରେ ପଚାସଢ଼ା ପାଣି ଜମି ରହିବା ଯୋଗୁଁ ସ୍ଥାନୀୟ ଅଂଚଳରେ ଅସହ୍ୟ ଦୁର୍ଗନ୍ଧ ହେଉଛି। କେବଳ ସେତିକି ନୁହେଁ, ଡ୍ରେନ ଚାରିପାଖରେ ଅନାବନା ନଟା ବୁଦା ମାଡ଼ିଯିବା ଫଳରେ ଏହା ମଶା, ମାଛି ଏବଂ ବିଷଧର ସରୀସୃପଙ୍କ ବାସସ୍ଥାନ ପାଲଟିଛି। ଯାହା ସ୍ଥାନୀୟ ଲୋକଙ୍କ ଜୀବନ ପ୍ରତି ବଡ଼ ବିପଦ ସୃଷ୍ଟି କରୁଛି। ଲୋକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଏନଏସି ଅଧିକାରୀଙ୍କ ବେପରୁଆ ମନୋଭାବ ସ୍ପଷ୍ଟ ବାରି ହୋଇପଡୁଛି। ଅଂଚଳବାସୀଙ୍କ କହିବା ଅନୁସାରେ, ଏଠାରେ ନିୟମିତ ସଫେଇ ତ ଦୂରର କଥା, ଏନଏସି ପକ୍ଷରୁ କେବେ ହେଲେ ବ୍ଲିଚିଂ ପାଉଡର ପକାଯାଉ ନାହିଁ କି ମଶା ତେଲ ବା ଧୂଆଁ ବ୍ୟବହାର କରାଯାଉ ନାହିଁ। ଅଫିସରମାନଙ୍କର ଏଭଳି ଦାୟିତ୍ୱହୀନତା ଯୋଗୁଁ ସାଧାରଣ ଜନତା ସଂକ୍ରାମକ ରୋଗର ଭୟରେ ଦିନ କାଟୁଛନ୍ତି। ଏନଏସି କର୍ତ୍ତୃପକ୍ଷ ୯ ନମ୍ବର ୱାର୍ଡ ପ୍ରତି କାହିଁକି ଏପରି ପାତରଅନ୍ତର ନୀତି ଆପଣାଉଛନ୍ତି, ତାକୁ ନେଇ ଏବେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ଦିନର ଏହି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅନୁଷ୍ଠିତ



ବାସୁଦେବପୁର,୧/୦୯ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ପୌର ପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପୌର ପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାୟତ୍ତ ଶାସନ ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ପୌର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ପୌର ପାଳିକାର ସମସ୍ତ ପାରିଷଦ ବୃନ୍ଦଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ପୌର ପାଳିକାର ସମସ୍ତ କର୍ମଚାରୀ ମାନଙ୍କୁ ପ୍ରମାଣ ପତ୍ର ସହିତ ସମ୍ମାନିତ କରା ଯାଇଥିଲା। ଏହି ଅବସରରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସକାଳ ସମୟରେ ଏହି ଉତ୍ସବରେ ପୌର ପାଳିକା ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା । ସକାଳ ସମୟରେ ଗଣ ଦୌଡ ଅନୁଷ୍ଠିତ ହେବା ସହିତ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ଏହି ଉତ୍ସବରେ ବିଶିଷ୍ଟ ସମାଜସେବୀ ତଥା ଶିକ୍ଷପତି ଶୁଭେନ୍ଦୁ ଭୂଷଣ ବେହେରା, ଭକ୍ତ ରଞ୍ଜନ ପଟ୍ଟନାୟକ,ଜଗବନ୍ଧୁ ଦାସ, ଉଦୟ ନାରାୟଣ ମଲ୍ଲିକ, ମାନସ ସାହୁ,କୁନ୍ତଳା ସେଠୀ,ସୂର୍ଯ୍ୟକାନ୍ତ ମଲିକ, କାର୍ତ୍ତିକ ଖିଲାର, ମହେଶ୍ୱର ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ କଣ୍ଠଶିଳ୍ପୀ କୁମାର ଟୁଟୁ,କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତି ଓ ସାଥୀ କଳାକାର ସଙ୍ଗୀତ ପରିବେଷଣ କରିଥିଲେ। ପୌର ପାଳିକାର ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ବଲାଙ୍ଗିର ପୌର ପରିଷଦର ସ୍ୱାୟତ ଶାସନ ଦିବସ ପାଳନ

ବଲାଙ୍ଗିର,୧/୦୯ (ନି.ପ୍ର): ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହରେ ବଲାଙ୍ଗିର ମ୍ୟୁନିସପାଲିଟି କାର୍ଯ୍ୟାଳୟରେ ଉପ ନଗରପାଳ ଗାୟତ୍ରୀ ଭୋଇ ସକାଳ ୮ଟା ୩୦ ରେ ପତାକା ଉତୋଳନ କରି ଉପସ୍ଥିତ କାଉନସିଲର, ପୌର କର୍ମଚାରୀ ଜନସାଧାରଣଙ୍କୁ ଦିବସର ଅଭିନନ୍ଦନ ଜ୍ଞାପନ କରିଥିଲେ। ସମସ୍ତ କର୍ମଚାରୀ ୨୦୨୭ ବର୍ଷରେ ନିଜ ଦାୟିତ୍ୱ କୁ ଠିକ୍ ଭାବରେ ପରିଚାଳନା କରି ପୌର ଅଂଚଳର ପରିଚ୍ଛନ୍ନ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ।

# ମୋ ଭାରତ କେନ୍ଦ୍ର ଦ୍ୱାରା ଜାତୀୟ କ୍ରୀଡା ଦିବସ ସଦର ମହକୁମା ସହ ବିଭିନ୍ନ ବ୍ଲକରେ ଅନୁଷ୍ଠିତ




ବାଲେଶ୍ୱର,୧/୦୯ (ନି.ପ୍ର): ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଜାତୀୟ ସ୍ତରୀୟ କ୍ରୀଡା ଦିବସ ଟାଉନ ହାଇ ସ୍କୁଲ ସମେତ ଫକୀର ମୋହନ କଲେଜ ଏବଂ ଉପ କାରାଗାର ନୀଳଗିରି ରେ ଅନୁଷ୍ଠିତ ୨୮ ତାରିକ ରୁ ୩୧ ତାରିକ ପର୍ଯ୍ୟନ୍ତ ଅନୁଷ୍ଠିତ ହେଇ ଯାଇଛି, ଜିଲ୍ଲା ଯୁବ ଅଧିକାରୀ ଫୈାଡ ମୋହମଦ ତତ୍ୱାବଧାନ ରେ ହିସାବ ରକ୍ଷକ ଅମୀରଣ ରାଉତ ଯୋଗ ଦେଇଥିଲେ, ଏହି ଅବସରରେ ଟାଉନ ହାଇ ସ୍କୁଲ ରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ପ୍ରଦାନ କରା ଯିବା ସହ ଫକୀର ମୋହନ କଲେଜ ପରିସରରେ ବ୍ୟାଡ଼ମିଂଟନ, ଓ ଉପ କାରାଗାର ନୀଳଗିରି ରେ କେରାମ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରା ଯାଇ ଥିଲା, ଏହି କ୍ରୀଡା ଦିବସ ରେ ପ୍ରଗ୍ରାମ କର୍ଡିନେଟର ବିକ୍ରମ ବାରିକ ସହ ମୋ ଭାରତ ଯୁବ ସ୍ୱେଚ୍ଛାସେବୀ, ଅଭିଜିତ ବେହେରା, ଦୀପଶିଖା ଘଡେଇ, ଖକନ ବେରା, ସୁବ୍ରତ ନାୟକ, ଶୁଭଲକ୍ଷ୍ମୀ ପରିଡା, ଗାୟତ୍ରୀ ବାରିକ ପ୍ରମୁଖ ଯୋଗ ଦାନ କରିବା ସହ ବିଭିନ୍ନ କଲେଜ ସ୍କୁଲ ର ସମସ୍ତ କାର୍ଯ୍ୟକ୍ରତା ଉପସ୍ଥିତ ଥିଲେ।

# ନୀଳମଣି ମହାବିଦ୍ୟାଳୟର ସଂସ୍କୃତ ବିଭାଗରେ ବିଶ୍ୱ ସଂସ୍କୃତ ଦିବସ ପାଳିତ




ରୂପ୍ସା,୧/୦୯ (ନି.ପ୍ର): ନୀଳମଣି ମହାବିଦ୍ୟାଳୟରେ ସଂସ୍କୃତ ବିଭାଗ ତରଫରୁ ବିଶ୍ୱ ସଂସ୍କୃତ ଦିବସ ଉପଲକ୍ଷେ ଏକ ସଭା ଗତ ତା. ୨୯.୮.୨୬ ରିଖରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ତପନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟା ପିନାକ୍ଷୀ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ତଥା ବିଶ୍ୱ ସଂସ୍କୃତ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଭାବେ ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ସଂସ୍କୃତର ପରିଭାଷା ଯେ କେବଳ ଏକ ପ୍ରାଚୀନ ଭାଷା ତାହା ନୁହଁ, ବେଦ,ଉପନିଷଦ ପୁରାଣ ସକଳ ଜ୍ଞାନର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସୋରଜ ପାଣି ସଂସ୍କୃତ ସାହିତ୍ୟ ନୈତିକ ମୂଲ୍ୟବୋଧର ଶିକ୍ଷା ପ୍ରଦାନ କରେ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ଅନ୍ୟତମ ଅଧ୍ୟାପିକା ଡ଼ ସୁଜାତା ରାଣୀ ଗିରି ଉପନିଷଦରେ, ଶ୍ରୀମଦ ଭଗବତଗୀତାରେ ବର୍ଣ୍ଣିତ ଆତ୍ମତତ୍ତ୍ୱ ହିଁ ସର୍ବଶ୍ରେଷ୍ଠ ଜ୍ଞାନ ତଥା ସଂସ୍କୃତ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା ପୂର୍ବକ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରୀ ଲିପ୍ସିତା ରାଜ, ଚିନ୍ମୟୀ ରଣା ପ୍ରମୁଖ ସଂସ୍କୃତ ଭାଷା ତଥା ବିଶ୍ୱ ସଂସ୍କୃତ ଦିବସର ଗୁରୁତ୍ୱ ସମ୍ବନ୍ଧୀୟ ନିଜର ନିଜର ନିବନ୍ଧ ପାଠ କରିଥିଲେ। ଉକ୍ତ ସଭାରେ ସଂସ୍କୃତ ବିଭାଗର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ମହା ଟେଣ୍ଡର ଦୁର୍ନୀତି ଅଭିଯୋଗ: ଭିଜିଲାନ୍ସ ତଦନ୍ତ ଦାବି ନେଇ ଯୁବ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ବଲାଙ୍ଗୀର,୧/୦୯ (ନି.ପ୍ର): ରାଜେନ୍ଦ୍ର ବିଶବ ବିଦ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ଓ ହଷ୍ଟେଲ ମେସ୍ ପାଇଁ ଖାଦ୍ୟ ଯୋଗାଣକୁ ନେଇ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛି ବଲାଙ୍ଗୀର ଜିଲ୍ଲା ଯୁବ କଂଗ୍ରେସ। ଯୁବ କଂଗ୍ରେସର ଅଭିଯୋଗ ଅନୁଯାୟୀ ଗତ ଏପ୍ରିଲ ୧୦ ତାରିଖରେ ନୂତନ ନିୟମିତ କୁଳପତି ବିଭୁତି ମଲ୍ଲିକ ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ୱ ବିଦ୍ୟାଳୟର ନିୟମିତ ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ହୋଇଛି। ଅଣ ଶିକ୍ଷକ କର୍ମଚାରୀଙ୍କ ଅଭାବ ଥିବା ସତ୍ତ୍ୱେ ପୂର୍ବରୁ ଠିକା କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲୁଥିଲା ବୋଲି ସଂଗଠନ କହିଛି। ତେବେ ନୂତନ ଆଉଟସୋର୍ସିଂ ସଂସ୍ଥା ନିୟୋଜନକୁ ନେଇ ପ୍ରଶ୍ନ ଉଠାଇଛି ଯୁବ କଂଗ୍ରେସ। ସଂଗଠନର ଦାବି ଆରଏନ୍‌ସି ସିକ୍ୟୁରିଟି ସାର୍ଭିସ ଟେଣ୍ଡର ପ୍ରକ୍ରିୟା ବିନା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟାଦେଶ ଦିଆଯାଇଥିବା ନେଇ ଆର୍‌ଟିଆଇ ମାଧ୍ୟମରେ ମିଳିଥିବା ଦଲିଲରେ ତଥ୍ୟ ରହିଛି। ଏହି ନିଷ୍ପତିରେ ସରକାରୀ ନିୟମ ପାଳନ ହୋଇଛି କି ନାହିଁ ଏବଂ ଏଥିରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି ନାହିଁ ତାହା ଭିଜିଲାନ୍ସ ତଦନ୍ତ ମାଧ୍ୟମରେ ସ୍ପଷ୍ଟ କରିବାକୁ ଦାବି କରାଯାଇଛି। ଅନ୍ୟ ପକ୍ଷରେ ଜୁନ୍ ୧୬ ତାରିଖରେ ହଷ୍ଟେଲ ମେସ ପାଇଁ ୩ ମାସିଆ ଚୁକ୍ତିଭିତିକ ଖାଦ୍ୟ ଯୋଗାଇ ସମ୍ପର୍କରେ ଜାରି ନୋଟିସ୍‌କୁ ନେଇ ମଧ୍ୟ ଅଭିଯୋଗ ଉଠିଛି। ଯୁବ କଂଗ୍ରେସ ଅନୁଯାୟୀ ଜଣେ ଯୋଗାଣକାରୀ ପ୍ରତି ମିଲ ୩୦ ଟଙ୍କା ଦର ଦେଇଥିଲେ। ପରବର୍ତୀ ସମମୟରେ ଏଲ୍ ୨ ପକ୍ଷରୁ ପ୍ରତି ମିଲ ୩୩ ଟଙ୍କା ଦରରେ କାର୍ଯ୍ୟାଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ପ୍ରକ୍ରିୟାରେ ଟେଣ୍ଡର ଓ ଆର୍ଥିକ ନିୟମ ପାଳନ ହୋଇଛି କି ନାହିଁ ତାହାର ତଦନ୍ତ ଦାବି କରିଛି। ଏହି ସମସ୍ତ ଅଭିଯୋଗର ସାତ ଦିନ ମଧ୍ୟରେ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଆବଶ୍ୟକ ହେଲେ ଭିଜିଲାନ୍ସ ତଦନ୍ତ କରାଯାଉ, ଦୋଷୀ ପ୍ରମାଣିତ ହେଲେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ଓ ଚାକିରି ହରାଇଥିବା ଠିକା କର୍ମଚାରୀଙ୍କ ସ୍ୱାର୍ଥର ସୁରକ୍ଷା କରାଯାଉ ବୋଲି ବଲାଙ୍ଗୀର ଜିଲ୍ଲା ଯୁବ କଂଗ୍ରେସ ଦାବି କରିଛି ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ। ଯୁବ କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରା, ଜିଲ୍ଲା ଯୁବ କଂଗ୍ରେସ ମୁଖପାତ୍ର ନୀତିସ ପ୍ରଧାନ, ଲଖନ ସାହୁ, ପଂଚାନନ ଷାଣ୍ଡ, ଶଶାଙ୍କ ମେହେର ପ୍ରମୁଖ ମଂଚାସିନ ଥିଲେ।

# ଗିରିକାନପଲ୍ଲୀରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ : ୪୫ଟି ସମସ୍ୟାର ଶୁଣାଣି କଲେ ଜିଲ୍ଲାପାଳ

ମାଲକାନଗିରି,୧/୦୯ (ନି.ପ୍ର): ଗିରିକାନପଲ୍ଲୀ ଗ୍ରାମପଞ୍ଚାୟତ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗଦେଇ ନିଜ ନିଜର ସମସ୍ୟା ବିଷୟରେ ପ୍ରଶାସନକୁ ଅବଗତ କରାଇଥିଲେ। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣିବା ସହିତ ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ସମୁଦାୟ ୪୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩୫ଟି ସାମୁଦାୟିକ ଅଭିଯୋଗ ରହିଥିଲା। ଶିବିରରେ ମୁଖ୍ୟତଃ ପାନୀୟ ଜଳ ଯୋଗାଣ, ନଳକୂପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଣ, ଗ୍ରାମୀଣ ରାସ୍ତାଘାଟର ନିର୍ମାଣ ଓ ମରାମତି, ବିଦ୍ୟୁତ ସେବାରେ ସଂସ୍କାର, ଲୋ-ଭୋଲଟେଜ୍ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ନୂତନ ରାସନ କାର୍ଡ ପ୍ରଦାନ ଏବଂ ସ୍ଥାନୀୟ ଜମିବାଡ଼ି ବିବାଦ ଭଳି ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଅଭିଯୋଗ ଆସିଥିଲା। ଜନସାଧାରଣଙ୍କ ସମସ୍ୟାର ତୃଣମୂଳ ସ୍ତରରେ ସମାଧାନ ଶେଷରେ, ପଞ୍ଜୀକୃତ ହୋଇଥିବା ସମସ୍ତ ଅଭିଯୋଗଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରି ଆକ୍ସନ ଟେକେନ୍ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବ୍ରିଜ ନିର୍ମାଣ ହେଲା, ହେଲେ ରାସ୍ତା ନିର୍ମାଣ ଭୁଲିଗଲେ ଠିକାଦାର: ବ୍ରିଜର ଉଭୟ ପାର୍ଶ୍ୱରେ କାଦୁଅ ରାସ୍ତା, ଲଗାଣ ବର୍ଷାରେ ଯାତାୟାତ ଦୁର୍ବିସହ

ମାଲକାନଗିରି ,୧/୦୯ (ନି.ପ୍ର): ବର୍ଷ ବର୍ଷର ଦାବି ପରେ ବ୍ରିଜ ନିର୍ମାଣ ହେଲା। ହେଲେ ବ୍ରିଜକୁ ଯୋଡୁଥିବା ଉଭୟ ପାର୍ଶ୍ୱର ରାସ୍ତାକୁ ସିମେଣ୍ଟ କଂକ୍ରିଟ କରିବାକୁ ଭୁଲିଗଲେ ନିର୍ମାଣକାରୀ ସଂସ୍ଥା। ଫଳରେ ବର୍ଷା ଦିନରେ ବ୍ରିଜର ଦୁଇ ପାର୍ଶ୍ୱ କାଦୁଅ ଓ ମାଟିରେ ପରିଣତ ହୋଇଥିବାରୁ ଯାତାୟାତରେ ନାନା ସମସ୍ୟା ଉପୁଜିଛି। ଏପରି ଏକ ଦୃଶ୍ୟ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ସଦର ପଞ୍ଚାୟତକୁ ଚିତ୍ରକୋଣ୍ଡା ବ୍ଲକର ନୂଆଗୁଡା ପଞ୍ଚାୟତର ରଥଗୁଡା ସହ ସଂଯୋଗ କରୁଥିବା ଆରଡି ବିଭାଗ ଅଧୀନ ପ୍ରଧାନମନ୍ତ୍ରୀ ସଡକ ଯୋଜନାର ଏହି ରାସ୍ତା ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ଜୀବନରେଖା ପାଲଟିଛି। ମନ୍ତ୍ରୀପୁଟ ଓ ପାଡାଲପୁଟ ଗ୍ରାମ ମଧ୍ୟରେ ବ୍ରିଜ ନଥିବାରୁ ବର୍ଷା ଋତୁରେ ଯାତାୟାତ ବିଶେଷ ଭାବେ ବାଧାପ୍ରାପ୍ତ ହେଉଥିଲା। ଏନେଇ ଅଞ୍ଚଳବାସୀ ବାରମ୍ବାର ଦାବି ଓ ଅଭିଯୋଗ କରିବା ପରେ ଶେଷରେ ବିଭାଗ ପକ୍ଷରୁ ୧ କୋଟି ୫୦ ଲକ୍ଷ ବ୍ୟୟ ଅଟକଳରେ ବ୍ରିଜ ନିର୍ମାଣ କରାଯାଇଥିଲା। ତେବେ ବ୍ରିଜ ନିର୍ମାଣ ସରିଥିଲେ ମଧ୍ୟ ଏହାର ଉଭୟ ପାର୍ଶ୍ୱରେ ଆପ୍ରୋଚ୍ ରାସ୍ତାକୁ ସିମେଣ୍ଟ କଂକ୍ରିଟ କରାଯାଇନଥିବାରୁ ଏବେ ଲଗାଣ ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। କାଦୁଅ ଓ ପାଣି ଭର୍ତ୍ତି ରାସ୍ତା ଦେଇ ଯାତାୟାତ କରିବା ଲୋକଙ୍କ ପାଇଁ ଦୁର୍ବିସହ ହୋଇଛି। ବିଶେଷକରି ଦୁଇଚକିଆ ଯାନ ଓ ଛୋଟ ଗାଡି ଚାଳକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ରିଜ ଉପରେ ଚିତ୍ରକୋଣ୍ଡା ବ୍ଲକର ନୂଆଗୁଡା, ଦୋରାଗୁଡା, ଗୁଣ୍ଡାୱାଡା, କପାତୁଟି, ପାପଲୁର ଓ କୁର୍ମାନୁର ଭଳି ୬ଟି ପଞ୍ଚାୟତର ଲୋକେ ନିର୍ଭରଶୀଳ। ପ୍ରତିଦିନ ଶତାଧିକ ଲୋକ ଏହି ରାସ୍ତାରେ ଯାତାୟାତ କରୁଥିବାରୁ ରାସ୍ତାର ଏଭଳି ଅବସ୍ଥା ସାଧାରଣ ଲୋକଙ୍କ ଚିନ୍ତା ବଢାଇଛି। ଲୋକଙ୍କ ଦୀର୍ଘ ଦିନର ଦାବି ପରେ ବ୍ରିଜ ନିର୍ମାଣ ହୋଇଥିଲେ ମଧ୍ୟ ଆପ୍ରୋଚ୍ ରାସ୍ତା ଅସମ୍ପୂର୍ଣ୍ଣ ରହିବା ନିର୍ମାଣ କାର୍ଯ୍ୟର ଯୋଜନା ଓ ଗୁଣାତ୍ମକତା ନେଇ ପ୍ରଶ୍ନ ଉଠାଇଛି। ତେଣୁ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ବ୍ରିଜର ଉଭୟ ପାର୍ଶ୍ୱରେ ସ୍ଥାୟୀ ସିମେଣ୍ଟ କଂକ୍ରିଟ ଆପ୍ରୋଚ୍ ରାସ୍ତା ନିର୍ମାଣ କରିବା ସହ ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

## ଖୋଲିଲା ମା' ମଝିଘରିଆଣୀଙ୍କ ଦାନ ହୁଣ୍ଡି

ରାୟଗଡ଼ା,୧/୦୯ (ନି.ପ୍ର): ଖୋଲିଲା ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ଦାନ ହୁଣ୍ଡି । ପ୍ରାୟ ୨ ମାସ ପରେ ମାଆଙ୍କ ୯ଟି ଦାନ ହୁଣ୍ଡି ଖୋଲାଯାଇଛି । ଦେବୋତର ପରିଚାଳନା କମିଟି, ପୋଲିସ ଉପସ୍ଥିତିରେ ଆଜି ସକାଳେ ଏହି ଦାନ ହୁଣ୍ଡି ଖୋଲାଯାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଚାଲିଛି ଦାନ ଟଙ୍କା ଗଣତି । ୧୦୦ରୁ ଅଧିକ କର୍ମଚାରୀ ଏହି ଟଙ୍କା ଗଣତି ପ୍ରକ୍ରିୟାରେ ନିୟୋଜିତ ହୋଇଛନ୍ତି ।

# ଝାରସୁଗୁଡ଼ାରେ କାର୍ ସହ ୬୧.୨୮୦ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ଝାରସୁଗୁଡ଼ା,୧/୦୯ (ନି.ପ୍ର): ଝାରସୁଗୁଡ଼ା ପୁଲିସ ପକ୍ଷରୁ ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନରେ ବଡ଼ ସଫଳତା ମିଳିଛି। ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ୬୧.୨୮୦ କିଲୋଗ୍ରାମ ସନ୍ଦିଗ୍ଧ ଗଞ୍ଜେଇ ଜବତ କରିବା ସହ ଏକ ସୁଜୁକି ଏର୍ଟିଗା କାର୍କୁ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଛି। ପୁଲିସ ସୂଚନା ଅନୁସାରେ, ଝାରସୁଗୁଡ଼ାର ଚିଠୁଆପଡ଼ା ଛକ ନିକଟରେ ଓଡି-୨୩-ଏମ-୭୩୪୯ ନମ୍ବର ବିଶିଷ୍ଟ ଏକ ସୁଜୁକି ଏର୍ଟିଗା କାର୍ରେ ଗଞ୍ଜେଇ ମହଜୁଦ ରହିଥିବା ପଶିଲିସ ଖବର ମିଳିଥିଲା। ଏହାପରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ଘଟଣାସ୍ଥଳରେ ଚଢ଼ଉ କରାଯାଇଥିଲା।

OFFICE OF THE BALESHWAR MUNICIPALITY, BALESHWAR

No- 6334 Date: 29.08.2026

E-Procurement Notice

BID Identification No. BM_14_2026_27

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil works as mentioned in DTCN
2. No. of works : 01 No.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 31-08-2026 to 09-09-2026
6. Last date and time for receipt : 09-09-2026 up to 5.00 pm
7. Bids received online shall be opened on : 10-09-2026 from 11.00 am onwards
8. Name and address of the Officer Inviting Bid : Executive Officer, Baleshwar Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

OIPR: 13001/13154/1/26-27/0029

Executive Officer
Baleshwar Municipality

# ଗୌରଗୋଠ ଏମବିକେଙ୍କ ବିରୁଦ୍ଧରେ ଆର୍ଥିକ ଅନିୟମିତତା: ନରସିଂହଙ୍କୁ ଭେଟି ଅଭିଯୋଗ କଲେ ଗ୍ରାମପଂଚାୟତସ୍ତରୀୟ ମହାସଂଘ

ବଲାଙ୍ଗିର,୧/୦୯ (ନି.ପ୍ର): ଆଜି ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପଂଚାୟତ ଅଂଚଳରେ କାମ କରୁଥିବା ମହିଳା ଏସ୍ଏଚଜି ମା ମାନଙ୍କର ମହାସଂଘ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଆବାସିକ କାର୍ଯ୍ୟାଳୟକୁ ଆସି ସେଠାରେ କାମ କରୁଥିବା ଏମବିକେ ଅନୁମିତା ପ୍ରଧାନଙ୍କ ବିରୁଦ୍ଧରେ ଆର୍ଥିକ ଅନିୟମିତତାକୁ ନେଇ ସଂଗୀନ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ସଂପୃକ୍ତ ଏମବିକେ ବିନା ରେଜୁଲେସନରେ କାର୍ଯ୍ୟକାରୀ ସଭ୍ୟମାନଙ୍କର ବୈଠକ ଖାତାରେ ଦସ୍ତଖତ ନେଉଛନ୍ତି । ଏଥିରେ ଯଦି କୌଣସି ସଭ୍ୟ ବିରୋଧ କରନ୍ତି ତେବେ ଅସଭ୍ୟ ଭାଷା ପ୍ରୟୋଗ କରୁଥିବା ଅଭିଯୋଗ କରୁଛନ୍ତି । ଏସ୍ଏଚ୍‌ଜି ମାନଙ୍କର ମାସିକ ସଂଚୟ ଖାତାରେ ଟଙ୍କା ଜମା ନ କରି ସେହି ଅର୍ଥକୁ ଏମବିକେ ନିଜେ ଆତ୍ମସାତ କରୁଥିବାର ଅଭିଯୋଗ ମହାସଂଘର ମା ମାନେ କରିଛନ୍ତି । ଏପରିକି ଗୌରଗୋଠ ଜିପିଏଲ୍ଏଫ୍ ରୁ ଋଣ ନେଇ ଏସ୍ଏଚ୍‌ଜି ମା ମାନେ ପରିଶୋଧ କରିସାରିଥିଲେ ହେଁ ପୁଣି ତାଙ୍କ ଖାତାମାନଙ୍କରେ ଋଣ ଅଛି ବୋଲି ଦର୍ଶାଯାଉଛି । ଏପରି ଭାବେ ମା ଦୁର୍ଗା ଏସ୍ଏଚ୍‌ଜି ନାମରେ ୮୫ହଜାର ଟଙ୍କା, ମା ଘଣ୍ଟେଶ୍ୱରୀ ନାମରେ ୨୫ ହଜାର ଟଙ୍କା, ସୀତାଦେବୀ ଏସ୍ଏଚ୍‌ଜି ନାଁ ରେ ୧୯ହଜାର ଟଙ୍କା, ମା ମଙ୍ଗଳା ଏସ୍ଏଚ୍‌ଜି ନା ରେ ୩୦ହଜାର ଟଙ୍କା, ସରସ୍ୱତୀ ଏସ୍ଏଚ୍‌ଜି ନାମରେ ୫୦ ହଜାର ଟଙ୍କା, ଶ୍ରୀ ଗଣେଷ ନାଁ ରେ ୩୬ ହଜାର ଟଙ୍କା ଋଣ ସେ ନିଜେ ଉଠେଇ ନେଇଛନ୍ତି । ସବୁଠାରୁ ସଂଗୀନ ଅଭିଯୋଗ ହେଲା ଏହିପରି ଭାବରେ ସେ ୬୦ଟି ଏସ୍ଏଚ୍‌ଜି ରୁ ଲକ୍ଷ ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତା କରିଥିବା ଅଭିଯୋଗ ଆସିଛି । ମହାସଂଘ ଶ୍ରୀ ମିଶ୍ରଙ୍କୁ ଅଭିଯୋଗ ପତ୍ରରେ ସାଇ କ୍ରିଷ୍ଣା ଗୌରଗୋଠ ନାମକ ଏକ ଏସଏଚ୍‌ଜି କୁ ୩ ଲକ୍ଷ ୫୦ ହଜାର ଟଙ୍କାର ଋଣ ଦିଆଯାଇଥିବା ସ୍ଥଳେ ଖାତାରେ ତାହା ୩୫ଲକ୍ଷ ଟଙ୍କା ଋଣ ବୋଲି ଦର୍ଶାଯାଇଛି । ପୂର୍ବରୁ ମଧ୍ୟ ୨୦୧୯ ମସିହାରେ ଏମବିକେ ଅନିମିତା ପ୍ରଧାନ ନ୍ୟୁଟ୍ରେସନ ଗାର୍ଡେନ ନାଁ ରେ ୫୦ ହଜାର ଟଙ୍କା ଉଠାଇ ନେଇ ପରବର୍ତ୍ତୀ ସମୟରେ ସେହି ଟଙ୍କା ସରକାର ପ୍ରଦାନ କରିଥିଲେ ହେଁ ମହାସଂଘକୁ ସେହି ଟଙ୍କା ଫେରସ୍ତ କରିନାହାନ୍ତି । ତେଣୁ ଏ ସମସ୍ତ ଅଭିଯୋଗ ସହ ଏହି ଏମବିକେଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ମହାସଂଘ ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ଆଗରେ ଦାବି ଜଣାଇଥିଲେ । ଏହାକୁ ନେଇ ଶ୍ରୀ ମିଶ୍ର ବଲାଙ୍ଗିର ଜିଲ୍ଲାପାଳଙ୍କ ସହ ଫୋନ ମାଧ୍ୟମରେ କଥା ହେବା ସହ ଯେହେତୁ ବ୍ଲକ ପ୍ରଶାସନ ଉପରେ ମହାସଂଘର ବିଶ୍ୱାସ ନାହିଁ ତେଣୁ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନେଇ ଏହାର ଏକ ତଦନ୍ତ କରାଯାଉ ଏବଂ ତଦନ୍ତ ପରେ ଯଦି ଏମବିକେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଚିଠି ଲେଖିଛନ୍ତି ।

# ଖୋରଧା ପୌର ପରିଷଦର ୬୭ ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଖୋରଧା , ୧/୯ (ନି.ପ୍ର): ଖୋରଧା ପୌର ପରିଷଦ ୬୭ ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସହରାଞ୍ଚଳ ବିକାଶ ର କାର୍ଯ୍ୟଧାରାକୁ ବଜାୟ ରଖି ବିକଶିତ ଖୋରଧା ସହର ଲକ୍ଷ୍ୟରେ ଆଗେଇ ଚାଲିଛି ବୋଲି ଖୋରଧା ପୌର ପରିଷଦ ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ନିଜ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଭାଷଣ ପ୍ରଦାନ ପୂର୍ବକ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ସୁଶ୍ରୀ ମୁଦୁଲି ବୃକ୍ଷ ରୋପଣ, କ୍ରୀଡ଼ା ଉତ୍ସବ ଭଳି ଆଜି ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌରପରିଷଦ ପକ୍ଷରୁ ଆୟୋଜନ ହୋଇଥିବା ସୂଚନା ଦେଇଥିଲେ । ଦିବସର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସ୍ପଷ୍ଟ କରି ନିର୍ବାହୀ ଅଧିକାରୀ କହିଥିଲେ ୮ ଗୋଟି ଗ୍ରାମକୁ ନେଇ ୧୨ ଜୁଲାଇ ୧୯୬୦ ମସିହାରେ ଜୀବନ୍ୟାସ ପାଇଥିବା ପୌର ପରିଷଦ ଆଜି ୨୨ ଗୋଟି ୱାର୍ଡକୁ ନେଇ ସମ୍ବିଧାନର ୭୪ ତମ ସଂଶୋଧନ ଧାରାରେ କ୍ଷମତା ବିକେନ୍ଦ୍ରୀକରଣ ହୋଇ ସହରର ସର୍ବାଙ୍ଗିନ ବିକାଶ ପଥେ ଆଗେଇ ଚାଲିଛି । ୫୦ ହଜାର ଜନସଂଖ୍ୟା ରୁ ଉର୍ଦ୍ଧ୍ୱ ଖୋରଧା ସହର ବାସିନ୍ଦାଙ୍କୁ ନେଇ ସ୍ୱଚ୍ଛ ସାଥୀ, ଜଳ ସାଥୀ, ସ୍ୱଚ୍ଛ କର୍ମୀ, ଝାଡୁଦାର ଆଦି ତୃଣ ମୂଳ ସ୍ତର କର୍ମଚାରୀ ମାନଙ୍କୁ ନେଇ ସ୍ୱଚ୍ଛତା କ୍ଷେତ୍ରରେ ଓ ପରିମଳ କ୍ଷେତ୍ରରେ ସହରକୁ ସରସ ସୁନ୍ଦର କରିବା ପାଇଁ ଗୋଶାଳା ଓ ଶ୍ମଶାନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ । ଖୋରଧା ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଖୋରଧା ପୌରପରିଷଦ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମାନ୍ୟବର ବିଧାୟକ, ଖୋରଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୟୀ ରାଜଗୁରୁଙ୍କ ଅର୍ଦ୍ଧ ବୟବ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରୀ ଜଗନ୍ନାଥ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଦିବସକୁ ଉଦ୍ଘାଟନ କରି ନିଜ ଅଭିଭାଷଣରେ ଖୋରଧା ପୌର ପରିଷଦ କୁ ଶୀର୍ଷରେ ପହଞ୍ଚାଇବା ପାଇଁ ସମସ୍ତ ସହରୀ ଯୋଜନା ଦ୍ରୁତ ରୂପାୟନ କରାଯାଉଛି ବୋଲି ପ୍ରକାଶ କରିଥିଲେ । ଶ୍ରୀଯୁକ୍ତ ଜଗଦେବ କହିଥିଲେ ସ୍ୱପ୍ନରୁ ସଂକଳ୍ପ, ସଙ୍କଳ୍ପରୁ ସିଦ୍ଧି ପ୍ରକାଶ କରି ଏକ ନବ ନିର୍ମାଣର ଯୁଗ, ଦୃଢ ବିକାଶ ପଥେ ଖୋରଧା ପୌର ପରିଷଦ, ସୂଚନା ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ମାନ୍ୟବର ବିଧାୟକ କହିଥିଲେ ୨୦୨୫ ସ୍ୱାୟତ୍ତ ଶାସନ ଦିବସ ରେ ଯାହା ସଂକଳ୍ପ ଥିଲା ତାହା ୨୦୨୬ ସ୍ୱାୟତ୍ତ ଶାସନ ଦିବସରେ ସଂକଳ୍ପ କାର୍ଯ୍ୟକାରୀ ହେଲା ବୋଲି କହିଥିଲେ । ଖୋର୍ଦ୍ଧା ସହରରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଡିଭିଜନ କାର୍ଯ୍ୟାଳୟ ଏବଂ ଗ୍ରାମ୍ୟ ଉନ୍ନୟନ ଡିଭିଜନ କାର୍ଯ୍ୟାଳୟ ଖୋଲି ବିକାଶର ଧାରା ତଥା ଖୋର୍ଦ୍ଧା ସହରକୁ ପରିମଳ ଓ ସ୍ୱେରେଜ୍ କ୍ଷେତ୍ରରେ ଶତ ପ୍ରତିଶତ ସେବା ସହର ବାସୀଙ୍କୁ ଯୋଗାଇଦିଆଯିବ । ସହରରେ ସି ସି କ୍ୟାମେରା ଲାଗିବ, ଅତ୍ୟାଧୁନିକ ସପିଙ୍ଗ ମଲ୍ ନିର୍ମାଣ ଓ ୱାଟକୋ ଡିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାର ଙ୍କୁ ଅନୁମୋଦନ ମଗାଯାଇଛି ବୋଲି ପ୍ରକାଶ କରିଥିଲେ । ଏଣୁ ସମସ୍ତ ସହର ବାସୀ ସରକାରଙ୍କୁ ସହଯୋଗ କଲେ ଅଧିକରୁ ଅଧିକ ସହରର ବିକାଶ ମୂଳକ କାର୍ଯ୍ୟଦ୍ୱାରା ଖୋରଧା ପୌର ପରିଷଦ ୧ ନମ୍ବର ହୋଇ ସାରା ରାଜ୍ୟକୁ ଦିଗ୍ ଦର୍ଶନ ଦେବ ବୋଲି ନିଜ ଉଦବୋଧନରେ ପ୍ରକାଶ କରିଥିଲେ । ସଭାର ସଭାପତି ଅଧ୍ୟକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି କହିଲେ ଯେ ଖୋରଧା ସହର ଭାଇ ଚାରାର ସହର । ଏଣୁ ସମସ୍ତ ସହର ବାସି ଏକାଠି କାର୍ଯ୍ୟ କରି ଖୋରଧା ପୌର ପରିଷଦ କୁ ଗରିମାମୟ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ, ଭୁବନେଶ୍ୱର, ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତିନିଧି ଶ୍ରୀ ଦିଲ୍ଲୀପ କୁମାର ହୋତା ଯୋଗଦେଇ କହିଲେ ନୂତନ ସରକାରଙ୍କ ସମୟରେ ସହରର ରାସ୍ତା ଘାଟ ଉନ୍ନତି, ଡ୍ରେନ ସଫା ଆଲୋକିକରଣ ଆଦି କାର୍ଯ୍ୟ ଦ୍ୱାରା ସହରର କାୟାକଳ୍ପ ପରିବର୍ତ୍ତନ ହେବାକୁ ଯାଉଛି । ଆଗାମୀ ପିଢ଼ି ଖୋରଧାର ବିକାଶର ନବନିର୍ମାଣର ଯୁଗ ଦେଖିବେ । ସେହିପରି ଖୋରଧା ପୌର ପରିଷଦର ନୂତନ କାର୍ଯ୍ୟାଳୟ ତିଆରି କାର୍ଯ୍ୟ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ ପ୍ରକାଶ କରିଥିଲେ । ଶେଷରେ ଖୋରଧା ପୌର ପରିଷଦ, ଉପାଧ୍ୟକ୍ଷ ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ଦିବସ ଅବସରରେ ଉଲ୍ଲେଖନୀୟ ସେବା ପାଇଁ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଜଗଦେବ ବରିଷ୍ଠ ନାଗରିକ ନରସିଂହ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ଆଭାସ କୁମାର ବରାଳ, ଡ଼ଃ ଗୁରୁ ପ୍ରସାଦ ମହାପାତ୍ର, ବିଶିଷ୍ଟ ସାହିତ୍ୟିକା କବିତା ପଟ୍ଟନାୟକ, ବିଶିଷ୍ଟ କବୟିତ୍ରୀ ଶୁଭ୍ରା ଦାସ, ଶ୍ରେଷ୍ଠ ସାମ୍ବାଦିକ ରଞ୍ଜିତ କେ ଏନ ସାମନ୍ତରାୟ, ଦୈନିକ ସକାଳ, ରାଜେଶ କୁମାର ମହାନ୍ତି, ଦୈନିକ ସମାଜ ସମେତ ଶ୍ରେଷ୍ଠ ସମାଜ ସେବା ଅନୁଷ୍ଠାନ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଗୋଡ଼ି ପୋଖରୀ, ଖୋରଧା, ସମାଜ ସେବୀ ନିକୁଞ୍ଜ କୁମାର ପଟ୍ଟାୟକ ଏବଂ ବିଭିନ୍ନ ସେବା କ୍ଷେତ୍ରରେ ଉଲ୍ଲେଖ ନୀୟ ଅବଦାନ ଥିବା ସହରର ୫୪ ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜାତୀୟ ସଙ୍ଗୀତ ବନ୍ଦେ ମାତରଂ ଗାନ କରାଯାଇଥିଲା ଓ ମୁଖ୍ୟମନ୍ତ୍ରୀଙ୍କ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଭୁବନେଶ୍ୱର ଓ ୟୁ ଏ ଟି ରୁ ସିଧା ପ୍ରସାରଣ ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ୱାର୍ଡ କାଉନସିଲର, ପୌର ପରିଷଦ ଅଧିକାରୀ ତଥା କର୍ମଚାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା , ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ, ସମସ୍ତ ୱାର୍ଡର ସୁଧିବୃନ୍ଦ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୁଣି ଉବୁଟୁବୁ ଉତ୍ତର ...

ଗଙ୍ଗାହାର ନଦୀରେ ବି ବନ୍ୟା ପରିସ୍ଥିତି । ଜଳମଗ୍ନ ହୋଇଛି ବାରିପଦା ସହରର ୩ରୁ ଅଧିକ ୱାର୍ଡ, ବେତନଟି ଓ ବଡ଼ସାହିର ୧୭ଟି ଗାଁ ଓ ବାଙ୍ଗିରିପୋଷି ବ୍ଲକ୍ । ବିଚ୍ଛିନ୍ନ ହୋଇଛି ବ୍ୟସ୍ତବହୁଳ ବୈଶିଙ୍ଗା-ମାଣତ୍ରୀ ରାସ୍ତା । ଲୋକଙ୍କୁ ସତର୍କ କରୁଛି ପୁଲିସ ଓ ପ୍ରଶାସନ । ଅସ୍ତିଆ ପୋଲରେ ବି ସତର୍କ ସଂକେତ ଛୁଇଁଛି ପାଣି । ବିଭିନ୍ନ ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ବି ପାଣି ପଶିଛି । ଜରୁରୀସ୍ଥିତି ପାଇଁ ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି । ସେପଟେ ହଳଦିଆ ଡ୍ୟାମ୍‌ର ୩ଟି ଗେଟ୍ ଖୋଲିବା ପରେ ବୁଢ଼ାବଳଙ୍ଗ ଆହୁରି ଫୁଲିପାରେ। ବାଲେଶ୍ୱର ଜିଲ୍ଲାର ଜୀବନଧାରା ସୁବର୍ଣ୍ଣରେଖାରେ ବି ଆସିପାରେ ତୃତୀୟ ବନ୍ୟା । ଅଗଷ୍ଟ ୧୯ରେ ଆସିଥିବା ଦ୍ୱିତୀୟ ବନ୍ୟାର ଜଳ ଭୋଗରାଇ ଓ ବାଲିଆପାଳରୁ ଛାଡ଼ିନଥିବା ବେଳେ, ଲୋକେ ଆକ୍ତାମାକ୍ତା ହୋଇସାରିଲେଣି । ରାସ୍ତା ଉପରେ ୩ ଫୁଟ୍ ପାଣି ଚାଲିବା ଯୋଗୁ ଭୋଗରାଇ ଓ ବାଲିଆପାଳ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଏବଂ ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ୍‌ର ୬ଟି ଗେଟ୍ ଖୋଲିବା ଫଳରେ, ରାଜଘାଟରେ ସତର୍କ ସଂକେତ ଉପରେ ବହୁଛି ପାଣି । ଜଳକା ବି ମଥାନୀ ଠାରେ ବିପଦ ସଂକେତ ଛୁଇଁଛି । ଯାହାକି ବସ୍ତା ଓ ସଦର ବ୍ଲକ୍‌ର କିଛି ପଞ୍ଚାୟତକୁ ପୁଣି ପ୍ରଭାବିତ କରିପାରେ । ଯାଜପୁର ଦଶରଥପୁର ଭାଗ୍ୟରୁ ହଟୁନି ଘାଇ ଦଶା।

### ଜିଲ୍ଲା ଗସ୍ତରେ ୩୦...

ଏଥିରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ-ପିଏମ୍‌ଜେଏୱାଇ, ଅନ୍ତ୍ୟୋଦୟ ଗୃହ ଯୋଜନା, ପାଇପ୍ ଜଳ ଯୋଗାଣ, ସେତୁ ବନ୍ଧନ ଯୋଜନା ଓ ସୁଭଦ୍ରା ଯୋଜନା ରହିଛି । ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପିଏମ୍ ଶ୍ରୀ, ପୋଷଣ ଅଭିଯାନ, ଆଇସିଡିଏସ୍, ପିଏମ୍ ଜନମନ, ମଧୁବାବୁ ପେନ୍‌ସନ ଯୋଜନା, ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଭଳି ଯୋଜନାର ମଧ୍ୟ ସମୀକ୍ଷା କରାଯିବ । ନିର୍ଦ୍ଦେଶ ଅନୁଯାୟୀ, ଅଧିକାରୀମାନେ ଆବଣ୍ଟିତ ଜିଲ୍ଲାକୁ ପ୍ରତି ୩ ମାସରେ ଅତି କମରେ ଥରେ ଗସ୍ତ କରିବେ । ପ୍ରତ୍ୟେକ ଗସ୍ତର ଅବଧି ଅତି କମରେ ଦୁଇ ଦିନ ରହିବ । ଗସ୍ତ ଶେଷ ହେବା ପରେ ଅଧିକାରୀମାନେ ନିଜ ଅନୁଧ୍ୟାନ ଓ ତଦାରଖ ସମ୍ପର୍କିତ ରିପୋର୍ଟ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଦାଖଲ କରିବେ ।

### ନିଟ୍ ବିବାଦ: ଆନ୍ଦୋଳନ ...


ନିଟ୍ ବିବାଦରେ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗରେ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ସହ ଆଲୋଚନା କରି ସାରା ଦେଶ ପାଇଁ ଏକ ସମାନ କ୍ଷତିପୂରଣ ବ୍ୟବସ୍ଥା କରିବାକୁ କୁହାଯାଇଛି । ନିଟ୍-୨୦୨୬ର ଚାପ ଯୋଗୁଁ ଆତ୍ମହତ୍ୟା ଘଟଣାରେ ପ୍ରଭାବିତ ପରିବାରକୁ ୩ ମାସ ମଧ୍ୟରେ କ୍ଷତିପୂରଣ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ବିଭାଗୀୟ ଅଧିକାରୀ ସହ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବସ୍ତା ବିଧାୟିକା ସୁବାସିନୀ ଜେନା



ବାଲିଆପାଳ , ୧/୯ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଅଧିନସ୍ଥ ରାମନଗର-ରସଲପୁର ଗ୍ରାମର ୧୯, ୨୦ ଓ ୨୧ ନଂ ୱାର୍ଡର ବନ୍ୟା ପ୍ରଭାବିତ ଅଞ୍ଚଳ ସୋମବାର ବିଭାଗୀୟ ଅଧିକାରୀଙ୍କ ପରିଦର୍ଶନ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା । ସୁବର୍ଣ୍ଣରେଖା ନଦୀର ବନ୍ୟା ଯୋଗୁଁ ରାମନଗର-ରସଲପୁର ବିଶେଷ ଭାବେ ପ୍ରଭାବିତ ହୋଇଥିବା ବେଳେ ବିଧାୟିକା ଶ୍ରୀମତୀ ଜେନା ପହଞ୍ଚି ବିପନ୍ନଙ୍କ ଦୁଃଖ ବୁଝିଥିଲେ । ବନ୍ୟା ଯୋଗୁଁ ଗ୍ରାମରେ ଉପୁଜିଥିବା ପିଇବା ପାଣିର ସମସ୍ୟା,ଚାଷ ଜମିରେ ଜଳ ନିଷ୍କାସନ ଆଦି ବିଭିନ୍ନ ସମସ୍ୟା ବାବଦରେ ସ୍ଥାନୀୟ ଜନସାଧାରଣଙ୍କଠାରୁ ଅବଗତ ହୋଇ ତାହାର ସ୍ଥାୟୀ ସମାଧାନ ନିମନ୍ତେ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଯେତେ ଶୀଘ୍ର ସମ୍ଭବ କାମ ଆରମ୍ଭ କରିବାକୁ ବିଧାୟିକା ଶ୍ରୀମତୀ ଜେନା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାଶ , ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ବାଲିଆପାଳ ଆଇ ଆଇ ସି ସାଲଖାନ ମୁର୍ମୁ, ଭୋଗରାଇ ଜେଇ, ଜାମକୁଣ୍ଡା ଆର ଆଇ,ପିଇଓ,ଏଡ଼ିଓ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ କ୍ଷବିଧାୟିକାଙ୍କ ସହ ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ମନ୍ମଥ ଗିରି, ଯୁବ ନେତା ସରୋଜ ଦାସ, ତପନ ଦେ, ନାରୀନେତ୍ରୀ ଲିଲିମା ସାସମଲ, ଦୁର୍ଜୟ ନାୟକ, ପରେଶ ବେହେରା, ସନ୍ତୋଷ ବେହେରା, ଭାରତ ଭୂଷଣ ପଣ୍ଡା ପ୍ରମୁଖ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ।

# ଉଦଳାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ: ପୋଲିସ ଅଫିସରଙ୍କ କବିତା ଆବୃତ୍ତି ପାଲଟିଲା ମୁଖ୍ୟ ଆକର୍ଷଣ



ଉଦଳା , ୧/୯ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ-୨୦୨୬ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏଠାରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ଓ ନଗରପାଳ ପ୍ରମିଳା ପଣ୍ଡା ମିଳିତ ଭାବରେ ଦିବସ ବ୍ୟାପି ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ପ୍ରଭାତରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ସହର ପରିକ୍ରମା କରିଥିଲା । ପରେ ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତୋଳନ ଏବଂ ଫଳ ଓ ମିଷ୍ଟାନ୍ନ ବଂଟନର ପର୍ବ ଆରମ୍ଭ ହୋଇଥିଲା । ଦିନ ୧୦ ଘଟିକା ସମୟରେ ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରାଯାଇଥିଲା । ଏହାପରେ କଲ୍ୟାଣ ମଣ୍ଡପ ପରିସରରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ପରେ 'ବନ୍ଦେ ମାତରମ' ସଂଗୀତ ପରିବେଷିତ ହୋଇଥିଲା । ପରେ ବିଧାୟକ ତାଙ୍କର ବକ୍ତବ୍ୟରେ ଉଦଳା ସହର ବିକାଶ ପାଇଁ କାଉନସିଲ ବଡ଼ି ଯେଉଁଭଳି ଉଦ୍ୟମ ଜାରି ରଖିଛି ଏହାକୁ ଭୂୟସୀ ପ୍ରଶଂସା କରିଥିଲେ । ନଗରପାଳ ପ୍ରମିଳା ପଣ୍ଡା ଏଥିରେ ଅଧ୍ୟକ୍ଷତା କରି ବିଗତ ଦିନରେ ଆମେ ସମସ୍ତେ ମିଳିମିଶି କିପରି ସୁବର୍ଣ୍ଣ ଜୟନ୍ତି ଉତ୍ସବ ବେଶ ଧୁମ ଧାମରେ ପାଳନ କରିଥିଲୁ ଓ ପ୍ରଥମ ଥର ପାଇଁ ଏକ ସ୍ମରଣିକା ପ୍ରକାଶନ କରିପାରିଥିଲୁ, ଯାହାର ପ୍ରଶଂସା ବିଭିନ୍ନ ମହଲରେ ଆଜିବି ଶୁଣିବାକୁ ମିଳୁଛି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ବିବରଣି ପାଠ କରିଥିଲେ । ପରେ ଉପଖଣ୍ଡ ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସାହିତ୍ୟିକ ଠାଣିରେ କବିତା ଆବୃତି ମାଧ୍ୟମରେ ଯେଉଁଭଳି ନିଜର ବକ୍ତବ୍ୟକୁ ତୋଳି ଧରିଥିଲେ ଏହା ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥିଲା । ଜଣେ ପୋଲିସ ଅଧିକାରୀଙ୍କର ଏପରି ସାହିତ୍ୟିକ ଠାଣି ସମସ୍ତଙ୍କୁ ମୁଗ୍ଧ କରିବା ସହ ଚର୍ଚ୍ଚାର ପରିସରକୁ ଆସିଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପର ପ୍ରଶାସକ ଆଶିଷ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କର, ତହସିଲଦାର ସୁପ୍ରଭା ଦାସ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗଦେଇ ଉଦଳା ସହରକୁ ସବୁଦିଗରୁ ଆଗକୁ ନେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହାପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ କେତେଜଣ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଛ ଅର୍ପଣ ପୂର୍ବକ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । କାଉନସିଲର ଶରତ ଚନ୍ଦ୍ର ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପନଗରପାଳ ଲିଲି ଭୋଳ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଆଜିର ଏହି ଉତ୍ସବକୁ ସଫଳ କରିବାରେ ସମସ୍ତ କାଉନସିଲର ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

## ମଲ୍‌ରେ ଫୁଡସେଫ୍ଟି ବିଭାଗର ଚଢାଉ

ଭୁବନେଶ୍ୱର, ୧/୯ (ନି.ପ୍ର): ଜୟଦେବ ବିହାର ସ୍ଥିତ ପାଲ ହାଇଟ ମଲ୍ ଭିତରେ ଥିବା ବର୍ଗର କିଙ୍ଗରେ ଚଢାଉ କରାଯାଇଛି । କେଏଫସିରୁ ମିଳିଲା ୬ କେଜିର ବାସି ଫ୍ରୋଜେନ ନନଭେଜ । ୩ ଟି ଟିମ୍ ଏକା ସାଙ୍ଗରେ ଯାଞ୍ଚ ଓ ଚଢାଉ କରିଛନ୍ତି । ରାଜଧାନୀର ଫ୍ରୋଜେନ୍ ଫୁଡ୍ ବିକ୍ରି ହେଉଥିବା ସ୍ଥାନରେ ହେଉଛି ଚେକିଂ । ଫୁଡ୍ ସେଫ୍ଟି ଅଫିସର ସତ୍ୟଜିତ୍ ପଟେଲଙ୍କ ନେତୃତ୍ୱରେ ଯାଞ୍ଚ କରୁଛି ଟିମ ।

# ଦ୍ୱାରଶୁଣୀ ଘାଟି ରାସ୍ତା କଟକଣା ଅବଧି ବୃଦ୍ଧି

## ସେପ୍ଟେମ୍ବର ୩୦ ଯାଏଁ ୫ ଘଣ୍ଟା ବନ୍ଦ ରହିବ

### ପ୍ରତ୍ୟେକ ସପ୍ତାହରେ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ୧୧ରୁ ୪ଟା ଯାଏଁ ଯାତାୟତ ବନ୍ଦ ରହିବ

ବାରିପଦା, ୧/୯ (ନି.ପ୍ର): ଦ୍ୱାରଶୁଣୀ ଘାଟି ମଧ୍ୟ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଅବଧିକୁ ଚଳିତ ମାସ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୁପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ ବୁଧବାରରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଯାନବାହାନ(ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀ ମାନେ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ । ଏହାସହ ଘାଟୀ ଆଖପାଖରେ ଗାଇଛେଳି ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି । ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ । କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟତ ପାଇଁ ଛଡାଯିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବିଶୋଇ-ଅର୍ଗଲବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ । ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୋଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଇଛି ।

# ବାରିପଦା ଏବିଇଓ ତପସ୍ୱିନୀ ଦାଶଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




ବାରିପଦା, ୧/୯ (ନି.ପ୍ର): ବାରିପଦା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ତପସ୍ୱିନୀ ଦାଶ ଦୀର୍ଘ ୩୯ ବର୍ଷ ଧରି ସରକାରୀ ଚାକିରୀ କରି ଅବସର ଗ୍ରହଣ କଲେ। ବାଙ୍ଗିରପୋଷି ବ୍ଲକରୁ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି ବାରିପଦା ବ୍ଲକରେ ବିଆରସିସି ଓ ପରେ ପରେ ଏବିଇଓ ଭାବରେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରି ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଥିଲେ ଓ ବାରିପଦା ବ୍ଲକର ପ୍ରାଥମିକ ଶିକ୍ଷକ ସଙ୍ଘ, ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ସିଆରସିସି ଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆରତୀ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ଓ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ଅନୁଜା ମାଧୁରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନ୍ୟତମ ଏବିଇଓ ସୁକୁମାର ରାଉତ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୁଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ପେଡାଗୋଜି ସଂଯୋଜିକା ଶୈଳ୍ବାଳା ବେହେରା, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ପ୍ରମୁଖ ଯୋଗ ଦେଇ ତପସ୍ୱିନୀ ଦାଶଙ୍କ କର୍ମପରାୟଣତା, ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ଦାଶ ମଧ୍ୟ ନିଜ କର୍ମମୟ ଜୀବନ ମଧ୍ୟରେ ବିଭିନ୍ନ ଅନୁଭୂତି ବର୍ଣ୍ଣନା କରି ସମସ୍ତଙ୍କ ସହଯୋଗ ଲାଗି ସମସ୍ତେ ମନେ ରହିବେ ବୋଲି ଭାବୁକ ହୋଇ କହିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅନୁଜା ମାଧୁରୀ ଦାସ ବାରିପଦାରେ ୬ ମାସ ତଳେ ଯୋଗଦେବା ପରେ ବିଆରସିସି ତପସ୍ୱିନୀ ଦାଶଙ୍କ କାର୍ଯ୍ୟଶୈଳୀ ତାଙ୍କୁ ବେଶ ପ୍ରଭାବିତ କରିଛି ବୋଲି ପ୍ରକାଶ କରିଥିଲେ ଓ ବାରିପଦା ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ପ୍ରଦୀପ କୁମାର ନାଥ, ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ଉପଦେଷ୍ଟା ସୋମନାଥ ସିଂହ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ସମେତ ସୌମ୍ୟ ଦାଶ, ଶୁଭେନ୍ଦୁ ବେହେରା, ଧନପତି ମିଶ୍ର, ସୁବୋଧ କୁମାର ଦାସ, ଗୌର ଗୋପାଳ ଲେଙ୍କା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ଅସୀମ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ସ୍ମୃତି ମନେ ପକାଇବା ସହ ଅବସର ପରବର୍ତ୍ତୀ ଜୀବନ ସୁଖମୟ ହେଉବୋଲି କାମନା କରିଥିଲେ। ଶ୍ରୀମତୀ ଦାଶ ଜଣେ ଛାତ୍ରବତ୍ସଳ, ମିଷ୍ଟଭାଷୀ, ପ୍ରେରଣାଦାୟୀ, ସମୟାନୁବର୍ତ୍ତୀ, କର୍ମଯୋଗୀ ମହିଳା ଭାବେ ସମସ୍ତଙ୍କୁ ଆପଣାର କରିପାରିଥିଲେ ବୋଲି ସିଆରସିସି ସୁଶୀଲ କୁମାର ପଣ୍ଡା ପ୍ରକାଶ କରିଥିଲେ ଓ ଶେଷରେ ତାଙ୍କୁ ଉପଢୌକନ ଓ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ଖଣ୍ଡତଡ଼ା ବିଦ୍ୟାଳୟରେ ଅବସରକାଳୀନ ସଭାରେ ସାଂସଦ ଓ ମନ୍ତ୍ରୀ ମହୋଦୟ

ଭଦ୍ରକ, ୧/୯ (ନି.ପ୍ର): ଖଣ୍ଡତଡ଼ା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପାର୍ଥସାରଥୀ ଦାଶଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟକାନ୍ତ ମହାରଣାଙ୍କର ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ଭଦ୍ରକର ସାଂସଦ ଅଭିମନ୍ୟୁ ସେଠୀ ଉଦ୍ଘାଟକ ରୂପେ ଯୋଗ ଦେଇ ଅବସର ଗ୍ରହଣ କରୁଥିବା ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍ବୋଧନ ଦେଇଥିଲେ । ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ପୂର୍ବତନ ଗୁରୁଜୀ ତଥା ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କଲେ ଯେ, ଗୁରୁଜୀଙ୍କ ବୃତ୍ତିଗତ ଜୀବନ ଆଜି କାଗଜ କଲମରେ ସରିଲେ ମଧ୍ୟ ତାଙ୍କ କର୍ମମୟ ଜୀବନ କେବେ ଶେଷ ହେବନାହିଁ ଏବଂ ସେ ଆଜି ରିଟାୟଡ ହେଲେ ମଧ୍ୟ ଟାୟାଡ଼ ନୁହନ୍ତି । ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲ୍ଲା ସଭାପତି ବିମ୍ବାଧର ସେନାପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିକ୍ଷକଙ୍କର ଅବସର ଜୀବନ ସୁଖମୟ ହେଉ ବୋଲି ଶୁଭକାମନା ଜଣାଇଥିଲେ ଏବଂ ଉକ୍ତ ସଂଘଠନର ଜିଲ୍ଲା ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ, ଭଦ୍ରକର ବିଧାୟକ ସୀତାଂଶୁ ଶେଖର ମହାପାତ୍ର ତାଙ୍କ ପ୍ରାକ୍ତନ ଗୁରୁଜୀ ତଥା ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ପ୍ରେରିତ ବାର୍ତ୍ତା ପାଠ କରିଥିଲେ । ଏହି ସଭାରେ ସମାଜସେବୀ ସୁଧାକର ରାଉତ, ସଚ୍ଚିଦାନନ୍ଦ ମହାନ୍ତି, ରାମନାରାୟଣ ମହାନ୍ତି ଓ ଜଗବନ୍ଧୁ ପଣ୍ଡା ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ସହକାରୀ ଶିକ୍ଷକ ବଂଶୀଧର ଖୁଣ୍ଟିଆ, ଭଦ୍ରକର ଏବିଓ ଭଗବାନ ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ବାରିକ, ସି.ଆର.ସି ସୁଭଦ୍ରା ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ଚରିତ୍ର ଓ ଶିକ୍ଷକତା ଜୀବନ ଉପରେ ଆଲୋକପାତ କରିଥିଲେ । ଖଣ୍ଡତଡ଼ା ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସୁବାସଚନ୍ଦ୍ର ପରିଡ଼ା, ବୁଦ୍ଧିରାମ ଶତପଥି, ବିଜୟ କୁମାର ନାୟକ, ପ୍ରଶାନ୍ତ କୁମାର ଦାସ, ଗୋପାଳଚନ୍ଦ୍ର ସାହୁ, ତରୁଲତା ନାୟକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଉଚ୍ଚ ବିଦ୍ୟାଳୟର ପରିଚ୍ଛଳନା କମିଟିର ସଭାପତି ନିମାଇଁ ଚରଣ ନାୟକ, ସରକାରୀ ଉଚ୍ଚ ପ୍ରାଥମିକ ପରିଚ୍ଛଳନା କମିଟିର ସଭାପତି ପ୍ରଦୀପ ପଣ୍ଡା, ଶିକ୍ଷୟିତ୍ରୀ ଜାକିଆ ସୁଲତାନା, ବନ୍ଦନା ମହାନ୍ତି, କାଦମ୍ବିନୀ ଖିଲାର, ଅସ୍ପରା ବେଗମ, ଜ୍ୟୋର୍ତିମୟୀ ପଣ୍ଡା ସଭା ପରିଚ୍ଛଳନାରେ ସହାୟତା କରିଥିଲେ । ଉପସ୍ଥିତ ଥିବା ଅତିଥି, ଗ୍ରାମବାସୀ ଓ ପୂର୍ବତନ ଛାତ୍ରଛାତ୍ରୀମାନେ ପ୍ରିୟ ଶିକ୍ଷକଙ୍କ ପାଇଁ ସୁଖମୟ ଭବିଷ୍ୟତ କାମନା କରିଥିଲେ । ଶେଷରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ପତି ଧନ୍ୟବାଦ ଅର୍ପଣ କରିଥିଲେ ।

ବୁଧବାର, ସେପ୍ଟେମ୍ବର ୦୨, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଶ୍ୟାମାମଣି ଦେବୀ ପାଇଲେ ପ୍ରଥମ ପ୍ରଣବ ସ୍ମୃତି ସମ୍ମାନ

ଭୁବନେଶ୍ୱର , ୧/୯ (ନି.ପ୍ର): ବିଧାୟକ ବାବୁ ସିଂ ଙ୍କ ଆବାହକତ୍ୱରେ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କ ଏକ ଶ୍ରଦ୍ଧାଞ୍ଜଳି ସଭା ଶେଷ ଶ୍ରାବଣର ମାଝୀ ଗୁରୁ କେଳୁଚରଣ ଓଡିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଶ୍ୟାମାମଣୀ ଦେବିଙ୍କୁ ପ୍ରଥମ ପ୍ରଣବ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ରାଜ୍ୟ ସଂସ୍କୃତି ମନ୍ତ୍ରୀ ମାନ୍ୟବର ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରବାଦ ପୁରୁଷ ପ୍ରଣବ ପଟ୍ଟନାୟକ ଙ୍କ କଣ୍ଠ ସଂଗୀତର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟାନ୍ୟଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ନେତା ଜଗନ୍ନାଥ ପ୍ରଧାନ, ଗାୟିକା ତୃପ୍ତି ଦାସ, ଡ. ଇତି ସାମନ୍ତ, ଗାୟକ ଲକ୍ଷ୍ମୀକାନ୍ତ ପାଲିତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଡ. ଶ୍ରୀନିବାଶ ଘଟୁଆରୀ ଓ ଅତୀଶ ମହାନ୍ତି ସଭା ପରିଚାଳନା କରିଥିଲେ। କଣ୍ଠଶିଳ୍ପୀମାନେ ପ୍ରଣବ ପଟ୍ଟନାୟକଙ୍କ ଲୋକପ୍ରିୟ କଣ୍ଠସଂଗୀତ ପରିବେଷଣ କରିଥିଲେ । ସିନେ ଗବେଷକ ସୂର୍ଯ୍ୟ ଦେଓ ଙ୍କ ପ୍ରସ୍ତୁତ ଏକ ବୃତ୍ତ ଚିତ୍ର ଗୀତ ନଇ ର ମାଝୀ ପରିବେଷିତ ହୋଇଥିଲା.ଏହି ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଆ କଳାଜଗତର ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ବିଧାୟକ ବାବୁସିଂ ଧନ୍ୟବାଦ ଅର୍ପଣ କରିଥିଲେ।



## ପାରାଦୀପ ବନ୍ଦରର ଅଧକ୍ଷ ଭାବେ ସୁଶାନ୍ତ କୁମାର ପୁରୋହିତଙ୍କ ଦାୟିତ୍ୱ ଗ୍ରହଣ



ପାରାଦୀପ, ୧/୯ (ନି.ପ୍ର): ପାରାଦୀପ ବନ୍ଦରର ଅଧକ୍ଷ ଭାବେ ୧୯୯୬ ବ୍ୟାଚ୍‌ର ଆଇଆରଏସଇଇ ଅଧିକାରୀ ସୁଶାନ୍ତ କୁମାର ପୁରୋହିତ ମଙ୍ଗଳବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଭି.ଓ. ଚିଦାମ୍ବରମ୍ ଅଧକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ପୁରୋହିତ ପାରାଦୀପ ବନ୍ଦରର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବାକୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ପକ୍ଷରୁ ନିଯୁକ୍ତ ପ୍ରଦାନ କରାଯାଇଛି । ଭାରତୀୟ ରେଳ ବୈଦ୍ୟୁତି ଯନ୍ତ୍ରୀ (ଆଇଆରଏସଇଇ) ଶ୍ରୀ ପୁରୋହିତ ପ୍ରଶାସକ, ଯନ୍ତ୍ରୀ ଓ ଭିତିଭୂମି ବିକାଶ କ୍ଷେତ୍ରରେ ବିପୁଳ ଅଭିଜ୍ଞତା ରହିଛି । ଏହା ପୂର୍ବରୁ ଶ୍ରୀ ପୁରୋହିତ ଭାରତ ସରକାରଙ୍କ କେମିକାଲ, ପେଟ୍ରୋକେମିକାଲ ବିଭାଗରେ ଯୁଗ୍ମ ସଚୀବ ଭାବେ କାର୍ଯ୍ୟ କରିବା ସହିତ ଭାରତୀୟ ରେଳବାଇ, ଓଡିଶା ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହି ଭଳି ବିଭିନ୍ନ ବିଭାଗରେ ଦକ୍ଷତାର ସହିତ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଥିବା ଶ୍ରୀ ପୁରୋହିତଙ୍କ ନେତୃତ୍ୱରେ ପାରାଦୀପ ବନ୍ଦର ଅଧକ୍ଷ ଦାୟିତ୍ୱ ସହିତ ଭି.ଓ. ଚିଦାମ୍ବରମ୍ ଅଧକ୍ଷ ଭାବେ କାର୍ଯ୍ୟ କରିବେ । ଏହି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପରେ ପାରାଦୀପ ବନ୍ଦରକୁ ଅଧିକ ଶକ୍ତିଶାଳୀ କରିବା ସହିତ ଯୋଗାଯୋଗ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେବେ । ପାରାଦୀପ ବନ୍ଦର ଶ୍ରୀ ପୁରୋହିତଙ୍କ ଅଭିଜ୍ଞତା, ଅନୁଭୂତିକୁ ପାଥେୟ କରି ଭାରତୀୟ ନୌବାଣିଜ୍ୟର ବିକାଶ ସହିତ ବିକଶିତ ଭାରତ କାର୍ଯ୍ୟକ୍ରମରେ ସହାୟକ ହେବ । ପାରାଦୀପ ବନ୍ଦର ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଶାସନିକ ଭବନରେ ସିଆଇଏସଏଫ ପକ୍ଷରୁ ଗାଡ୍ ଅଫ ଅନର ପ୍ରଦାନ କରାଯାଇଥିଲା । ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମ୍ ପରିସରରେ ବନ୍ଦର ଉପାଧକ୍ଷ ଟି.ଭେନୁ ଗୋପାଲ, ସଚୀବ ବାପି କ୍ରୀଷ୍ଣା ରାଜୁଙ୍କ ସମେତ ବିଭାଗୀୟ ମୁଖ୍ୟ ଏବଂ ଅଧିକାରୀମାନେ ଶ୍ରୀ ପୁରୋହିତଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ।

## ବୁଢାବଳଙ୍ଗରେ ଏ ବର୍ଷର ତୃତୀୟ ବନ୍ୟା : ବ୍ୟାପକ କ୍ଷୟକ୍ଷତି ଜିଲ୍ଲାପାଳଙ୍କ ସମୀକ୍ଷା



ବୈଶିଙ୍ଗା, ୧/୯ (ନି.ପ୍ର): ରବିବାର ସନ୍ଧ୍ୟା ଓ ସୋମବାରର ଲଗାତାର ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ପରିସ୍ଥିତି ଗୁରୁତର ହୋଇପଡ଼ିଛି । ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ତଥା ଉପରମୁଣ୍ଡରେ ଅତ୍ୟଧିକ ବର୍ଷା ପାଇଁ ବିଭିନ୍ନ ନଦୀରେ ବନ୍ୟା ଦେଖାଦେଇଛି । ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଛିନ୍ନ ହୋଇଥିବା ବେଳେ ପ୍ରଭାବିତ ବ୍ଲକ ଯଥା ସରସକଣା, ବାଙ୍ଗିରିପୋଷି, ବିଶୋଇ, କୁଲିଅଣା, ବଡ଼ସାହି ଏବଂ ବେତନଟି ବ୍ଲକ୍ ର ସବୁ ସ୍କୁଲ୍ ବନ୍ଦ ରହିବା ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ପାଇଁ ବିଦ୍ୟାର୍ଥୀଙ୍କ ଛୁଟି ଘୋଷଣା ହୋଇଛି । ପାଣିପାଗ ରେଡ ଓ୍ୱାର୍ଣ୍ଣିଂ ପାଇଁ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇଥିବା ବେଳେ ଆଜି ଅରେଞ୍ଜ ଓ୍ୱାର୍ଣ୍ଣିଂ ରହିଛି । ତେବେ ଛାତ୍ରଛାତ୍ରୀଙ୍କ ପାଇଁ ଛୁଟି ଥିଲେ ମଧ୍ୟ ସମସ୍ତ ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବାଧ୍ୟତାମୂଳକ ଭାବେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ପ୍ରଶାସନ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି । ଗତ ସୋମବାର ଲଗାଣ ବର୍ଷାରେ ଫୁଲି ଉଠିଛି ବୁଢ଼ାବଳଙ୍ଗ । ଉପରମୁଣ୍ଡରେ ପ୍ରବଳ ବର୍ଷା ପରେ ଦ୍ରୁତଗତିରେ ବଢ଼ିଛି ବିଭିନ୍ନ ନଦୀର ଜଳସ୍ତର । ବଡ଼ସାହି ବ୍ଲକର ବେଲପାଳ ଓ ନାଖରା ରାସ୍ତା ଦେଇ ଗମନାଗମନ ବିଚ୍ଛିନ୍ନ ହୋଇଛି । ବନ୍ୟାଜଳର ତୃତୀୟ ପ୍ରଭାବ ଓ ବଡ଼ବନ୍ୟାର ଆଶଙ୍କାରେ ନଦୀକୂଳିଆ ଅଞ୍ଚଳବାସୀ ଭୟଭୀତ ରହିଛନ୍ତି ।ବେତନଟୀ ବ୍ଲକର ନାଖରା, ପାଟଳିପୁରା, ଶାଳଗାଁ, ଦାରିହା, କାଠପାଳ, ସିଂଲାମୁଣ୍ଡଳି ଭଳି ବିଭିନ୍ନ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଛି । ମଙ୍ଗଳବାର ଅପରାହ୍ନ ସୁଦ୍ଧା ନାଖରା ପୋଲ ଉପରେ ଦୁଇ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଥିବା ଯୋଗୁଁ ବୈଶିଙ୍ଗା - ମାଣତ୍ରୀ ଯୋଗା ଯୋଗ ବିଛିନ୍ନ ରହିଛି । ଆଜି ରାତି ସୁଦ୍ଧା ବନ୍ୟାର ପ୍ରକୋପ ବୃଦ୍ଧି ପାଇବ ବୋଲି କୁହାଯାଇଛି । କେବଳ ବୁଢ଼ାବଳଙ୍ଗ ନୁହେଁ, ଗଙ୍ଗାହାର ନଦୀର ଜଳସ୍ତର ମଧ୍ୟ ଦ୍ରୁତଗତିରେ ବଢୁଥିବା ଜଣାପଡିଛି । ଲଗାତର ବନ୍ୟା ଜଳ ଯୋଗୁଁ ନଦୀ ପାର୍ଶ୍ୱବର୍ତ୍ତୀ ଚାଷଜମିରେ ବନ୍ୟାଜଳ ପଶିବା ଆରମ୍ଭ କରିଥିବାରୁ ଚାଷୀଙ୍କ କ୍ଷତିକୁ ବ୍ୟାପକ କରିଦେଇଛି । ସୋମବାର ରାତିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀକୂଳ ଗ୍ରାମଗୁଡିକ ନଜର ରଖାଯାଇଛି ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି । ମୟୂରଭଞ୍ଜ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ରହି ବନ୍ୟା ସ୍ଥିତିକୁ ନଜର ରଖିଛନ୍ତି । ପୂର୍ବ ବା ଗତ କିଛିଦିନ ଆଗର ବନ୍ୟା ଓ ଚଳିତ ବନ୍ୟାପାଣି ଫଳରେ ବିପଦସଂକୁଳ ଅବସ୍ଥାରେ ଥିବା ନାଖରା ସେତୁ ଉପରେ ଭାରୀ ଯାନବାହନ ଚଳାଚଳ ବନ୍ଦକରିବା ସହ ପୋଲ ଉପରେ ଛିଡା ହୋଇ ବନ୍ୟା ଦେଖିବା ଲୋକଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ସେତୁର ଦୁଇ ପାର୍ଶ୍ୱରେ ପୁଲିସ ମୁତୟନ କରାଯାଇଛି । ମାଟିକାନ୍ଥ ଘରେ କେହି ନ ରହିବାକୁ ନିର୍ଦ୍ଦେଶ ରହିଛି । ବେତନଟୀ ବ୍ଲକର ଅତିରିକ୍ତ ବିଡିଓ, ଅତିରିକ୍ତ ତହସିଲଦାର, ସିଡିପିଓ, ଗ୍ରାମ ପଞ୍ଚାୟତ ଅଧିକାରୀ, ବ୍ଲକ ମଙ୍ଗଳ ଅଧିକାରୀ ସମେତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ବେଲାଣପୁରା ବାତ୍ୟା ଆଶ୍ରୟ ସ୍ଥଳୀରେ ରହି ସ୍ଥିତି ସମୀକ୍ଷା କରିବା ସହିତ ବନ୍ୟା ପୀଡିତଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରୁଛନ୍ତି ।

## ମହିଳାଙ୍କୁ ବନ୍ଧୁକ ଦେଖାଇ ଲୁଟିଲେ ଲୁଟେରା: ମହିଳାଙ୍କ ପ୍ରତି ଆକ୍ରମଣରେ ଲୁଟେରାଙ୍କ ଭାଙ୍ଗିଲା ବନ୍ଧୁକ

ନୀଳଗିରି, ୧/୯ (ନି.ପ୍ର): ଜଙ୍ଗଲ ରାସ୍ତାରେ ବନ୍ଧୁକଦେଖାଇ ଜଣେ ଆଦିବାସୀ ମହିଳାଙ୍କୁ ୩ଜଣ ଡକାୟତ ଲୁଟିଥିବା ବେଳେ ମହିଳାଜଣକ ନିଜେ ସାହାସର ସହ ହାତରେ ଧରିଥିବା ଛତାରେ ପାଲଟା ଆକ୍ରମଣକରି ଲୁଟେରାଙ୍କ ବନ୍ଧୁକ ଭାଙ୍ଗିଦେବାରୁ ନିଜ ଜୀବନ ବଞ୍ଚିଯାଇଛି ।ଏପରି ଏକ ଘଟଣା ଦେଖିବାକୁ ମିଳିଛି ଶେରଗଡ ଝରଣଘାଟୀ ୧୯ ନଂ ରାଜ୍ୟ ରାଜପଥର ଦେବ୍‌ଯାନୀ ଛକ ନିକଟରେ ।ସୂଚନା ମୁତାବକ ଆମ୍ବଝର ଗ୍ରାମର ମୁନୀ ସିଂ(୪୦) ସକାଳେ ପିଲାଙ୍କ ଲୁଗାପଟା କିଣିବାକୁ ନୀଳଗିରି ଆସିଥିଲେ। ଅପରାହ୍ନ ସମୟରେ ବସ୍ ଯୋଗେ ଆସି ଦେବ୍‌ଯାନୀ ଛକରେ ଓହ୍ଲାଇଥିଲେ। ସେଠାରୁ ସେ ଚାଲିଚାଲି ଘର ଅଭିମୁଖେ ଯାଉଥିବା ସମୟରେ ଏକ ବାଇକରେ ତିନିଜଣ ଯୁବକ ଆସି ମୁନୀଙ୍କୁ ଖଣ୍ଡା ଓ ବନ୍ଧୁକ ଦେଖାଇ ଟଙ୍କାଦେବା ପାଇଁ କହିଥିଲେ। ହେଲେ ସେ ଟଙ୍କା ନଦେବାରୁ ତାଙ୍କୁ ମାଡ ମାରିବା ସହ ତାଙ୍କ ମୋବାଇଲ, ୨ ହଜାର ଟଙ୍କା ଓ ବ୍ୟାଙ୍କ ପାସ୍ ବହି ଲୁଟି ନେଇଥିଲେ। ମୁନୀ ମଧ୍ୟ ଲୁଟେରାଙ୍କ ସହ ୧୫ ମିନିଟ ପର୍ଯ୍ୟନ୍ତ ଧସ୍ତାଧସ୍ତି କରିଥିଲେ। ଏମିତିକି ହାତରେ ଧରିଥିବା ଛତାରେ ପିଟି ବନ୍ଧୁକର ଏକ ଅଂଶକୁ ଭାଙ୍ଗିବା ସହ ସେମାନଙ୍କ କବଳରୁ ନିଜକୁ ବଞ୍ଚାଇଥିଲେ। ଖବରପାଇ ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଙ୍ଗଲ ରାସ୍ତା ହେଉଥିବା କାରଣରୁ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ସହ ୨୪ ଘଣ୍ଟିଆ ପୋଲିସ ମୁତୟନ ପାଇଁ ଦାବୀ କରିଛନ୍ତି ମୁନି ସିଂ ।ଏ ନେଇ ବରହମପୁର ଭାରପ୍ରାପ୍ତ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କୁ ପଚାରିବାରୁ ଏହା ଏକ ବନ୍ଧୁକ ସଦୃଶ ଲାଇଟର ଅଂଶ ତଦନ୍ତ ଜାରି ରହିଛି ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।



## ଆଜି ଶ୍ରୀମନ୍ଦିରରେ ସାଢେ ୪ ଘଂଟା ବନ୍ଦ ରହିବ ସାଧାରଣ ଦର୍ଶନ

ଭୁବନେଶ୍ୱର, ୧/୯ (ନି.ପ୍ର): ଆସନ୍ତା କାଲି ବୁଧବାର ଭାଦ୍ରବ କୃଷ୍ଣ ପଂଚମୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ରାହୁ ରେଖାଲାଗି ନୀତି ଅନୁଷ୍ଠିତ ହେବ।

ଏଣୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆପାତତଃ ଅପରାହ୍ନ ଘ.୨.୩୦ ଟିକା ଠାରୁ ସନ୍ଧ୍ୟା ଘ.୭.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ଇଫକୋ ଓ କୋରଡେଟ୍ ପାରାଦୀପ ପକ୍ଷରୁ ଦିନିକିଆ କୃଷକ ପ୍ରଶିକ୍ଷଣ ଶିବିର



ପାରାଦୀପ, ୧/୯ (ନି.ପ୍ର): ପାରାଦୀପଠାରେ ଥିବା ବିଶ୍ୱସ୍ତରୀୟ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ସ୍ୱର୍ଣ୍ଣ ଜୟନ୍ତୀ ସଭାଗାର ପରିସରରେ କୋରଡେଟ୍ ସହଭାଗିତାରେ ଏକଦିନିଆ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ୍‌ର ବିଭିନ୍ନ ଗ୍ରାମ ପଂଚାୟତରୁ ଶତାଧିକ ପ୍ରଗତିଶୀଳ ପୁରୁଷ ଓ ମହିଳା ଏହି ଶିବିରରେ ଯୋଗ ଦେଇଥିଲେ । ଇଫକୋର ୟୁନିଟ୍ ହେଡ୍ ଅନିରୁଦ୍ଧ ସିଂହ ଏହି ଦିନିକିଆ ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ସୋଆ ବିଶ୍ୱବିଦ୍ୟାଳୟର ସିଆଇବିଆର ନିର୍ଦ୍ଦେଶକ ପ୍ରଫେସର ଡଃ. ଏଚ୍.ଏନ୍.ଥାଟୋଇ,ଜେନେରାଲ ମ୍ୟାନେଜର (ପୋର୍ଟ ଆଣ୍ଡ ଲଜିଷ୍ଟିକ) ବୀର କିଶୋର ମିଶ୍ର, ଡି.ଜି.ଏମ୍ (ପି ଆଣ୍ଡଏ) ବିଜୟ କୁମାର ପରିଡା, କୋରଡେଟ୍ ଅଧକ୍ଷ କୁଳମଣି ମାଝୀ,ଇଫକୋ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଜେନା ଯୋଗ ଦେଇ ଥିଲେ । ଇଫକୋର ନାନୋ ସାରର ଗୁରୁତ୍ୱ ଏବଂ ସ୍ଥାୟୀ, ପରିବେଶ ଅନୁକୂଳ ଓ ଜଳବାୟୁ-ସହନଶୀଳ କୃଷି କ୍ଷେତ୍ରରେ ଏକ ନୂଆ ସମ୍ଭାବନା ସୃଷ୍ଟି କରିଥିବା ନେଇ କୋରଡେଟ୍ ଅଧକ୍ଷ କୁଳମଣି ମାଝୀ ସ୍ୱାଗତ ଭାଷଣରେ ଉଲ୍ଲେଖ କରିଥିଲେ । ଇଫକୋର ନାନୋ ସାରର ଆଜି ସମଗ୍ର ଦେଶରେ କୃଷି ଓ କୃଷକମାନଙ୍କର ପ୍ରଥମ ପସନ୍ଦ ଭାବେ ଉଭା ହୋଇଥିବା ନେଇ ଇଫକୋ ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହ ଆଲୋକପାତ କରିଥିଲେ । ଶେଷରେ ଇଫକୋ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ପାର୍ଶ୍ୱ ସରକାରୀ ନାଳ ଅବରୋଧ ଅଭିଯୋଗ: ୩ମାସ ହେଲାଣି ପାଣିରେ ବୁଡି ରହିଛି ଗାଁ ରାସ୍ତା

ଖଇରା, ୧/୯ (ନି.ପ୍ର): ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମିରେ ଥିବା ନାଳକୁ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପୋତି ଦେବା କାରଣରୁ ବାଲେଶ୍ୱର ଜିଲା ଖଇରା ବ୍ଲକ ଡଗରପଡା ଗ୍ରାମ ପଞ୍ଚାୟତ ଅଧୀନ ବଡବାହାଦଲପୁର ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଟି ପାଣିରେ ବୁଡି ରହିଛି । ବିଶେଷ ଭାବରେ ତାରିଣୀ ମନ୍ଦିର ଛକ ଠାରୁ ପାଗଡା ପୋଲ ପର୍ଯ୍ୟନ୍ତ ରାସ୍ତାରେ ଗତ ୩ମାସ ଲଗାତାର ଜଳ ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଯାହା ଫଳରେ ଗ୍ରାମବାସୀ ମାନେ ଠିକରେ ଯିବା ଆସିବା କରି ପାରୁନାହାଁନ୍ତି । ଏ ସମ୍ପର୍କରେ ଏକ ଲିଖିତ ଅଭିଯୋଗ ଗ୍ରାମବାସୀ ମାନେ ଖଇରା ତହସିଲଦାର ଙ୍କୁ ପ୍ରଦାନ କରିଛନ୍ତି । ତୁରନ୍ତ ପୋତି ଦିଆଯାଇଥିବା ନାଳକୁ ଖୋଲି ଜଳ ନିଷ୍କାସନର ବ୍ୟବସ୍ଥା କରାନଗଲେ ସରପଞ୍ଚ ରତ୍ନାକର ଦଲେଇଙ୍କ ସମେତ ଅନ୍ୟ ଗ୍ରାମବାସୀ ଧାରଣାରେ ବସିବାକୁ ମନୋଜ କୁମାର ପତି,ରମାକାନ୍ତ ବାରିକ,ଜଗବନ୍ଧୁ ବେହେରା, ସନ୍ତୋଷ କୁମାର ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି । ପୂର୍ବରୁ ରାସ୍ତା କଡରେ ଥିବା ନାଳ ଦେଇ ଜଳ ରାସ୍ତା ଉପରୁ ସହଜରେ ନିଷ୍କାସନ ହୋଇ ପାରୁଥିଲା । ହେଲେ କିଛି ବ୍ୟକ୍ତି ନିଜ ସ୍ୱାର୍ଥପାଇଁ ନାଳକୁ ପୋତି ଦେବା କାରଣରୁ ଏବେ ରଜ ସଂକ୍ରାନ୍ତି ପାଖରୁ ବର୍ଷା ପାଣି କୃତିମ ବନ୍ୟାର ଭ୍ରମ ସୃଷ୍ଟି କରୁଛି । ଏଭଳି ପରିସ୍ଥିତିରେ ୪ଚକିଆ ଯାନ କି ବାଇକ ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇ ପଡୁଛି । ଅଙ୍ଗନଓ୍ୱାଡି ଓ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ର ମାନେ ଏହି ରାସ୍ତାରେ ଚାଲି ଚାଲି ଯିବାକୁ ଭୟ କରୁଛନ୍ତି । ଏ ସମ୍ପର୍କରେ ତହସିଲଦାର ଅନୁପ କୁମାର ବେହେରାଙ୍କ ପ୍ରତିକ୍ରିୟା ନେବାରେ ବର୍ଷା କମିଲେ ଜଳ ନିଷ୍କାସନ ବ୍ୟବସ୍ଥାକୁ ନିଶ୍ଚିତ କରାଯିବ ବୋଲି କହିଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ହାତକୁ ନିଆଯାଇଛି ଏବଂ ବର୍ଷା ପରେ କାମ ଆରମ୍ଭ ହେବ ବୋଲି ସମିତି ସଭ୍ୟ ବିଦ୍ୟାଧର ଦଳେଇ କହିଛନ୍ତି ।




## ବାଲେଶ୍ୱର ପୌରପାଳିକାର ୧୫୦ ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ



ବାଲେଶ୍ୱର, ୧/୯ (ନି.ପ୍ର): ବାଲେଶ୍ୱର ପୌରପାଳିକା ର ୧୫୦ ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଉତ୍ସବ ୨୦୨୬ ର ଦ୍ୱିତୀୟ ଦିନ । ସନ୍ଧ୍ୟା ୫.୦୦ ଘଟିକା ସମୟରେ ଅତିଥି ମାନଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ ଆଜିର କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା । ଆଜିକାର ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇଥିଲେ । ମାନ୍ୟବର ଅଧକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ତାଙ୍କ ସହିତ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ସିରିଆଲ ପଟେଲ, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପଣ୍ଡା ଏବଂ ବାଲେଶ୍ୱର ସହରର କାଉନସିଲର ମାନେ ମଞ୍ଚାସିନ ଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ନାଗରିକଙ୍କ ନିକଟରେ ପ୍ରଶାସନ ଓ ମୌଳିକ ସେବା ପହଞ୍ଚାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ନଗରାଞ୍ଚଳର ସୁପରିଚାଳନା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ଓ ଆଲୋକୀକରଣ, ନାଗରିକ ସୁବିଧା ଏବଂ ନଗରର ସାମଗ୍ରିକ ବିକାଶରେ ପୌରପାଳିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**AFFIDAVIT**

By virtue of an affidavit before the executive Magistrate Basudevpur, I Sanjit Kundu, S/o Ghanashyam Kundu residing At/po-Patnamishrapur, P.s-Naikanidihi, Dist-Bhadrak, Pin code-756130 declare that I, wholly renounce, relinquish and abandon the use of my former name of my minor son (old name) Swadin Kundu and in place thereof assume from the date hereof the name of such minor as (new name) Swadhin Kundu. I will be known as Swadhin Kundu for all purposes.

**Sanjit Kundu**

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida